

ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-201 ♦FRIDAY ♦16 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୦୧ ♦ଶୁକ୍ରବାର ♦୧୬ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ମଧ୍ୟପ୍ରାଚ୍ୟ ଦେଶରୁ ସେନା ହଟାଇଲେ ଟ୍ରମ୍ପ୍

■ ୱାସିଂଟନ, ୧୫ ।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ୍ୟ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି ଆମେରିକା ସେନା। ଆକ୍ରମଣ ପୂର୍ବରୁ ଇରାନ ପଡ଼ୋଶୀ ଦେଶରେ ମୁତୟନ ଏହାର ସେନାକୁ ଆମେରିକା ପ୍ରତ୍ୟାହାର କରୁଥିବା ଜଣାପଡ଼ିଛି। କାରଣ ଏହି ସେନା ଉପରେ ଆକ୍ରମଣ କରିବାକୁ ଇରାନ ଧମକ ଦେଇଥିଲା।

ଆମେରିକା ଓ ଇରାନ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଥିବାରୁ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଇରାନ ବର୍ତ୍ତମାନ ପାଇଁ ଏହାର ଆକାଶ ସୀମାକୁ ସମସ୍ତ ବିମାନ ସେବା ପାଇଁ ବନ୍ଦ କରିଦେଇଛି। ଏହାସହିତ ଏହା ଉପରେ ଆକ୍ରମଣ ପାଇଁ ସାହାସ ନକରିବା ଲାଗି ଆମେରିକାକୁ ଚେତାବନୀ ମଧ୍ୟ ଦେଇଛି ଇରାନ। ଆକ୍ରମଣ ହେଲେ ଇରାନ ଏହାର କଡ଼ା ଜବାବ ଦେବ ବୋଲି କହିଛି। ଯାହା ଲାଗୁଛି ଆମେରିକା-ଇରାନ ଯୁଦ୍ଧ ନିଶ୍ଚିତ। ଏହାକୁ ଦୃଷ୍ଟିରେ ରଖି ଭାରତ ସମେତ ଅନେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଇରାନରୁ ଫେରାଇ ଆଣିବାରେ ଲାଗିଛନ୍ତି।

**ଭେନେଜୁଏଲା ଆକ୍ରମଣ ପୂର୍ବରୁ ସମାନ ଢଙ୍ଗରେ ଅବରୋଧ କରାଯାଇଥିଲା**

**ଆକାଶ ସୀମା ବନ୍ଦ କଲା ଇରାନ**



ଅନ୍ୟପକ୍ଷରେ ଇରାନ ଚେତାବନୀକୁ ଖାତିର ନକରି ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ▸ପୃଷ୍ଠା-୭

## ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



■ ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସରଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

**ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ**

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ**

**ଇଡି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ଉପରେ ରୋକ୍**

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▸ପୃଷ୍ଠା-୭

**ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ**

# ବିଜେଡିରୁ ନିଲମ୍ବିତ ହେଲେ ବିଧାୟକ ସନାତନ, ଅରବିନ୍ଦ

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ୍ୟ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ▸ପୃଷ୍ଠା-୭





**ଦଳୀୟ ଶୃଙ୍ଖଳାଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା**

**କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ**

**ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର**

**ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର**

## ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

# ୧୬୩ ଧାରା ଜାରି; ଇଣ୍ଟରନେଟ୍ ବନ୍ଦ

■ ରାଉରକେଲା, ୧୫।୧ (ସମିସ): ଗୋମାଂସ ମହଜୁଦ ଖବରକୁ ନେଇ ଗୁରୁବାର ସୁନ୍ଦରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ଇଟା ପଥର ମାଡ଼ ହେବାରୁ ଅନ୍ୟ ଗୋଷ୍ଠୀ ସହ ପ୍ରଥମେ ଉଚ୍ଚବାଚ ଓ ପରେ ସଂଘର୍ଷ ଘଟିଥିଲା। ଏଥିରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ)ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସଂଧ୍ୟା ୬ଟାରୁ ଶୁକ୍ରବାର ସଂଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦକରି ଦିଆଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସହ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

ସୂଚନା ମୁତାବକ, ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇଥିଲା। ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇ ଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଖବରପାଇ ତୁରନ୍ତ ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରର ସମସ୍ତ ଦୋକାନବଜାର, ବସ୍‌ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଛି। ତୁରନ୍ତ ଏକ ଶାନ୍ତି କମିଟି ଗଠନ କରି ବୈଠକ ଡାକିବାକୁ ଏସପିଙ୍କୁ ଡିଆଇଜି ଶ୍ରୀ ରାଏ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ଘଟଣା ଯେପରି ସୋସିଆଲ ମିଡିଆରେ ନ ବ୍ୟାପିବ ସେଥିପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି।



**ଇଟା, ପଥର ମାଡ଼ ଓ ଭଙ୍ଗାରୁଜା**

**୪ ପୁଲିସ ସମେତ ୧୦ ଆହତ**

# ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫ ।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ୍ୟ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ପଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ୍ୟ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।

# ମଉଳି ଯାଉଛି ସମ୍ବଲପୁରରେ ଦ୍ୱିତୀୟ ଏମ୍‌ସ ଆଶା

■ ସମ୍ବଲପୁର, ୧୫।୧ (ସମିସ): ସମ୍ବଲପୁରଠାରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା କେବଳ ଘୋଷଣାରେ ସୀମିତ ରହିଛି। ସରକାର ଗତ ନିର୍ବାଚନ ସମୟରେ ଏବଂ ପରେ ସମ୍ବଲପୁରଠାରେ ଏହାକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ସରକାର ଆସିବାର ପ୍ରାୟ ୧୮ ମାସ ପରେ ବି ଏମ୍‌ସକୁ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଛି। ଧିରେ ଧିରେ ମଉଳି ଯାଉଛି ଅଞ୍ଚଳବାସୀଙ୍କ ଏମ୍‌ସ ଆଶା।

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ଉପାନ୍ତ ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। ତେବେ, ତାହା ସ୍ୱୟଂସମ୍ପୂର୍ଣ୍ଣ ହୋଇପାରୁନାହିଁ। ଜନସାଧାରଣଙ୍କୁ ଭୁବନେଶ୍ୱର, କଟକ ସମେତ ରାୟପୁର, ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡୁଛି। ପଶ୍ଚିମ ଓଡ଼ିଶା ସକାଶେ ଏକ ସୁପର୍ ସ୍ପେଶାଲିଟି ଏବଂ ଜାତୀୟସ୍ତରର ହସପିଟାଲ୍‌ର ଆବଶ୍ୟକତା ରହିଛି। ଗତ ୨୦୨୪ ନିର୍ବାଚନ ସମୟରେ ବିଜେପି ଦଳ ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଣି କେନ୍ଦ୍ର ଓ ରାଜ୍ୟରେ ସମାନ ଦଳର ସରକାର ରହିଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀ ଶୀଘ୍ର ଏମ୍‌ସ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶାପ୍ରକାଶ କରିଥିଲେ। ଏଭଳି ଅନୁଷ୍ଠାନ ସ୍ଥାପନ ହେବାର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ବ୍ୟବସ୍ଥିତ ହେବାକୁ ସମୟ ଲୋଡ଼ା ହୋଇଥାଏ।

ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘଦିନ ହେଲା ଲାଗିରହିଛି। ଏକମାତ୍ର ଭରସା ବୁର୍ଲାସ୍ଥିତ ଭିମସାର୍‌ରେ ରୋଗୀମାନେ ନିର୍ଭର କରୁଥିବାବେଳେ ସଙ୍କଟାପନ୍ନ ରୋଗୀ, ଦୁର୍ଘଟଣା ଗ୍ରସ୍ତଙ୍କ ପାଇଁ ଭିମ୍‌ସାର କେବଳ ଏକ ରେଫରାଲ ଡାକ୍ତରଖାନା ପାଲଟିଛି। ଏପରିସ୍ଥଳେ ରାଜ୍ୟ ସରକାର ସମ୍ବଲପୁରରେ ଏମ୍‌ସ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଅବସରରେ ସମ୍ବଲପୁର ଗସ୍ତ ସମୟରେ ରାଜ୍ୟର ଦ୍ୱିତୀୟ ଏମ୍‌ସ ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାପରେ ଗତବର୍ଷ ନଭେମ୍ବର ୨୪ ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଆୟୋଜିତ ପଶ୍ଚିମ ଓଡ଼ିଶା ୨୦ଘର କେଉଁଟ କୁଟୁମ୍ବ ବନ୍ଧୁମିଳନ ସମାରୋହରେ ଯୋଗଦେବା ଅବସରରେ କହିଥିଲେ, ସମ୍ବଲପୁରେ ରାଜ୍ୟର ଦ୍ୱିତୀୟ ଏମ୍ସ ହେବାକୁ ଯାଉଛି। ସରକାରୀ ରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭୂମି ଚିହ୍ନଟ, ମାପଚୁପ ଆଦି ଆନୁସଙ୍ଗିକ କାର୍ଯ୍ୟ ଚାଲିଛି, ଆପଣଙ୍କୁ ଶୀଘ୍ର ସୁଖବର ମିଳିବ ବୋଲି କହିଥିଲେ। କିନ୍ତୁ ତାହାର ୧୪ ମାସ ପରେ ବି ଏଥିପାଇଁ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଏମ୍‌ସ ▸ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in





ସକାଳ
www.sakalaepaper.com

## ଖାମେନେଇଙ୍କ ସମର୍ଥନରେ କାର୍ଗିଲ, ଲାଲ୍ ଚୌକରେ ସିଆ ସମ୍ପ୍ରଦାୟର ଶୋଭାଯାତ୍ରା

କାର୍ଗିଲ, ୧୫ ।୧(ଏଜେନ୍ସି): ଜମ୍ମୁ-କଶ୍ମୀର ତଥା ଲଦାଖର କାର୍ଗିଲରେ ଇରାନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇଙ୍କ ସମର୍ଥନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ବୁଧବାର ଆୟୋଜିତ ଏହି ରାଲିରେ ସିଆ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇଥିଲେ । ଇମାମ ଖୋମେନି ମେମୋରିଆ ଟ୍ରଷ୍ଟ (ଆଇକେଏମ୍‌ଟି) ଦ୍ୱାରା ଆୟୋଜିତ ଏହି ରାଲି ।ରେ ପ୍ରଦର୍ଶନକାରୀମାନେ ଭାରତ ଓ ଇରାନ ପତାକା ଧରି ଖାମେନେଇ ସମର୍ଥନରେ ସ୍ଲୋଗାନମାନ ଦେଇଥିଲେ । ଆମେରିକା ଓ ଇସ୍ରାଏଲର ବୈଦେଶିକ ନୀତିକୁ ବିରୋଧ କରାଯିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ରାସ୍ତାରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପ୍ରତୀକାତ୍ମକ ଶବଧାରା ମଧ୍ୟ ରଖାଯାଇଥିଲା । ଏହି ରାଲି ଜାମିଆ ମସଜିଦ, ଜୈନାବିୟା ଚୌକ ଓ ଲାଲ ଚୌକ ଦେଇ ଅତିକ୍ରମ କରି ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଥିଲା ।

## ଦୁଇ ପୁଅଙ୍କ ହତ୍ୟା ଅଭିଯୋଗରେ ଆମେରିକାରେ ଭାରତୀୟ ମହିଳା ଗିରଫ



ନ୍ୟୁୟର୍କ, ୧୫ ।୧(ଏଜେନ୍ସି): ଆମେରିକାର ନ୍ୟୁଜର୍ସିରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ନିଜ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି । ଏହି ମହିଳା ହେଉଛନ୍ତି ୩୫ ବର୍ଷୀୟା ପ୍ରିୟଦର୍ଶିନୀ ନଟରାଜନ । ସେ ନ୍ୟୁଜର୍ସିର ହିଲ୍ସବରୋ ଟାଉନସିପ୍‌ର ବାସିନ୍ଦା । ତାଙ୍କ ଦୁଇ ପୁଅଙ୍କ ବୟସ ଯଥାକ୍ରମେ ୫ ଓ ୭ ବର୍ଷ । ଗତ ଜାନୁଆରୀ ୧୩ରେ ପିଲାମାନଙ୍କ ବାପା ଅର୍ଥାତ ପ୍ରିୟଦର୍ଶିନୀଙ୍କ ସ୍ୱାମୀ ଅଫିସରୁ ଫେରିବା ପରେ ଦୁଇ ପୁଅଙ୍କୁ ଶୋଇବା ଘରେ ଅଚେତ ଅବସ୍ଥାରେ ପାଇଥିଲେ । ପୁଲିସ ଓ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପ୍ରିୟଦର୍ଶିନୀଙ୍କ ବିରୋଧରେ ଦୁଇଟି ମର୍ଡର ଓ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଦାଏର କରାଯାଇଛି । ଏବେ ତାଙ୍କୁ ଗିରଫ କରାଯାଇ ସୋମରସେଟ କାଉଣ୍ଟି ଜେଲ୍‌ରେ ରଖାଯାଇଛି । ଦୁଇ ପିଲାଙ୍କ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ କରାଯାଉଛି । ଅଧିକ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## କେରଳ ସାଇ ହଷ୍ଟେଲରେ ୨ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର


କୋଲାମ, ୧୫ ।୧(ଏଜେନ୍ସି): କେରଳ କୋଲାମସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ହଷ୍ଟେଲ୍‌ରେ ଦୁଇଜଣ ତାଲିମପ୍ରାପ୍ତ ନାବାଳିକା କ୍ରୀଡ଼ାବିତ୍‌ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ଏହାକୁ ଅସ୍ୱାଭାବିକ୍ ମୃତ୍ୟୁ ଭାବେ ମାମଲା ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିଛି । ଏହି ଦୁଇ ମୃତକ ମହିଳା କ୍ରୀଡ଼ାବିତ୍ ହେଲେ କୋଝିକୋଡ଼ ଜିଲ୍ଲାର ୧୭ ବର୍ଷୀୟା ସାନ୍ଦ୍ରା ଓ ତିରୁଅନନ୍ତପୁରମ ଜିଲ୍ଲାର ୧୫ ବର୍ଷୀୟା ବୈଷ୍ଣବୀ । ସାନ୍ଦ୍ରା ଜଣେ ତାଲିମପ୍ରାପ୍ତ ଆଥଲେଟିକ୍ସ ଥିବା ବେଳେ ବୈଷ୍ଣବୀ କବାଡ଼ି ଖେଳାଳି ଥିଲେ । ଗୁରୁବାର ସକାଳ ୫ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏହି ଦୁଇଜଣ ତାଲିମ ପାଇଁ ଉପସ୍ଥିତ ହୋଇ ନଥିଲେ । ହଷ୍ଟେଲ କର୍ତ୍ତୃପକ୍ଷ ବାରମ୍ବାର କବାଟ ବାଡ଼େଇବା ପରେ ଉତ୍ତର ମିଳିନଥିଲା । ଫଳରେ କବାଟ ଭାଙ୍ଗି ଭିତରକୁ ଯିବା ପରେ ଦୁଇଜଣଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ ବୋଲି ପୁଲିସ କହିଛି । ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ଇରାନ ଆକାଶରେ ଇଣ୍ଡିଗୋ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ତେହେରାନ କର୍ତ୍ତୃପକ୍ଷ ଜାନୁଆରୀ ୧୫ରେ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଥିଲା । ଏଭଳି ସ୍ଥିତିରେ ଇରାନ ଆକାଶମାର୍ଗ ବନ୍ଦ ହେବାର ମାତ୍ର କିଛି ମିନିଟ ପୂର୍ବରୁ ଇଣ୍ଡିଗୋ ବିମାନ ୬ଇ ୧୮୦୮ ଜର୍ଜିଆର ତିବିଲିସ୍‌ରୁ ଦିଲ୍ଲୀ ଆସୁଥିଲା । ଗୁରୁବାର ପ୍ରାୟ ଭୋର ୨.୩୫ ମିନିଟରେ ଏହି ବିମାନ ଇରାନର ଆକାଶମାର୍ଗ ଅତିକ୍ରମ କରିଥିଲା । ଏହାର ମାତ୍ର କିଛି ମିନିଟ୍ ପରେ ଅର୍ଥାତ ଭୋର ୩ଟାରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଥିଲା । ଇରାନ ଏହି ପଦକ୍ଷେପ ଯୋଗୁଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡାଣ ପ୍ରଭାବିତ ହୋଇଛି । ଇଣ୍ଡିଗୋର ବାକୁ- ଦିଲ୍ଲୀ ବିମାନକୁ ଅଧାବାଟରୁ ଫେରିବାକୁ ପଡ଼ିଥିଲା । ବିମାନଗୁଡିକ ବିକଳ୍ପ ରୁଟ୍‌ରେ ଯାଉଥିବାରୁ ଉଡ଼ାଣ ବିଳମ୍ବ କିମ୍ବା ବାତିଲ ହେବାର ସମ୍ଭାବନା ରହିଛି ।

## ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): ଜାନୁଆରୀ ୨୬ରେ ଭାରତ ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଉତ୍ସବରେ ଯୋଗ ଦେବାକୁ ଥିବା ମୁଖ୍ୟ ଅତିଥିଙ୍କ ନାମ ଘୋଷଣା କରାଯାଇଛି ।



ୟୁରୋପୀୟ ସଙ୍ଘ (ଇୟୁ) ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଓ ୟୁରୋପୀୟ କମିସନ ଅଧ୍ୟକ୍ଷା ଉର୍ସୁଲା ଭାନ ଡେର ଲେଏନ୍ ଏଥର ମୁଖ୍ୟ ଅତିଥିଭାବେ ।ହେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି । ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ, ଭାରତ ଓ ୟୁରୋପୀୟ ସଙ୍ଘ ୨୦୦୪ରୁ ରଣନୈତିକ ଅଂଶୀଦାର ରହିଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ନେତାଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି । ଏହି ନେତାମାନେ ଜାନୁଆରୀ ୨୭ରେ ୧୬ତମ ଭାରତ- ୟୁରୋପୀଆନ ୟୁନିୟନ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ ।

## ଶ୍ରୀନଗରରେ ବିୟୁକ୍ତ ୫.୨ ଡିଗ୍ରୀ, 'ଡାଲ୍'ରେ ଜମିଲା ବରଫ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀରରେ ଗତ କିଛିଦିନ ଧରି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି । ଏହି କାରଣରୁ ଡାଲ ହ୍ରଦ ସମେତ କଶ୍ମୀର ଅନ୍ୟାନ୍ୟ ଜଳ ଉତ୍ସଗୁଡିକ ବରଫରେ ପରିଣତ ହୋଇଛି । ଗୁରୁବାର ରାଜଧାନୀ ଶ୍ରୀନଗରର ତାପମାତ୍ରା ବିୟୁକ୍ତ ୫.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେପଟେ ରାଜସ୍ଥାନର ତାପମାତ୍ରା ମଧ୍ୟ ଶୂନ ତଳକୁ ଖସିଛି । ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୩ ଡିଗ୍ରୀ ରେକର୍ଡ କରାଯାଇଛି । ସିକରର ଫତେପୁରରେ ସର୍ବନିମ୍ନ ତାପମାତ୍ରା ୦.୨ ଡିଗ୍ରୀ ରେକର୍ଡ କରାଯାଇଛି । ଜାନୁଆରୀ ୧୯ରେ ରାଜ୍ୟରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି । ପାର୍ବତ୍ୟାଞ୍ଚଳରୁ ପ୍ରବାହିତ ଥଣ୍ଡା ପବନ ଯୋଗୁଁ ହରିୟାଣାରେ ଶୀତ ବୃଦ୍ଧି ପାଇଛି । ଏହି ରାଜ୍ୟରେ ୮ଟି ଜିଲ୍ଲାରେ ପାରଦ ୮ ଡିଗ୍ରୀକୁ ଖସିଛି । ହିସାରର ପୂର୍ବ ଦୁଇବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି ଓ ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀ ରେକର୍ଡ କରାଯାଇଛି । ପୂର୍ବରୁ ହିସାରରେ ସର୍ବନିମ୍ନ ତାପମାତ୍ରା ୨୦୨୫ ଜାନୁଆରୀ ୧୫ରେ ୩.୫ ଓ ୨୦୨୪ ଡିସେମ୍ବର ୧୬ରେ ୧.୧ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ଉତ୍ତରାଖଣ୍ଡର ହରିଦ୍ୱାର ଓ ଉଦ୍ଧମ ସିଂହ ନଗରରେ ପ୍ରବଳ ଥଣ୍ଡା ଯୋଗୁଁ ଗୁରୁବାର ଦିନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି । ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚାମୋଲୀ ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ସତର୍କତା ଜାରି କରାଯାଇଛି । ନଦୀ ଓ ଜଳପ୍ରପାତଗୁଡିକ ଜମାଟ ବାନ୍ଧିଛି ।

## ମକର ସଂକ୍ରାନ୍ତି: ପ୍ରୟାଗରାଜରେ ୯୧ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ଉତ୍ସାହରେ ପବିତ୍ର ମକର ସଂକ୍ରାନ୍ତି ପାଳନ କରାଯାଇଛି । ସକାଳୁ ଲକ୍ଷ ଲକ୍ଷ ଲୋକ ଗଙ୍ଗା, ଯମୁନା, ନର୍ମଦା ଭଳି ପ୍ରମୁଖ ନଦୀକୂଳରେ ପବିତ୍ର ବୁଡ଼ ପକାଇଛନ୍ତି । ପ୍ରୟାଗରାଜରେ ମାଘମେଳାର ମକର ସଂକ୍ରାନ୍ତି ସ୍ନାନ ଉତ୍ସବ ଥିଲା । ତ୍ରିବେଣୀ ସଙ୍ଗମରେ ସନ୍ଧ୍ୟା ସୁଦ୍ଧା ୯୧ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି । ଆଜି ପାଖାପାଖି ଦେଢ଼ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିବା ଆଶା କରାଯାଉଛି । ଏହି ସଂକ୍ରାନ୍ତିରେ ଗୁଡ଼ି ଉଡାର ପରମ୍ପରା ରହିଛି । ଗୁଡ଼ି ଉଡାଇବା ଘଟଣାରେ ଦୁଇ ଦିନ ମଧ୍ୟରେ ଏପର୍ଯ୍ୟନ୍ତ ୧୭ ଜଣ ମୃତ୍ୟୁବରଣ କରିଛନ୍ତି । ଗୁଜରାଟରେ ୯, ରାଜସ୍ଥାନରେ ୬, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଜଣେ ଲେଖାଏ ଲୋକ ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ବାରାଣାସୀ ଘାଟ ଓ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ସ୍ନାନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ପଞ୍ଜାବରେ ଅମୃତସରରେ ବହୁ ସଂଖ୍ୟାରେ ଲୋକ ସଚଖଣ୍ଡ ଶ୍ରୀ ଦରବାର ସାହିବରେ ବହୁ ସଂଖ୍ୟକ ଭକ୍ତ ବୁଡ଼ ପକାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ଗାଇମାନଙ୍କୁ ଖାଦ୍ୟ ଖୁଆଇ ଥିଲେ । ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ମହାକାଳଙ୍କୁ ତିଳ ତେଲରେ ଅଭିଷେକ କରାଯାଇଥିଲା । ଭସ୍ମ ଆରତୀରେ ତିଳ ଅର୍ପଣ କରାଯାଇଥିଲା ଓ ତିଳ ଲଡ୍ଡୁ ପ୍ରସାଦ ଭାବେ ଅର୍ପଣ କରାଯାଇଥିଲା ।

# ପାକିସ୍ତାନ, ବାଂଲାଦେଶ ସମେତ ୭୫ଟି ଦେଶର ଭିସା ବନ୍ଦ କଲେ ଟ୍ରମ୍ପ



ୱାଶିଂଟନ, ୧୫ ।୧(ଏଜେନ୍ସି): ଆମେରିକା ଜାନୁଆରୀ ୨୧ରୁ ପାକିସ୍ତାନ ଓ ବାଂଲାଦେଶ ସମେତ ୭୫ଟି ଦେଶର ଭିସା ସେବା ପ୍ରକ୍ରିୟା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି । ଫକ୍ସ ନ୍ୟୁଜ୍ ଅନୁଯାୟୀ, ଆମେରିକା ବୈଦେଶିକ ବିଭାଗର ଏକ ମେମୋ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାକୁ ଆସୁଥିବା ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ଆମେରିକା ବୈଦେଶିକ ବିଭାଗ କହିଛି ଯେ, ଏହା ଏବେ ଆମେରିକାକୁ ଆସିବା ପରେ ସରକାରୀ ସହାୟତା କିମ୍ବା କଲ୍ୟାଣ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ ହେବାର ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କୁ ଭିସା ସେବା ସ୍ଥଗିତ ରଖିବା ପାଇଁ ଏହାର ଆଇଗତ କ୍ଷମତା ବ୍ୟବହାର କରିବ । ସ୍କ୍ରିନିଂ ଓ ଯାଞ୍ଚ ପ୍ରକ୍ରିୟାର ପୁନଃ ମୂଲ୍ୟାୟନ ନହେବା ପର୍ଯ୍ୟନ୍ତ ଆମେରିକୀୟ ଦୂତାବାସ ଓ କନ୍‌ସୁଲାର ଅଧିକାରୀମାନଙ୍କୁ ଭିସା ଆବେଦନଗୁଡିକୁ ପ୍ରତ୍ୟାଖାନ କରିବାକୁ କୁହାଯାଇଛି । ତେବେ ଏହି ସ୍ଥଗିତାଦେଶ କେତେ ସମୟ ପାଇଁ ରହିବ ସେ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ୭୫ଟି ଦେଶର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ଭାରତର ୬ଟି ପଡୋଶୀ ଦେଶ ସାମିଲ ରହିଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ

- ତାଲିକାରେ ଭାରତର ୬ଟି ପଡୋଶୀ ଦେଶ
- ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ

ପାକିସ୍ତାନ । ଏହି ତାଲିକାରେ ଏସିଆ, ଆଫ୍ରିକା, ୟୁରୋପ, କ୍ୟାରିବିୟାନ, ଉତ୍ତର ଓ ଦକ୍ଷିଣ ଆମେରିକାର ଏକାଧିକ ଦେଶ ଅନ୍ତର୍ଭୁକ୍ତ ।

ଟ୍ରମ୍ପ ପ୍ରଶାସନ ଆମେରିକୀୟ ପ୍ରବାସ ବ୍ୟବସ୍ଥାର ଅପବ୍ୟବହାର ବନ୍ଦ କରିବାକୁ ଓ ଆମେରିକୀୟ ଜନସାଧାରଣଙ୍କ ପାଣ୍ଠିର ଶୋଷଣକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛି । ତେବେ ଏହି ନୂଆ ନିଷ୍ପତ୍ତି ପର୍ଯ୍ୟଟକ, ବ୍ୟବସାୟ କିମ୍ବା ଅନ୍ୟ ଅସ୍ଥାୟୀ ଭିସାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି । ଏଥିରେ ଚଳିତ ବର୍ଷ ଫୁଟବଲ ବିଶ୍ୱକପ୍ ଦେଖିବାକୁ ଯାତ୍ରା କରିବାକୁ ଥିବା ବ୍ୟକ୍ତିମାନେ ମାନେ ମଧ୍ୟ ଅନ୍ତର୍ଭୁକ୍ତ । ତଥାପି, ସମସ୍ତ ଭିସା ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମୀକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ କରିଛି । ଟ୍ରମ୍ପ ଅଣ-ୟୁରୋପୀୟ ଦେଶଗୁଡିକର ପ୍ରବାସ ହ୍ରାସ କରିବାକୁ ଚାହୁଁଛନ୍ତି । ଆମେରିକା ପ୍ରବାସ ଉପରେ କ୍ରମାଗତ କଠୋର ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହେଉଛି ।

## ଗୋଲ୍‌ଡେନ୍ ଡୋମ୍ ପ୍ରକଳ୍ପ ପାଇଁ ଗ୍ରୀନ୍‌ଲାଣ୍ଡ ଆବଶ୍ୟକ: ଆମେରିକା

ୱାଶିଂଟନ, ୧୫ ।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଆମେରିକାରେ ମିଶାଇବା ନେଇ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି । ଏ ନେଇ କିଛି ନା କିଛି ସମାଧାନ ମିଳିଯିବ ବୋଲି ସେ କହିଛନ୍ତି । ଟ୍ରମ୍ପ ଗ୍ରୀନଲାଣ୍ଡକୁ ଗୋଲଡେନ୍ ଡୋମ ନାମକ ଏକ ପ୍ରମୁଖ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଛନ୍ତି । ଗୋଲଡେନ ଡୋମ ହେଉଛି ଇସ୍ରାଏଲର ଆଇରନ୍ ଡୋମ୍ ଦ୍ୱାରା ଅନୁପ୍ରାଣିତ ଏକ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପ । ଚୀନ ଓ ରୁଷ ଭଳି ଦେଶଗୁଡିକରୁ ଆମେରିକାକୁ ରକ୍ଷା କରିବା ପାଇଁ ଗୋଲଡେନ ଡୋମ୍‌ର ଲକ୍ଷ୍ୟ ରହିଛି । ଆମେରିକା, ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ଅଧିକାରୀମାନଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ପରେ ଟ୍ରମ୍ପଙ୍କ ଏହି ବିବୃତି ଦେଇଛନ୍ତି । ତେବେ ବୈଠକରେ କୌଣସି ପ୍ରମୁଖ ଚୁକ୍ତି ହୋଇନାହିଁ । ବୈଠକରେ ପରେ ଗ୍ରୀନ୍‌ଲାଣ୍ଡ ବୈଦେଶିକ ମନ୍ତ୍ରୀ ଭିଭିଆନ ମୋଟୋଜଫେଲ୍ଡ କହିଛନ୍ତି ଯେ, ସେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବାକୁ ଆଶା କରୁଛନ୍ତି । କିନ୍ତୁ ଗ୍ରୀନଲାଣ୍ଡ ଉପରେ ଆମେରିକାର କୌଣସି ନିୟନ୍ତ୍ରଣକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେରିକା ସହିତ ସହଯୋଗ ସୁଦୃଢ କରିବାକୁ ଆମେ ପ୍ରସ୍ତୁତ । କିନ୍ତୁ ଏହାର ଅର୍ଥ ନୁହଁ ଯେ, ଆମେ ଆମେରିକାର ଦାସ ହେବାକୁ ଚାହୁଁ ବୋଲି ସେ କହିଛନ୍ତି । ସେପଟେ ଏହି ମାମଲାରେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାକୁ ଗ୍ରୀନଲାଣ୍ଡ ଦେବା ପାଇଁ ନାଟୋ ସାହାଯ୍ୟ କରିବା ଉଚିତ । ତେବେ ଗ୍ରୀନ୍‌ଲାଣ୍ଡକୁ ନେଇ ଚର୍ଚ୍ଚା କରିବାକୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରିବାକୁ ସମମତି ପ୍ରକାଶ ପାଇଛି ।



## ଆଜି ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ର ଇରାନରୁ ଫେରିବେ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ, ହିଂସାତ୍ମକ ପ୍ରଦର୍ଶନ, ସୁରକ୍ଷା ତଥା ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେଠାରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ସୁରକ୍ଷା ଓ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଭାରତ ସରକାର ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଏହିକ୍ରମରେ ଇରାନରୁ ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ରମାନେ ଶୁକ୍ରବାର ଦେଶକୁ ଫେରିବେ ବୋଲି ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ତରଫରୁ କୁହାଯାଇଛି । ତେବେ ଏ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ତରଫରୁ କୌଣସି ସୂଚନା ଦିଆଯାଇନାହିଁ । ଇରାନରେ ପାଖାପାଖି ୧୦, ୦୦୦ ଭାରତୀୟ ଛାତ୍ର ଫସି ରହିଛନ୍ତି । ଇରାନର ପରିସ୍ଥିତି ଓ ଛାତ୍ରମାନଙ୍କୁ ଆଣିବା ପାଇଁ ଜାମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି । ଫସି ରହିଥିବା ଛାତ୍ରଙ୍କୁ ଭାରତ ଆଣିବା ପାଇଁ ଆଶ୍ୱାସନା ଦିଆଯାଇଛି । ଇରାନରେ ବର୍ତ୍ତମାନ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ଯାତାୟାତ ମାଧ୍ୟମରେ ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତଙ୍କୁ ବିକ୍ଷୋଭ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଇରାନରେ ରହୁଥିବା ସବୁ ଭାରତୀୟଙ୍କୁ ଯଦି କରି ନଥିବେ, ତେବେ ଭାରତୀୟ ଦୂତାବାସରେ ନିଜର ପଞ୍ଜୀକରଣ କରାଇବାକୁ କୁହାଯାଇଛି । ଅଧିକାଂଶ ଭାରତୀୟ ଛାତ୍ର ଇରାନ୍‌ର ଗୋଲଷ୍ଟାନ ବିଶ୍ୱବିଦ୍ୟାଳୟ, ସହିଦ ବେହେସ୍ତି ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ, ତେହେରାନ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ପଢୁଛନ୍ତି ।

## ଆମେରିକାର ଧମକ ପରେ ନରମିଲା ଇରାନ


ୱାଶିଂଟନ/ ତେହେରାନ, ୧୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ତଥା ଫାଶୀ ଦେବାର ନିଷ୍ପତ୍ତିରୁ ଓହରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବୁଧବାର କହିଛନ୍ତି ଯେ, ଇରାନରେ କୌଣସି ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର ଯୋଜନା ନାହିଁ । ସେପଟେ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ପ୍ରଦର୍ଶନକାରୀଙ୍କ ହତ୍ୟା ବନ୍ଦ ହୋଇଛି । ପୂର୍ବରୁ ଇରାନ ସରକାର ଆନ୍ଦୋଳନକାରୀଙ୍କ ଦ୍ରୁତ ବିଚାର ଓ ଶୀଘ୍ର ମୃତ୍ୟୁଦଣ୍ଡ ଦେବାକୁ ଘୋଷଣା କରିଥିଲା । ବୁଧବାର ଇରାନ ୨୬ ବର୍ଷୀୟ ବିକ୍ଷୋଭକାରୀ ଏରଫାନ ସୋଲତାନିଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା । ଏହାପରେ ଟ୍ରମ୍ପ ଇରାନକୁ କଡ଼ା ଜବାବ ଦେବାକୁ ଧମକ ଦେଇଥିଲେ । ଯଦି ସେମାନେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଟ୍ରମ୍ପ ଧମକ ଦେଇ କହିଥିଲେ । ପୂର୍ବରୁ ମଧ୍ୟ ଇରାନ ସରକାର ଟ୍ରମ୍ପଙ୍କ ବିରୋଧରେ ସିଧାସଳଖ ହତ୍ୟା ଧମକ ଦେଇଥିଲେ ।

## ମହାରାଷ୍ଟ୍ର ପୌର ନିର୍ବାଚନ: ବିଜେପି ମେଣ୍ଟ ଆଗୁଆ

ମୁମ୍ବଇ, ୧୫ ।୧(ଏଜେନ୍ସି): ମହାରାଷ୍ଟ୍ରର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି । ୨୯ଟି ପୌର ପରିଷଦ ପାଇଁ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ମତଦାନ ହୋଇଥିଲା । ମୋଟ୍ ୮୯୩ ୱାର୍ଡର ୨, ୮୬୯ ଆସନ ପାଇଁ ୧୫, ୯୩୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରାଥମିକ ରିପୋର୍ଟ ଅନୁସାରେ, ମତଦାନ ଶେଷ ହେବା ବେଳକୁ ଭୋଟ ହାର ପାଖାପାଖି ୫୦ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି । ମହାରାଷ୍ଟ୍ରର ପ୍ରମୁଖ ସହର ମୁମ୍ବଇ (ବିଏମ୍‌ସି), ପୁଣେ, ନାଶିକ ଓ କୋହ୍ଲାପୁର ଭଳି ପ୍ରମୁଖ ସହର ସମେତ ଛୋଟଛୋଟ ସହରଗୁଡିକରେ ମଧ୍ୟ ମତଦାନ ହୋଇଥିଲା । ୧୬ ତାରିଖ ଅର୍ଥାତ ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶିତ ହେବ । ଏକ୍ସିଟ ପୁଲ୍ ଅନୁସାରେ ବିଜେପି ନେତୃତ୍ୱାଧୀନ ମହାୟୁତି (ବିଜେପି- ସିଣ୍ଡେ ଶିବସେନା- ଅଜିତ ପାୱାର ଏନ୍‌ସିପି) ମେଣ୍ଟ ଆଗରେ ରହିଥିବା ଆକଳନ କରାଯାଇଛି । ପ୍ରାୟ ସବୁ ପ୍ରମୁଖ ପୌର ପରିଷଦରେ ମହାୟୁତି ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ମଧ୍ୟରେ ସିଧାସଳଖ ମୁକାବିଲା ହୋଇଛି । ଏମ୍‌ଭିଏରେ ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ଶିବସେନା, ଏମ୍‌ଏନ୍‌ଏସ୍, ଏନ୍‌ସିପି (ଶରଦ ପାୱାର) ସାମିଲ ରହିଛନ୍ତି । କଂଗ୍ରେସ ମଧ୍ୟ ତା'ର ପ୍ରାର୍ଥୀ ଛିଡ଼ା କରିଛି । ଶିବସେନାର ବହୁ ଚର୍ଚ୍ଚିତ ନିର୍ବାଚନରେ ମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ ପାଇଁ ଏହ ହେଉଛି ପ୍ରଥମ ବଡ଼ ନିର୍ବାଚନ । ଫଳରେ ଏହି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି । ପୁଣି ଏହି ନିର୍ବାଚନରେ ମହାୟୁତି ମେଣ୍ଟ ସମେତ ବିଭିନ୍ନ ରାଜନୈତିକ ଦଳର ଲୋକପ୍ରିୟତାର ପରୀକ୍ଷା ମଧ୍ୟ ହେବ ।

# ନାସା ଇତିହାସରେ ପ୍ରଥମ: ସମୟ ପୂର୍ବରୁ ୪ ମହାକାଶଚାରୀଙ୍କୁ ଫେରାଇଲା

କେପ କାନାଭେରାଲ, ୧୫ ।୧(ଏଜେନ୍ସି): ପ୍ରଥମଥର ପାଇଁ ୨୫ ବର୍ଷର ଇତିହାସରେ ନାସା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)ରୁ ୪ ଜଣ ମହାକାଶଚାରୀଙ୍କୁ ସମୟ ପୂର୍ବରୁ ଫେରାଇ ଆଣିବା ସହ ତା'ର ମିସନକୁ ସ୍ଥଗିତ ରଖିଛି । ଜଣେ ମହାକାଶଚାରୀଙ୍କୁ ଚିକିତ୍ସା ଆବଶ୍ୟକତା ଥିଲା । ବୁଧବାର ଦିନ, ୪ ଜଣ ମହାକାଶଚାରୀ ଏକ ସ୍ପେସ୍‌ଏକ୍ସ କ୍ୟାପସୁଲ୍‌ରେ ଆଇଏସ୍‌ଏସ୍ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ଆମେରିକା, ରୁଷିଆ ଓ ଜାପାନର ମହାକାଶଚାରୀ ଅନ୍ତର୍ଭୁକ୍ତ । ଏମାନେ ଆଜି କାଲିଫର୍ନିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଅବତରଣ କରିବେ । ମିସନରେ ନାସାର ଜେନା କାର୍ଡମ୍ୟାନ, ମାଇକ ଫିଙ୍କେ, ଜାପାନର କିମିଆ ୟୁଇ ଓ ରୁଷର ଓଲେଗ ପ୍ଲାଟୋନୋଭ ଥିଲେ । ଏହି ୪ ମହାକାଶଚାରୀଙ୍କୁ ୨୦୨୫ ଅଗଷ୍ଟରେ ଆଇଏସ୍‌ଏସ୍‌କୁ ପଠାଯାଇଥିଲା ଓ ଫେବୃଆରୀ ଶେଷ ସୁଦ୍ଧା ଫେରିବାକୁ ସ୍ଥିର କରାଯାଇଥିଲା । କିନ୍ତୁ ଜାନୁଆରୀ ୭ରେ ନାସା ହଠାତ କାର୍ଡମ୍ୟାନ ଓ ଫିଙ୍କେଙ୍କ ସ୍ପେଶୱାର୍କ ବାତିଲ କରିଥିଲା ।



**ମେଡିକାଲ ଏମର୍ଜେନ୍ସି**

ଅର୍ଥାତ ଏମାନେ ଏହି ମହକାଶଚାରୀ ଦଳ ଆଇଏସ୍‌ଏସ୍‌ରେ ୧୬୭ ଦିନ ଅବସ୍ଥାନ କରିବା ସହ ମାଇକ୍ରୋଗ୍ରାଭିଟିରେ ଷ୍ଟେମ୍ ସେଲ୍‌ଫ ଗବେଷଣା ସମେତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ କରିଥିଲେ । ପରେ କ୍ରୁ ମେମ୍ବରଙ୍କ ଶୀଘ୍ର ଫେରିବା ସମ୍ପର୍କରେ ଘୋଷଣା କରିଥିଲା । ତେବେ ଚିକିତ୍ସା ସ୍ପେଶୱାକ ସହିତ ସମ୍ପର୍କିତ ନୁହେଁ ବୋଲି ନାସା ତରଫରୁ କୁହାଯାଇଛି । ଗୋପନୀୟତା ରକ୍ଷା କରି ଏ ନେଇ ଅଧିକ କୌଣସି ବିବରଣୀ ପ୍ରଦାନ କରାଯାଇନାହିଁ । ଉଲ୍ଲେଖଥାଉ କି, ପୂର୍ବରୁ ମଧ୍ୟ ନାସା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ଏହା କାରଣରୁ ନାସାର ସମଗ୍ର ମିଶନ ପ୍ରଭାବିତ ହୋଇ ନଥିଲା । ୨୦୧୮, ୨୦୨୦ ଓ ୨୦୦୮ ରେ ନାସା ମିଶନର ମହାକାଶଚାରୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ଜିଆର୍‌ଏସ୍‌ଙ୍କୁ ମିଳିପାରିବନି ପିଇଓ ପଦୋନ୍ନତି: ହାଇକୋର୍ଟ

କଟକ,୧୫ ।୧(ସମିସ): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟରତ ଜିଆରଏସଙ୍କ ପଦୋନ୍ନତି ବା ନିୟମିତ ପାଇଁ କୌଣସି ସ୍ଥାୟୀ ବା ନ୍ୟସ୍ତ ଅଧିକାର ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତି ନିୟମାବଳୀ-୨୦୨୧କୁ ଚ୍ୟାଲେଞ୍ଜ କରି ପ୍ରକାଶ କୁମାର ଛାଟୋଇ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

୨୦୨୧ ନିୟମାବଳୀରେ କୌଣସି ଅସାମ୍ବିଧାନିକ ବା ମନମୁଖୀ ପଦକ୍ଷେପ ରହିନାହିଁ। ଏଥିରେ ଜିଆରଏସ୍‌ଙ୍କୁ ବୟସ କୋହଳ (୪୫ ବର୍ଷ ପର୍ଯ୍ୟନ୍ତ) ଏବଂ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ (ସର୍ବାଧିକ ୧୫%) ର ସୁବିଧା ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରୁଛି। ସେହିଭଳି ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର୍ ନିୟମାବଳୀ-୨୦୨୪ ମାଧ୍ୟମରେ ଜିଆରଏସ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଅନ୍ୟ ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଆବେଦନକାରୀ କେତେକ ଗ୍ରାମ ରୋଜଗାର ସେବକ ୨୦୨୧ ମସିହାରେ ପ୍ରଣୟନ ହୋଇଥିବା ନୂତନ ନିଯୁକ୍ତି ନିୟମାବଳୀକୁ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ଯେ ୨୦୦୮ ନିୟମାବଳୀ (୨୦୧୨ ଓ ୨୦୧୩ରେ ସଂଶୋଧିତ) ଅନୁଯାୟୀ ସେମାନଙ୍କ ପଦୋନ୍ନତି ପାଇଁ ନ୍ୟାୟ ସଙ୍ଗତ ଆଶା ରହିଥିଲା, ଯାହାକୁ ୨୦୨୧ ନିୟମାବଳୀ ସଙ୍କୁଚିତ କରିଦେଇଛି। ୨୦୨୧ ନିୟମାବଳୀ ଅନୁଯାୟୀ, ପିଇଓ ପଦ ପାଇଁ ବୟସ ସୀମା ଏବଂ ଲିଖିତ ପରୀକ୍ଷା ଭଳି କଠୋର ଯୋଗ୍ୟତା ମାନଦଣ୍ଡ ଲାଗୁ କରାଯାଇଥିଲା। ତେବେ ଆବେଦନକାରୀମାନେ ୨୦୧୩ ମସିହାର ଏକ ଗ୍ରେଡେସନ ତାଲିକା ଆଧାରରେ ପଦୋନ୍ନତି ପାଇଁ ଦାବି କରିଆସୁଥିଲେ। ସରକାର ନିଜର ନୀତିଗତ ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ନିୟମାବଳୀରେ ପରିବର୍ତ୍ତନ କରିପାରିବେ ଏବଂ ଶୂନ୍ୟପଦ ପୂରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିପାରିବେ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି। ଏହି ରାୟ ପରେ ପିଇଓ ପଦ ପାଇଁ ନୂତନ ନିଯୁକ୍ତି ପ୍ରକ୍ରିୟା ଜାରି ରହିବାରେ ଥିବା ଆଇନଗତ ବାଧା ଦୂର ହୋଇଛି।

# ଦିନକ ପରେ କମିବ ଶୀତ

ଭୁବନେଶ୍ୱର, ୧୫ ।୧ (ସମିସ): ରାଜ୍ୟରୁ ଧୀରେ ଧୀରେ ଶୀତ କମିବ। ଏବେ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେଉଛି। ତେଣୁ ଏହା ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୧୯ ତାରିଖରେ ପୁଣି ଏକ ପଶ୍ଚିମା ଝଡ଼ ସକ୍ରିୟ ହେବା ସହ ଏହା ରାଜ୍ୟରେ ତାପମାତ୍ରାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ଅନ୍ୟପଟେ ଗତ ୨୪ ଘଣ୍ଟା ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ୫.୨ ଡିଗ୍ରୀ ସହ ଜି ଉଦୟଗିରିରେ ସବୁଠୁ ଅଧିକ ଥଣ୍ଡା ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ରାଉରକେଲା ୬.୬, ସେମିଳିଗୁଡ଼ା ୭.୭, ଫୁଲବାଣୀ ୭.୩, ଝାରସୁଗୁଡା ୭.୮, କେନ୍ଦୁଝର ୯.୪, ସମ୍ବଲପୁର ୧୧.୬, ଭୁବନେଶ୍ୱର ୧୧.୮ ଓ ହୀରାକୁଦରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ଗୋଟିଏ ଦିନ ଜାରି ରହିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ଶୀତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି।

## ନବୀନ ନିବାସରେ ସୁପ୍ରିମୋଙ୍କୁ ଭେଟିଲେ ୧୦ ବିଜେଡି ବିଧାୟକ

# ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ: ନବୀନ



ଭୁବନେଶ୍ୱର,୧୫।୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିୟମିତ ଭାବେ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ସହ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହାସହ ରାଜ୍ୟସ୍ୱାର୍ଥ ସହ ଜଡ଼ିତ ପ୍ରତିଟି

**ରାଜ୍ୟରେ ଧାନ କିଣା ସ୍ଥିତି ଓ ଚାଷୀଙ୍କ ସମସ୍ୟା ପଚାରି ବୁଝିଲେ**

ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ୧୦ ଜଣ ବିଧାୟକ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପରାମର୍ଶ ଦେଇଛନ୍ତି।

ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ଓ ସରକାରଙ୍କ ଲୋକ ବିରୋଧୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନବୀନ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷ କରି ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ବୈଠକରେ ବିଧାୟିକା ବର୍ଷା ସିଂହ ବରିହା, ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

# ଚାଷୀଙ୍କୁ ୮୦୦ ଟଙ୍କା ବୋନସ୍ ମନା; ୩,୬୨୩ କୋଟି ବ୍ୟୟରେ ନିର୍ମାଣ କାହିଁକି?

ଭୁବନେଶ୍ୱର,୧୫।୧(ସମିସ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଳିକି ପ୍ରକଳ୍ପ ସାମ୍ନାକୁ ଆଣିଛନ୍ତି ବୋଲି ବିଜେଡି କହିଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ବିଜେପି ସରକାର ନିଜର ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର କରୁଛନ୍ତି, ଅନ୍ୟପକ୍ଷରେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ପଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଏଭଳି ଭେଳିକି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ଯେଉଁ ଡିଲିମିଟେସନ



କଥା ଉଲ୍ଲେଖ କରି ବିଧାନସଭା ସିଟ୍ ସଂଖ୍ୟା ୨୦୦କୁ ବୃଦ୍ଧି ପାଇପାରେ ବୋଲି କହୁଛନ୍ତି, ସେନେଇ କୌଣସି ସ୍ପଷ୍ଟତା ଆସିନାହିଁ। ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା ଗୋଟିଏ ଋଣଗ୍ରସ୍ତ ରାଜ୍ୟରେ ପରିଣତ ହେବାକୁ ଯାଉଛି। ୨୦୨୪ ମସିହାରେ ନବୀନ ସରକାର କ୍ଷମତାରୁ ଯିବା ସମୟରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟି ଟଙ୍କା ଥିଲାବେଳେ ବିଜେପି ସରକାର ମାତ୍ର ଗତ ଦେଢ଼ ବର୍ଷରେ ୯୧,୦୦୦ କୋଟି ଟଙ୍କା ଋଣ କରି ସାରିଲେଣି। କେନ୍ଦ୍ରରୁ ଅନୁଦାନ ୧୮.୧୯ ପ୍ରତିଶତ କମିଛି । ନବୀନ ସରକାରଙ୍କ ସମୟରେ ୪,୪୭୪ କୋଟି ଟଙ୍କାରେ ଏମ୍ସ ପ୍ଲସ

- ବିଫଳତାରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ସରକାରଙ୍କ ଭେଳିକି
- ଡିଲିମିଟେସନ ପରେ ସିଟ୍ ବଢିବା ନେଇ ଏଯାଏ ଆସିନାହିଁ କୌଣସି ସ୍ପଷ୍ଟ ଚିତ୍ର

ପ୍ରକଳ୍ପର ପ୍ରାୟ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଥିଲା । ବିଜେପି କ୍ଷମତାକୁ ଆସିବା ପରେ ଏ ପ୍ରକଳ୍ପ କାମ ଆଗେଇ ପାରୁନାହିଁ । ଏହି ପ୍ରକଳ୍ପକୁ ଆଗେଇବା ପରିବର୍ତ୍ତେ ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି। କେଉଁଟା ପ୍ରାଥମିକତା ହେବା କଥା, ତାହା ଓଡ଼ିଶାବାସୀ ବିଚାର କରିବେ । ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଆଜି ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଏହି ସବୁ ବିଫଳତା ଉପରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ପ୍ରହସନ କରୁଛନ୍ତି ।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ ଅପେକ୍ଷାରେ, ୧୨ ଲକ୍ଷ ନୂଆ ହିତାଧିକାରୀ ନୂଆ ରାସନ କାର୍ଡ ଅପେକ୍ଷାରେ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି। ରାଜ୍ୟ ବ୍ୟାପୀ ଶିକ୍ଷକ, ଡାକ୍ତର ଓ ଅଙ୍ଗନବାଡି କର୍ମୀ ନିଜ ଦରମା ବଢାଇବା ପାଇଁ ବହୁ ଦିନରୁ ଆନ୍ଦୋଳନ କରୁଛନ୍ତି । ରାଜ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କୁ ରାସନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଉନାହିଁ । ଅନ୍ୱେଷା ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗତ ୫ ମାସ ହେଲା କୌଣସି ଆର୍ଥିକ ସହାୟତା ଦିଆଯାଉନାହିଁ। ମାତ୍ର ଏହାର ସମାଧାନ ପରିବର୍ତ୍ତେ ରାଜ୍ୟ ସରକାର ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଭେଳିକି ଦେଖାଉଛନ୍ତି । ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ ବୋଲି ସେ କହିଛନ୍ତି।

# ଇଚ୍ଛାମୃତ୍ୟୁ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୫।୧(ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରୀ ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତ ମିଳିସାରିଛି। ଏହା ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବିଚାରାଧିନ ଅଛି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ ପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ୫୨ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୫ ।୧(ସମିସ): ମାଓ ସଙ୍ଗଠନ ଦିନକୁ ଦିନ ଭାଙ୍ଗିବା ସହ ଦୁର୍ବଳ ହେବାକୁ ଲାଗିଥିବା ବେଳେ ଆଜି ପୁଣି ଶକ୍ତ ଧକ୍କା ଲାଗିଛି। ୧କୋଟି ୪୧ ଲକ୍ଷ ଇନାମି ୫୨ ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କ ନାମରେ ମୋଟ ୧କୋଟି ୪୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମ ସମର୍ପଣକାରୀଙ୍କ ମଧ୍ୟରେ ଅନେକ କୁଖ୍ୟାତ ମାଓବାଦୀ, ଦକ୍ଷିଣ ଉପ-ଜୋନାଲ ବ୍ୟୁରୋ ଏବଂ ମାଓ ସଂଗଠନର ଡିଭିସିଏମ୍, ପିପିସିଏମ, ଏସିଏମ୍ ଭଳି କ୍ୟାଡର ଓ ମାଓ ସଦସ୍ୟ ରହିଛନ୍ତି। ଆଜି ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ ସହ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ସୁନ୍ଦରଗଡ଼ରେ ବୃଦ୍ଧାଙ୍କୁ ନିର୍ମମ ହତ୍ୟା; ଜଣେ ଅଟକ

ରାଉରକେଲା,୧୫ ।୧(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଟାଉନ ଥାନା ଅଧୀନ ଶଙ୍କରା ଗୌଡ଼ପଡ଼ା ଅମଲିପାଲି ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତା ବୃଦ୍ଧା ହେଉଛନ୍ତି ଗୁରୁବାରୀ ମାଝୀ (୫୯)। ତାଙ୍କ ମୁଣ୍ଡକୁ କେହି ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିବା ପରେ ଅମଲିପାଲି ମଝି ପୋଖରୀ ନିକଟସ୍ଥ ଏକ ବିଲରେ ଫିଙ୍ଗି ଦେଇଥିବା ସୂଚନା ମିଳିଛି। ଏହି ଘଟଣାରେ ଜଣେ ଯୁବକକୁ ହତ୍ୟା ଅଭିଯୋଗରେ ଟାଉନଥାନାରେ ଅଟକରଖି ପୁଲିସ ପଚରାଉଚରା କରୁଥିବା ଜଣାପଡ଼ିଛି। ଗୁରୁବାର ଖବରପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଟାଉନ ଥାନା ପୁଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ମୁତାବକ ଗୁରୁବାରୀ ମାଝୀ ଅମଲିପାଲି ନିକଟ ବାଇପାସ୍ ନିକଟରେ ଗୋପାଳ ଲାକ୍ରାଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ଅପରାହ୍ନରେ ସେ ଶଙ୍କରାରେ ବାସ କରୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଟଙ୍କା ମାଗିବାକୁ ଯାଉଛି ବୋଲି ଗୋପାଳଙ୍କୁ କହି ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରି ନ ଥିଲେ। ତେଣୁ ଗୁରୁବାର ସକାଳେ ଗୋପାଳ ବିଭିନ୍ନ ଆଡେ ଖୋଜାଖୋଜି କରି ଆଉ ଗୁରୁବାରିଙ୍କର କୌଣସି ପତ୍ତା ପାଇ ନ ଥିଲେ। ଆଜି ସ୍ଥାନୀୟଲୋକେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ବୃଦ୍ଧାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ପୁଲିସ ସାଇଣ୍ଟିଫିକ୍ ଟିମ ସହ ପୁଲିସ ସନ୍ଧାନୀକୁକୁର ପହଞ୍ଚି ହତ୍ୟାକାଣ୍ଡର ତଦନ୍ତ କରିଥିଲେ। ପରେ ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ବୃଦ୍ଧାଙ୍କ ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବାରୁ ପ୍ରଥମେ ଗ୍ରାମବାସୀ ଚିହ୍ନି ପାରି ନ ଥିଲେ। ହେଲେ ଗୋପାଳ ଘଟଣାସ୍ଥଳରେ ପହଞ୍ଚି ତାହା ଗୁରୁବାରୀ ମାଝୀଙ୍କର ଶବ ବୋଲି ଚିହ୍ନଟ କରିଥିଲେ। ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କ ପରଲୋକ

ବଲାଙ୍ଗିର,୧୫।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରାର ଯୁବ କଣ୍ଠଶିଳ୍ପୀ କୁନି ଛତ୍ରିଆ ଆଉ ନାହାନ୍ତି। ମଞ୍ଚରେ ଘୁଡକା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କୁନିଙ୍କ ମାତ୍ର ୩୫ ବର୍ଷ ବୟସରେ



ଦେହାନ୍ତ ହୋଇଛି। ଫୁସଫୁସ ଜନିତ ସମସ୍ୟା ଯୋଗୁ କିଛି ଦିନ ହେଲା ସେ ଚିକିତ୍ସାଧୀନ ଥିଲେ। "ଏ ମୋର ଘୁଡକାବାଲା...ହାଏରେ ଘୁଡକାବାଲା...ହାଏରେ ଘୁଡକାବାଲା...ମୋତେ ରସେଇଦେଲା.. ମୋତେ ଫସେଇଦେଲା...ହାଏରେ ରସେଇଦେଲା....' ଗୀତ ଯେତେବେଳେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଶୁଭୁଥିଲା ଦର୍ଶକଙ୍କ ତାଳିରେ ଅଞ୍ଚଳ କମ୍ପି ଉଠୁଥିଲା। କୁନି ହେଉଛନ୍ତି ତୁଷୁରା ଘୁଡୁକା ସାଂସ୍କୃତିକ ଦଳର ବଡ ଛତ୍ରିଆଙ୍କ ସ୍ତ୍ରୀ। କୁନିଙ୍କ ଘୁଡକା ଗୀତ ଓ ବଡସାନଙ୍କ ଘୁଡକା ନାଚ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଘୁଡକାବାଲା ଗୀତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ଆହୁରି ଅନେକ ସମ୍ବଲପୁରୀ ଓ ଭଜନ ମଧ୍ୟ ଗୀତ ଗାଇଛନ୍ତି। କିଛି ଦିନ ପୂର୍ବରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାରି ଫେରିବା ପରେ କୁନି ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତୁଷୁରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସାରା ପଶ୍ଚିମ ଓଡ଼ିଶାର କଳାକାରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

## କାହା ସ୍ୱାର୍ଥରେ ମହାପ୍ରୟାଣ ଯୋଜନା ?

# ବାଇକ୍‌ରେ ବୁହାହେଲା ମୃତଦେହ

ଗୁମ୍ମା,୧୫ ।୧(ସମିସ): ପୁଣି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ। ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍‌ରେ ବୋହି ମୃତଦେହ ନେଇଥିଲେ ସମ୍ପର୍କୀୟ। ପୂର୍ବର ବିଜେଡ଼ି ସରକାର ଶବକୁ ସସମ୍ମାନେ ମେଡ଼ିକାଲରୁ ଘରକୁ ନେବାକୁ ମହାପ୍ରୟାଣ ଗାଡ଼ି ପ୍ରଚଳନ କରିଥିଲେ। ୨୦୧୬ ମସିହାରେ ଦାନ ମାଝୀ ଶବ ବୁହା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହେବା ପରେ ରାଜ୍ୟ ସରକାର ରାଜ୍ୟରେ ଆରମ୍ଭ କରିଥିଲେ 'ମହାପ୍ରୟାଣ' ଯୋଜନା। ହେଲେ ଏବେ ଏହି ଯୋଜନା ବାଟବଣା ହେବାରେ ଲାଗିଛି ।ସରକାର ବଦଳିବା ପରେ ସ୍ଥିତି ବଦଳିଛି। ବିଭିନ୍ନ ସ୍ଥାନରେ ଆଉ ଏହି ସେବା ଆଗପରି ମିଳୁନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ। ଯାହା ସ୍ୱାସ୍ଥ୍ୟ ବିଭାଗର ପାରିବାପଣିଆକୁ ପଦାରେ ପକାଇଛି।

ସୂଚନା ଅନୁଯାୟୀ, ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଚନ୍ଦ୍ରଧ୍ୱଜ ସିଂ(୬୩)ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ



ଭର୍ତ୍ତି କରିଥିଲେ। ଗୁରୁବାର ସକାଳ ୮ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ମହାପ୍ରୟାଣ ଗାଡ଼ି ନଥିବାରୁ ମୃତଦେହ କିପରି ଗାଁକୁ ନେବେ ପରିବାର ଲୋକଙ୍କ ଚିନ୍ତା ବଢ଼ିଥିଲା। ଅଟୋରେ ନେବା ପାଇଁ ସୁରକ୍ଷା କର୍ମୀମାନେ କହିଥିଲେ। ବୁଝାବୁଝି କରିବା ପରେ ଅଟୋରେ ନେଲେ ୮ରୁ୯ ହଜାର ଭଡ଼ା ଲାଗିବ ବୋଲି କୁହାଯାଇଥିଲା। ମାତ୍ର ଅର୍ଥ ଅଭାବରୁ ସମ୍ପର୍କିୟ ମୃତଦେହକୁ ବାଇକରେ ଧରି ନିଜ ଗାଁକୁ ନେଇଥିଲେ। ଜଣେ ବାଇକ୍ ଚଳାଉଥିବାବେଳେ ଅନ୍ୟଜଣେ ମୃତଦେହ ଧରି ପଛରେ ବସିଥିଲେ। ବାଟରେ ଯିଏ ଏହି ଦୃଶ୍ୟ ଦେଖୁଥିଲା ଘଡ଼ିଏ ରହିଯାଉଥିଲା। ଏପରି ଘଟଣା ସାଧାରଣରେ ଅସନ୍ତୋଷ ଓ ପ୍ରତିକ୍ରିୟା ସୃଷ୍ଟି କରିଛି।

## ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା

# ନାଚିଲେ ନିଶା; ବନ୍ଧାହେଲେ ଦୁଇ ଆୟୋଜକ

ବଲାଙ୍ଗିର,୧୫ ।୧(ସମିସ): ଛତିଶଗଡ଼ରେ ଯାତ୍ରା ପେଣ୍ଡାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ସାହୁ ଭାଉଜ ଓ ଆୟୋଜକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏକାଧିକ ଆୟୋଜକ ଗିରଫ ହୋଇଛନ୍ତି। ଏବେ ବଲାଙ୍ଗିରରେ ମଧ୍ୟ ଏହିଭଳି ଏକ ଘଟଣା ଘଟିଛି । ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ନେଇ ଅଭିଯୋଗ ହେବା ପରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଛି। ଏହି ୨ ଜଣ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର। ଚନ୍ଦନଭାଟିରେ ଗତ ୮ ତାରିଖରୁ ଅପେରା ଦୁର୍ଗା ମନ୍ଦିର ଯାତ୍ରା ପ୍ରଦର୍ଶନ କରିଥିଲା। ୧୨ ତାରିଖ ଶେଷ ଦିନରେ ଏହି ଯାତ୍ରା ପେଣ୍ଡାଲରେ ବିବାଦୀୟ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ଦେଖିବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ସଦର ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ସଦର ଥାନାରେ ୨୯/୨୦୨୬ରେ ଆୟୋଜକ ଓ ନିଶା ମହାରଣାଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୁଲିସ ଗୁରୁବାର ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରିଛି। ତେବେ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି। ତେବେ ଆଗକୁ ଏହି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବ ନା ଦୁଇ ଜଣଙ୍କୁ ଗିରଫ କରି ମାମଲା ଚାପିଦେବ ତାକୁ ନେଇ ପ୍ରଶ୍ନ ଉଠିଛି।

## ■ ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

# ଟେଣ୍ଟ ଓ କ୍ୟାଟରିଂ ସେବା ଯୋଗାଇବେ ମହିଳା

ଭୁବନେଶ୍ୱର,୧୫ ।୧(ସମିସ): ଏଣିକି ମହିଳାମାନେ ଯୋଗାଇବେ ଟେଣ୍ଟ ଓ କ୍ୟାଟରିଂ ସେବା। ବିବାହ, ବ୍ରତଘର, ଜନ୍ମଦିନ ହେଉ ଅବା କୌଣସି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବେ ଏସ୍‌ଏଚ୍‌ଜି ସଦସ୍ୟା।

**୪ ହଜାର ମହିଳା ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ: ଖର୍ଚ୍ଚ ହେବ ୯.୩ କୋଟି**

ଆଗକୁ ରାଜ୍ୟରେ ଟେଣ୍ଟ ଓ କ୍ୟାଣ୍ଟରିଂ ଭଡ଼ା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗିତା ପାଇଁ ମହିଳା ଏସଏଚଜି ସଦସ୍ୟମାନଙ୍କୁ ଦିଆଯିବ ପ୍ରଶିକ୍ଷଣ। ଏହି ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଗୁରୁବାର ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁସାରେ, ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଆୟୁକ୍ତ ତଥା ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ।

ଦ୍ୱିତୀୟ ଦିବସରେ କଳାହାଣ୍ଡି ଉତ୍ସବ 'ଘୁମୁରା'

# ସାଂସ୍କୃତିକ ଅଭିପ୍ସାକୁ ଚରିତାର୍ଥ କରିଛି ଘୁମୁରା

ଭବାନୀପାଟଣା, ୧୫ ।୧(ସମିସ)

ରେଣ୍ଡୋମାଝୀ ଓ ପାରବା ମଞ୍ଚ ଭାଷାରେ ଭାବରେ ଭଙ୍ଗୀରେ ନୃତ୍ୟର ଛନ୍ଦରେ ଏବଂ ସଙ୍ଗୀତର ତାଳ କଳାପ୍ରେମୀଙ୍କୁ ବିମୁଗ୍ଧ କରିଛି। କଳାର ଅପୂର୍ବ କ୍ଷେତ୍ର କଳାହାଣ୍ଡି। ଏ ଜିଲ୍ଲାର ସାଧାରଣଲୋକଙ୍କ





ଜୀବନ ଶୈଳୀ ଅତ୍ୟନ୍ତ ସରଳ ହୋଇଥିଲେ ହେଁ ପରକୁ ଆପଣାଇ ନେବାରେ କଳାହାଣ୍ଡିଆମାନେ ବେଶ ମାହିର। ଥରେ ଯିଏ ଏ ମାଟିରେ ପାଦ ଥାପିଛି, ନିଜକୁ ଭୁଲିଯାଇଛି ଏଠାକାର ଜୀବନ ସ୍ରୋତରେ ନିଜକୁ ମିଶେଇ ଦେଇଛି। କଳାହାଣ୍ଡି କେବଳ ଏକ ଭୂଖଣ୍ଡ ନୁହେଁ, ହୃଦୟ ତନ୍ତ୍ରୀକୁ ହଲଚଲ କରିଦେବାର ଏକ ସୁମଧୁର ବୀଣାର ସୁର ଏଣୁ ମୁଁ ଏ ମାଟିକୁ ଭଲ ପାଏ, ଅତି ନିଜର ଭାବେ। ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଚାଲିଥିବା ଜିଲ୍ଲାବାସୀଙ୍କ ଆତିଥ୍ୟ ଆଦୌ ଭୁଲିହେବନି ବୋଲି ନିଜ ବକ୍ତବ୍ୟରେ କଳାହାଣ୍ଡିର ଭୂରିଭୂରି ପ୍ରଶଂସା କରିଛନ୍ତି ରଖିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର। କଳାହାଣ୍ଡି ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ମ.ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷ ସବିତା ମେହେର, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, କଳମପୁର ବ୍ଲକ ଅଧ୍ୟକ୍ଷ ଜ୍ୟୋତି ନାଏକ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ, କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଭବାନୀପାଟଣା ମୁନିସିପାଲିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ନୃପରାଜ ଯାଦବ, ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ, ଧର୍ମଗଡ଼ ଏନ୍ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ

## ପରକୁ ଆପଣେଇବାରେ କଳାହାଣ୍ଡିଆଙ୍କ ମନର ମୌଳିକତା

ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ସହିଦ ରେଣ୍ଡୋମାଝୀ ମଞ୍ଚରେ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ବିଚିତ୍ରା। ସେହିପରି ସଭା ପ୍ରାରମ୍ଭରେ ମହ୍ଲାର ଅନୁଷ୍ଠାନ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଶିଶୁ ଘୁମୁରା ଦଳ, ନୃତ୍ୟପ୍ରଜ୍ଞା ପବ୍ଲିକ ଚେରିଟେବୁଲ ଟ୍ରଷ୍ଟ ଓ କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଆସାମର ବୋଡୋ ନୃତ୍ୟ, ବଲାଙ୍ଗିର କୋଶଲ ଫୋକ ଏକାଡେମୀ, ଗୁଜୁରାଟର ସିଦ୍ଧି ଧମାଲ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ସଙ୍ଗମ ଅନୁଷ୍ଠାନ ଓ ସୋହାଗପୁରର ବଜାଶାଲ, ସୁବର୍ଣ୍ଣପୁରର ରୁମକୁଝୁମା, ପ୍ରାଞ୍ଜଳ କଳାନିକେତନ ଓ ନୃତ୍ୟ ରସିକାର ସମ୍ବଲପୁରୀ ନୃତ୍ୟ, କାଶ୍ମିରୀ ନୃତ୍ୟ, ମାଆ ବଞ୍ଜାରୀ ନୃତ୍ୟ ଦଳ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ଆକର୍ଷଣୀୟ ନୃତ୍ୟ ରୁମକୁଝୁମା, ପ୍ରାଞ୍ଜଳ କଳାନିକେତନ ଓ ନୃତ୍ୟ ରସିକାର ସମ୍ବଲପୁରୀ ନୃତ୍ୟ, କାଶ୍ମିରୀ ନୃତ୍ୟ, ମାଆ ବଞ୍ଜାରୀ ନୃତ୍ୟ ଦଳ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ତଥା ରାଜ୍ୟ ଏବଂ ରାଜ୍ୟ ବାହାରର ନୃତ୍ୟ ଓ ବାଦ୍ୟ ଦର୍ଶକଙ୍କୁ ଝୁମିବାକୁ ବାଧ୍ୟକଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଅମର ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ମେଲୋଡି କାର୍ଯ୍ୟକ୍ରମ ବିଳମ୍ବିତ ରାତିଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ଜିଲ୍ଲାସ୍ତରୀୟ କବି ସମ୍ମିଳନୀ

**ଭବାନୀପାଟଣା, ୧୫ ।୧(ସମିସ):** ସାହିତ୍ୟ ସୃଷ୍ଟି ସମୟରେ ସ୍ରଷ୍ଟା ଚିତ୍ତ ଓ ଅନୁଭୂତି ଠାରୁ ଊର୍ଦ୍ଧ୍ୱକୁ ଉଠି ଶବ୍ଦ ଏବଂ ବିଷୟ ସହ ଏକାକାର ହୋଇଯାଏ। ମସ୍ତିଷ୍କର ଝଙ୍କାର ମଧ୍ୟରେ ବିଚକ୍ଷଣତାର କଳାକ୍ଷକ ଅଭିବ୍ୟକ୍ତି ଜଣେ ସଫଳ ସ୍ରଷ୍ଟାଙ୍କୁ ଅନ୍ତଃପ୍ରେରଣାର ସ୍ୱାକ୍ଷର ବହନ କରେ। ବୁଦ୍ଧଙ୍କ ବାଣୀ ଭଳି ନିଜ




ଆଖପାଖରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ନିଜସ୍ୱ ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ନିଜ ମଧ୍ୟରେ କରୁଣା, ସମ୍ବେଦନା ଭଳି ମାନବୀୟ ଗୁଣ ଅବଧାରଣା କରିବା କବିର ଧ୍ୟେୟ ହେବା ଉଚିତ ବୋଲି ଆଜି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କବି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି, ଲେଖକ ଓ ଗବେଷକ ଡ. ବାସୁଦେବ ସୁନାନୀ ନିଜ ବକ୍ତବ୍ୟରେ କହିଛନ୍ତି। ଆଜି ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ଡ.ବାସୁଦେବ ସୁନାନୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ପଦ୍ମଲୋଚନ ମିଶ୍ର, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ତଥା କବି ସମ୍ମିଳନୀ କମିଟିର ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ମଞ୍ଚାସୀନ ଥିଲେ। କବି ସମ୍ମିଳନୀ ଉପସମିତିର ଅଧ୍ୟକ୍ଷ ଡ. ତପନ କୁମାର ରଥ, ଉପାଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଆବାହକ ଡିଲେଶ୍ୱର ରଣାଙ୍କ ଉପସ୍ଥିତିରେ ସଭ୍ୟ ଜୟଦ୍ରଥ ସୁନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧୀର କୁମାର ଧଙ୍ଗଡ଼ାମାଝୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାର ୨୦୦ ରୁ ଊର୍ଦ୍ଧ୍ୱ କବିଙ୍କ କବିତାରେ ସମୃଦ୍ଧ ସଂକଳନ 'ନିଶାନ୍' ଲୋକାର୍ପିତ ହୋଇଥିଲା। ସେହିପରି ବରିଷ୍ଠ କବି ସୋହନଲାଲ ଅଗ୍ରୱାଲଙ୍କ ବ୍ୟଙ୍ଗ କବିତା ପୁସ୍ତିକା 'ହାସ୍ୟଂ ଶରଣଂ ଗଚ୍ଛାମି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉପସମିତି ସଭ୍ୟ ଯାଦବେନ୍ଦ୍ର ସାହା, ସୁମତି ମୁଣ୍ଡ, ସଞ୍ଜୀବ କୁମାର ପଣ୍ଡା, ତପନ ସାହୁ, ବିଶ୍ୱରଞ୍ଜନ ପଣ୍ଡା ଓ କଳ୍ପନା ରଥଙ୍କ କବିତା ସଂଯୋଜନାରେ ଜିଲ୍ଲାର କୋଣ ଅନୁକୋଣରୁ ୨୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କବି ଐଶ୍ୱର୍ଯ୍ୟା ପ୍ରଧାନ, ସୁବ୍ରତା ମହାପାତ୍ର, ନିବେଦିତା ମହାନ୍ତି, ଆଶୁତୋଷ ପୁରୋହିତ, ତ୍ରିନାଥ ଶ୍ୟାମ କୁମାର ପ୍ରମୁଖ ସହଯୋଗ କରିଥିଲେ।













# ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ

ଧର୍ମଗଡ଼, ୧୫ ।୧(ସମିସ)

ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ ହୋଇଯାଇଛି। ସକାଳେ ମାଁ ଭଣ୍ଡାରଘରଣୀ ପୀଠରୁ ଭବ୍ୟ ଶୋଭାଯାତ୍ରାରେ କଳସ ଯାତ୍ରା ହେବା ପରେ ଉତ୍ସବ ମଞ୍ଚରେ ମାଁ ଭଣ୍ଡାରଘରଣୀଙ୍କ ପ୍ରତୀକକୁ ସ୍ଥାପନା କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଉତ୍ସବ କମିଟିର



ଅଧ୍ୟକ୍ଷା ତଥା ଉପଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚର ଭୂରି ଭୂରି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୁଧିର ପାଟଯୋଷୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। କଳାହାଣ୍ଡିର ସଂସ୍କୃତି ହେଉଛି ବିଶ୍ୱସ୍ତରୀୟ। ସଂସ୍କୃତିର ସୁରକ୍ଷା ସହ ଶିକ୍ଷା ଓତଃପ୍ରୋତଭାବେ ଜଡ଼ିତ। ତେଣୁ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସମୟପଯୋଗୀ କରିବା ପାଇଁ ପିଏମଶ୍ରୀ ହାଇସ୍କୁଲ ଓ ଗୋଦାବରୀଶ ବିଦ୍ୟାଳୟ ଯୋଜନା କରିଛନ୍ତି। ଶିକ୍ଷାର ବିକାଶ ହିଁ ଦେଶର ପ୍ରଗତିରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବଙ୍କିମ ଚନ୍ଦ୍ର ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ମାଧବ ଲହଜଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଘୁମୁରା, ଧର୍ମଗଡ଼ ହେଲୋ କିଡସ ଦ୍ୱାରା ଓଡ଼ିଶୀ, ଲଗନ ସାଂସ୍କୃତିକ ଅନୁଷ୍ଠାନର ଢାବ, ଝାଡ଼ଖଣ୍ଡର କରମା, ସିଂହମର ଅପରେସନ ସିନ୍ଦୁର, ମୃଣ୍ମୟୀ ସାଂସ୍କୃତିକ ଅନୁଷ୍ଠାନର ବଜାଶାଲ, ଆସାମର ବିହୁ, ଗଞ୍ଜାମର ପପେଟ ଡ୍ୟାନ୍ସ ସହ ମଦନପୁର ହାସ୍ୟ କବି ସୁଶାନ୍ତ ମିଶ୍ରଙ୍କ ହାସ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଷ୍ଟାର ପ୍ରୋଗ୍ରାମରେ ଉସ୍ତାଦ ବିସମିଲ୍ଲା ଖାଁ ଯୁବା ପୁରସ୍କାରପ୍ରାପ୍ତ ସର୍ବେଶ୍ୱର ଭୋଇଙ୍କ ପରିବେଷଣ ଦର୍ଶକଙ୍କୁ ସମ୍ମୋହିତ କରି ରଖିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର ଭୋଇ, ରାଜେନ୍ଦ୍ର ମୁନି, ଚିତ୍ତରଞ୍ଜନ ଦଳପତି, ସଞ୍ଜୀବ କୁମାର ମୁଣ୍ଡ ପ୍ରମୁଖ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟି ରେ ରଖି ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶତାଧିକ ପୁଲିସ ମୁତୟନ ହୋଇଛନ୍ତି।

## ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା




**ଧର୍ମଗଡ଼, ୧୫ ।୧(ସମିସ):** ଧର୍ମଗଡ଼ରେ ଆୟୋଜିତ ହେଇଥିବା ସମ୍ପ୍ରସାରିତ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ଅବସରରେ ନିର୍ମଳା ଦେବୀ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଚାର ପ୍ରସାର ଉତ୍ସବ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଉପାଧ୍ୟକ୍ଷ ବୈଦ୍ୟନାଥ ବେହେରା, କାର୍ଯ୍ୟକ୍ରମ ପ୍ରାୟୋଜକ କ୍ଷୀରୋଦ ବାଗ, ପୂର୍ବତନ ନଗର ପାଳ ସୁଶ୍ରୀ ହୀରା ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୫ ଜଣ ଶିଶୁ ଭାଗ ନେ ଥିଲେ। ଡ.ରାମ ମଙ୍ଗରାଜ, ତପସ୍ୱିନୀ ମେହେର ଓ ମନସ୍ୱିନୀ ପଟ ନାୟକ ବିଚାରକ ଭାବେ ଉପସ୍ଥିତ ଥିଲେ। ତ୍ରିସା ବିଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଶ୍ୱୀନୀ ମହାନ୍ତି ଦ୍ୱିତୀୟ ଏବଂ ଚିଲି ଚିଲାର ତନିଶା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, ଶ୍ରବଣ କୁମାର ଜାଲ, ସନ୍ତୋଷ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ଦର୍ଶକ ଓ କଳାକାରଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାରବା ମୁକ୍ତମଞ୍ଚ

**ଭବାନୀପାଟଣା, ୧୫ ।୧(ସମିସ):** କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦର୍ଶକ ଓ କଳାକାରଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ପାରବା ଖୋଲାମଞ୍ଚ। ବିଶେଷ ସଭା କାର୍ଯ୍ୟକ୍ରମ ନଥିବା ଓ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିବିଧତା ଯୋଗୁଁ ଏହି ମଞ୍ଚରେ ସନ୍ଧ୍ୟା ହେଉଣୁ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଉତ୍ସବ ପଡ଼ିଆରେ ବିଭିନ୍ନ ଷ୍ଟଲ ବୁଲି ଦେଖୁଥିବା ମୁକ୍ତ ମଞ୍ଚରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଶୁ ଓ କିଶୋର କଳାକାର ସହିତ ଜିଲ୍ଲା ବାହାର ଓ ରାଜ୍ୟ ବାହାରର କଳାକାରମାନେ ଏଠାରେ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଏହି ମୁକ୍ତମଞ୍ଚ ଗ୍ରାମାଞ୍ଚଳ ଓ ଦୂର ଦୁରାନ୍ତରରୁ ଆସୁଥିବା ଲୋକଙ୍କ ପାଇଁ ମନୋରଞ୍ଜନ ଯୋଗାଉ ଥିବାବେଳେ ଏଥିରେ ସନ୍ଧ୍ୟାରୁ ବିଳମ୍ବିତ ରାତିଯାଏଁ ଭିଡ଼




ଲାଗି ରହିବା ଦେଖିବାକୁ ମିଳୁଛି। ଆଜି ଦ୍ୱିତୀୟ ସନ୍ଧ୍ୟାରେ ଶାସ୍ତ୍ରିଜୀ ମଡେଲ ସ୍କୁଲ, ଅତ୍ରୀଷା ନାୟକ, ଫୁଣ୍ଡା ଏସଏସଡି ସ୍କୁଲ, ସଞ୍ଚିତା ଶୁଭଦର୍ଶିନୀ ଓ ସାଥୀ, ଭିଲେଜ୍ ଭାଇବ, ସକ୍ଷମ ଏକାଡେମୀ, ଦେବାଂଶୀ ମହାରଣା, ଅର୍ପିତା ରାଉତ, ତ୍ରିଷ୍ଣା ଡ୍ୟାନ୍ସ ସ୍କୁଲ ଅଫ୍ ଡ୍ୟାନ୍ସ, ମାହେଶ୍ୱରୀ ଝାକର, ଚକାଡୋଳା ଡ୍ୟାନ୍ସ ଗୃପ, ଉଦୟ ଡ୍ୟାନ୍ସ ଗ୍ରୁପ, କଳାହାଣ୍ଡି ଜିଏନ୍ଏମ୍ ନର୍ସିଙ୍ଗ ସ୍କୁଲ, ଆହାନା ହନୁମାନ୍, ଆଭା ଅଭିଷ୍ଟା ପଟ୍ଟନାଏକ ଓ ଗ୍ରୁପ୍, ଅର୍ନବୀ ପଣ୍ଡା, ଭିଲେଜ୍ କ୍ୱିନ୍, ସ୍କେଲା ପଣ୍ଡା, କଳାହାଣ୍ଡି କଳା କେନ୍ଦ୍ର, ଆରୋହୀ ବାଗ, ଆଦର୍ଶ ନାଟ୍ୟ ସଂସ୍ଥା, ମଝୀପଡ଼ା ନୋଡାଲ ସ୍କୁଲ, ଈଶାନ୍‌ଭି ସାହୁ, ଆରାଧ୍ୟା ପଣ୍ଡା, ଦେବୀ ଅଫ୍ କଳାହାଣ୍ଡି (ସବ୍ ଜୁନିୟର), ଦେବୀ ଅଫ୍ କଳାହାଣ୍ଡି (ସିନିୟର), ସୋନୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।

# ଶିରିମସ୍କା ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

**ଥୁଆମୂଳରାମପୁର, ୧୫ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଶିରିମସ୍କା ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି ପିଏମଶ୍ରୀ ଉତ୍ସବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈରାଗୀ ଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମା'ମାଣିକେଶ୍ୱରୀ ପସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇଥିଲେ। ବ୍ଲକର ଜୋନ୍ ନଂ-୧୮ ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, ପଞ୍ଚସଖା ଶିକ୍ଷା ସେତୁ କଳାହାଣ୍ଡିର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ, ଭାରପ୍ରାପ୍ତ ସଂଯୋଜକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାହାଣ୍ଡି ବିରେନ୍ଦ୍ର ଆଚାର୍ଯ୍ୟ ଏବଂ ସରପଞ୍ଚ ସିନ୍ଧିପଦର ପଞ୍ଚାୟତ ଗିତାଞ୍ଜଳୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସହି ଶିକ୍ଷାର ବିକାଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୨୦୩୬ ମସିହା ସୁଦ୍ଧା ଦେଶର ଭବିଷ୍ୟତ ରୂପରେଖ କିଭଳି ହୋଇପାରିବ। ଏହାକୁ ନେଇ ଏକ ଗଠନମୂଳକ ପ୍ରକଳ୍ପ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ ଛାତ୍ରଛାତ୍ରୀ। ଆମନ୍ତ୍ରିତ ଅତିଥିମାନେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ ବିଦ୍ୟାଳୟର ସହ ଶିକ୍ଷକ ଶିବରାମ କାର୍ଜି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ନବୀନ ଝାଙ୍କର, ପଦ୍ମଲୋଚନ ଶବର, ଦିନେଶ ଦୁର୍ଗା, ପିଣ୍ଟୁ ମେହେର, ବାନ୍ଦ୍ରା ମାଝୀ, କପିଳାସ ନାଏକ, ନିଳାଞ୍ଚଳ ନାଗ, ତପସ୍ୱିନୀ ପ୍ରଧାନ, ସସ୍ମିତା ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନ ସହଯୋଗ କରିଥିଲେ।




# କୋମନା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

**କୋମନା, ୧୫ ।୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଭାଗୃହ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ। ଶିବିରରେ ମୋଟ ୧୦୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୨ଟି ଏବଂ ଗୋଷ୍ଠୀଗତ ଅଭିଯୋଗ ୧୯ଟି ଥିଲା। ସମସ୍ତ ଅଭିଯୋଗର ଅନୁଧ୍ୟାନ କରିବା ପରେ, ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଠୋର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ଅସହାୟ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିତେନ୍ଦ୍ର ଦୀପ (ବୁଧିକୋମନା): ୧୦ହଜାର ଟଙ୍କା, ବୁଧିମତି କୈବର୍ତ୍ତ (ଲଖନା): ୫ହଜାର ଟଙ୍କା, ଲଳିତା ଦୁରିଆ (ଜେଠୁପାଲି) ୫ହଜାର ଟଙ୍କା। ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୁର୍ମି ସୋରେନ୍ ଏବଂ ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ବିଡିଓ ସର୍ବେଶ୍ୱର ଜାଲ, ଡେପୁଟି କଲେକ୍ଟର ଶେଖ୍ ନସିମ, ଚିନ୍ମୟ ସାଗର ଏବଂ ଏବିଡିଓ ଭକ୍ତବନ୍ଧୁ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।



■ ପଏଁର ପଞ୍ଚାୟତରେ ଅନିୟମିତତା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**କୋମନା, ୧୫ ।୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଏଁର ପଞ୍ଚାୟତରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରପଞ୍ଚ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୋଗଗୁଡ଼ିକ ମଧ୍ୟରେ ମନରେଗା ଦୁର୍ନୀତି। ଯାହାକି ମାଷ୍ଟର ରୋଲ୍‌ରେ ଜାଲ୍ ଦସ୍ତଖତ କରି ଶ୍ରମିକଙ୍କ ବଦଳରେ ମେସିନ୍ ସାହାଯ୍ୟରେ କାମ କରାଯାଇ ଅର୍ଥ ଅର୍ସାତ କରାଯାଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ କାମ ନପାଇ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନିମ୍ନମାନର କାର୍ଯ୍ୟ ମଧ୍ୟରେ ପଞ୍ଚାୟତରେ ନିର୍ମିତ ଡ୍ରେନ୍, ସିସି. ରୋଡ୍ ଏବଂ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ହୋଇଛି। ବିଭିନ୍ନ କାର୍ଯ୍ୟ ଅଧପନ୍ତରିଆ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବିଲ୍ ଉଠାଯାଇଥିବା ଦର୍ଶାଯାଇଛି। ପଲ୍ଲୀସଭାର ଅବମାନନା କରି ସରକାରୀ ନିୟମ ଅନୁଯାୟୀ ପଲ୍ଲୀସଭା ଓ ଗ୍ରାମସଭା ନକରି ସରପଞ୍ଚ ନିଜ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ବିଧାୟକ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ପତ୍ରଲେଖି ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।


# ସେଲ୍ ସାବାସ୍ ପୁରସ୍କାର ଯୋଜନାରେ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୧୫।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଜିଏମ ଇନଚାର୍ଜ (ସେବା)ଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୪ ତାରିଖରେ ସିଭିଲ୍ ଇଞ୍ଜିନିୟରିଂ ସେବା (ସିଇଏସ), ସାମଗ୍ରୀ ପୁନରୁଦ୍ଧାର ବିଭାଗ, ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସିଆଣ୍ଡଆଇଟି) ଏବଂ ଆରଆଣ୍ଡସି ଲାବୋରେଟୋରୀ (ଆରସିଏଲ) ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ଏବଂ ଅନୁକରଣୀୟ ଅବଦାନ ପାଇଁ 'ସେଲ୍‌ଫ ଶାବାସ' ପୁରସ୍କାର ପ୍ରଦାନ କରିବା ପାଇଁ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ସେବା ବିଭାଗର ସିଜିଏମ ଇନଚାର୍ଜ ଅତିଶ ଚନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ସରକାର ବିଭାଗୀୟ ଦକ୍ଷତା ବୃଦ୍ଧିରେ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନର ପ୍ରଶଂସା କରିଥିଲେ। ସେ ଅନ୍ୟମାନଙ୍କୁ ପୁରସ୍କାର ବିଜେତାଙ୍କଠାରୁ ପ୍ରେରଣା ନେବାକୁ ଏବଂ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ଏହି ଯୋଜନା ଅଧୀନରେ ଉପରୋକ୍ତ ପ୍ରତ୍ୟେକ ବିଭାଗରୁ ଦୁଇଜଣ କରି କର୍ମଚାରୀ ପୁରସ୍କୃତ ହୋଇଥିଲେ। ଯୋଜନାର ବର୍ଗ-୨ ଅଧୀନରେ ସିଇଏସ ବିଭାଗର ଡେପୁଟି ମ୍ୟାନେଜର ନିହାର ରଞ୍ଜନ ଜେନା ଏବଂ ଆରସିଏଲ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଧୀରେନ୍ଦ୍ର କୁମାର ସିଂହ ପୁରସ୍କାର ଲାଭ କରିଥିଲେ। ବର୍ଗ-୧ ଅଧୀନରେ ଜିଏମ ଅରୁଣାଂଶୁ ଶୋମ, ଆସିଷ୍ଟାଣ୍ଟ ମ୍ୟାନେଜର ରଣଜିତ ଜେନା, ସିଇଏସ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ପଣ୍ଡା ଭୂୟାଁ, ସି ଆଣ୍ଡଆଇଟି ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ରବୀନ୍ଦ୍ର ପସାୟତ ଓ ବିରୋଜ କୁମାର କବି ଏବଂ ଆରସିଏଲ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ରତନ କୁମାର ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଜିଏମ ଏସ୍. କେ. ଭୂୟାଁ, ସିଇଏସ ବିଭାଗର ଜିଏମ ଇନଚାର୍ଜ ପବନ ଗୁପ୍ତା, ସିଆଣ୍ଡ ଆଇଟି ବିଭାଗର ଜିଏମ ଇନଚାର୍ଜ ସୁମିତା ଭଟ୍ଟାଚାର୍ଯ୍ୟ, ଆରସିଏଲ ବିଭାଗର ଜିଏମ ଇନଚାର୍ଜ ରମାଶଙ୍କର ଶର୍ମା, ସିଆଣ୍ଡ ଆଇଟି ବିଭାଗର ଜିଏମ ଧୀରେନ୍ଦ୍ର ମହାପାତ୍ର ଏବଂ ଉଜ୍ଜ୍ୱଳେଶ୍ୱର ବେହେରା ଉପସ୍ଥିତ ଥିଲେ। ଜିଏମ୍ (ଟେକ୍ନିକାଲ୍) ପି. ପ୍ରସାଦ ପରିଚାଳନା କରିଥିଲେ।

# ବୋଲାଣି ଓର୍ ମାଇନ୍ସରେ ଫେଲ୍-ସେଫ୍ ବ୍ରେକିଂ କୌଶଳ

**ରାଉରକେଲା, ୧୫।୧(ସମିସ)**



ସେଲ ଅଧୀନ ବୋଲାଣି ଓର୍ ମାଇନ୍ସ (ବିଓଏମ)ରେ ଡାଉନହିଲ୍ କନଭେୟର ପିସି -୮ରେ ଏକ ଉନ୍ନତ 'ଫେଲ୍-ସେଫ୍ ଡିସ୍କ ବ୍ରେକିଂ' ସିଷ୍ଟମକୁ ସଫଳତାର ସହ ସ୍ଥାପନ କରାଯାଇଛି। ଯାହା କନ୍‌ଭେୟର ସିଷ୍ଟମର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଉଲ୍ଲେଖନୀୟ ଯେ, ବ୍ରେକିଂ ବ୍ୟବସ୍ଥା ଡାଉନହିଲ୍ କନଭେୟରର ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପାଦାନ ଅଟେ। ପୂର୍ବରୁ, ବୋଲାଣି ଓର୍ ମାଇନ୍ସର ଡାଉନହିଲ୍ କନଭେୟର ପିସି-୮ ଥ୍ରଷ୍ଟର ବ୍ରେକିଂ ସିଷ୍ଟମ ସହିତ ସମସ୍ୟାର ସମ୍ମୁଖୀନ ହୋଇଥିଲା, ବିଶେଷକରି ଲୋଡ୍ ହୋଇଥିବା ପରିସ୍ଥିତିରେ ଏବଂ ବିଦ୍ୟୁତ୍ ନ ଥିବା ସମୟରେ ଏଭଳି ସମସ୍ୟା ଦେଖାଦେଉଥିଲା ଯାହା ଅଧିକ ନିର୍ଭରଯୋଗ୍ୟ ବ୍ରେକିଂ ସମାଧାନର ଆବଶ୍ୟକତା କରୁଥିଲା। ସମସ୍ୟାର ସମାଧାନ କରିବା ଦିଗରେ, ବୋଲାଣି ଓର୍ ମାଇନ୍ସର ସାମୂହିକ ବିଦ୍ୟମାନ ଥ୍ରଷ୍ଟର ବ୍ରେକଗୁଡ଼ିକୁ ପରିପୂରକ କରିବା ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମ ସ୍ଥାପନ କରିବାର ଧାରଣା ଦେଇଥିଲେ। ଡ୍ରାଇଭ୍ ପୁଲିର କମ୍-ଗତି ପାର୍ଶ୍ୱରେ ଡିସ୍କବ୍ରେକ୍ ସ୍ଥାପନ କରାଯାଇଥିଲା, ଯାହାପାଇଁ ଏକ ବିସ୍ତାରିତ ଶାଫ୍ଟ ସହିତ ଏକ ପରିବର୍ତ୍ତିତ ଡ୍ରାଇଭ୍ ଡ୍ରମ୍ ସ୍ୱତନ୍ତ୍ର ଭାବରେ କ୍ରୟ ହୋଇଥିଲା। ଏହା ବ୍ରେକିଂ ସିଷ୍ଟମକୁ ଅଣାଯିବା ସହ ଏହି ବ୍ୟବସ୍ଥାକୁ ସଫଳତାର ସହିତ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସିଷ୍ଟମଟି ସାଧାରଣ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବ୍ରେକିଂ ନିର୍ଭରଯୋଗ୍ୟତା, କାର୍ଯ୍ୟକ୍ଷମ ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଆତ୍ମବିଶ୍ୱାସରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏହା ଏକ ଫେଲ-ସେଫ ନୀତିରେ କାର୍ଯ୍ୟ କରୁଥିବା, ଡିସ୍କ ବ୍ରେକିଂ ସିଷ୍ଟମ ପାୱାର ଫେଲର କିମ୍ବା ସିଷ୍ଟମ ବିଫଳତା ସମୟରେ ସ୍ୱୟଞ୍ଚାଳିତ ବ୍ରେକ୍ ପ୍ରୟୋଗକୁ ସୁନିଶ୍ଚିତ କରେ, ଯାହାଦ୍ୱାରା ବ୍ରେକିଂ ପ୍ରଭାବଶାଳୀତା ଏବଂ ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଉଲ୍ଲେଖନୀୟ ଯେ, ଏହା ସେଲ ଖଣିରେ ପ୍ରଥମ ଥର ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମର ସ୍ଥାପନ ହୋଇଛି ଯାହା, ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ହେବା ସହିତ ସମଗ୍ର ସେଲର ଖଣି କାର୍ଯ୍ୟଗୁଡ଼ିକରେ ଡାଉନହିଲ୍ କନଭେୟର ସିଷ୍ଟମରେ ଉନ୍ନତ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଉନ୍ନତ ବ୍ରେକିଂ କୌଶଳ ଗ୍ରହଣ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

# ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଜମି ଭିତରକୁ ପଶିଗଲା ଟ୍ରକ୍

**ବଣାଇଁ, ୧୫ ।୧(ସମିସ):** ବଣାଇଁ ଥାନା ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥ କେନାଭେଟା ଛକ ନିକଟରେ ଜଣେ ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଏକ ୧୨ ଚକିଆ ଟ୍ରକ୍ ଜମି ଭିତରକୁ ପଶିଯାଇ ଥିବା ଜଣାପଡ଼ିଛି। ସୌଭାଗ୍ୟ ବଶତଃ ଏକ ବଡ଼ ଦୁର୍ଘଟଣାରୁ ବାଇକ୍ ଆରୋହୀଙ୍କ ସମେତ ଟ୍ରକ ଡ୍ରାଇଭର ବର୍ତ୍ତିଛନ୍ତି। ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ ବାରକୋଟ ପଟୁ ଏକ ୧୨ ଚକିଆ ଯାନ ରାଜଗାଙ୍ଗପୁର ଅଭିମୁଖେ ଯାଉଥିବା ବେଳେ କେନାଭେଟା ଛକ ନିକଟରେ ହଠାତ୍ ଜଣେ ବାଇକ୍ ଆରୋହୀ ଗାଡ଼ି ସାମ୍ନାକୁ ଚାଲି ଆସିଥିଲା।



ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଟ୍ରକ ଡ୍ରାଇଭର ଚେଷ୍ଟା କରି ସଫଳ ହୋଇଥିଲେ ମଧ୍ୟ ଭାରସାମ୍ୟ ହରାଇ ଟ୍ରକ୍‌ଟି ଜମି ଭିତରକୁ ପଶିଯାଇଥିଲା। ଟ୍ରକ୍ ଡ୍ରାଇଭର ଜଣକ କେବିନ୍ ଭିତରେ ପିଟି ହୋଇ ଆହତ ହୋଇଥିବାବେଳେ ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ବଣାଇଁ ଡାକ୍ତରଖାନା ପଠାଇ ତଦନ୍ତ କରୁଥିବା ଜଣାପଡ଼ିଛି।

# ବଣାଇଁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ବଣାଇ, ୧୫ ।୧(ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବଣାଇଁ ରାଜା ଧରଣୀଧର ଖେଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟପିଲ୍ଲେ ଯୋଗଦେଇ ଥିଲେ। ସାଧାରଣତନ୍ତ୍ର ଦିବସକୁ କେମିତି ସୁନ୍ଦର ଭାବେ ପାଳନ କରାଯିବ ସେ ବିଷୟରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ସକାଳ ୬ଟାରେ ବଣାଇଁର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିଭାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବିକ୍ରାନ୍ତ ପାତ୍ର, ବଣାଇଁ କଲେଜ ଅଧ୍ୟକ୍ଷ ଜେନାମଣି ସାହୁ, ବଣାଇଁ ସରପଞ୍ଚ ନମିତା ନାଗ, ଏସ୍‌ଡିଏମ୍‌ଓ ମନୋଜ କୁମାର ପତି, ଅତିରିକ୍ତ ତହସିଲଦାର ଜ୍ଞାନରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବଣାଇଁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି



**ରାଉରକେଲା, ୧୫।୧(ସମିସ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ସଦଭାବନା ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୧, ୨୨ ଏବଂ ୨୪ ତାରିଖ ଦିନ ସକାଳ ୭:୩୦ ଟା ସମୟରେ ପରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଗୁଡ଼ିକ ଆୟୋଜିତ ହେବ। ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିଭଳି ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସକ୍ଲବ ଏବଂ ଜିଲ୍ଲା ବାର ଆସୋସିଏସନ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶୁଦ୍ଧପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



**ବଣାଇଁ, ୧୫।୧(ସମିସ):** ବଣାଇଁଗଡ଼ ସହରସ୍ଥ ରଥଛକ ନିକଟରେ ରୁଙ୍ଗଟା ଖଣିର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିବା ବେଳେ ଆଜି ଏହାକୁ ସର୍ବସାଧରଣଙ୍କ ନିମିତ୍ତ ଉଦ୍‌ଘାଟିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇ ସର୍ବସାଧରଣଙ୍କ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ। ଫକୀର ମୋହନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବରିଷ୍ଠ ବିଜେପି ନେତ୍ରୀ ଦିବ୍ୟମଞ୍ଜରୀ ଶେଖର ଦେଓ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ରୁଙ୍ଗଟା ଖଣିର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସ୍ଥାନରେ ପାନୀୟଜଳ ପ୍ରକଳ୍ପ ଖୁବ୍ ଆବଶ୍ୟକତା ଥିଲା, ଏଥିପାଇଁ ଅଞ୍ଚଳବାସୀ ଉପ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ପ୍ରଶାନ୍ତ କୁମାର ଜେନା, ସହକାରୀ ନାଜିର ଲଳିତ କୁମାର ପାତ୍ରଙ୍କ ସମେତ ଉକ୍ତ ଅଞ୍ଚଳବାସୀ ସାମିଲ ଥିଲେ।

## ବାସନ୍ତୀ ପରିଷଦର ନୂତନ କାର୍ଯ୍ୟକର୍ତ୍ତା ଚୟନ

# ରାମଚନ୍ଦ୍ର ସଭାପତି ଓ ଅକ୍ଷୟ ସାଧାରଣ ସମ୍ପାଦକ



**ରାଉରକେଲା, ୧୫।୧(ସମିସ):** ସହରର ବହୁ ପୁରାତନ ସାମାଜିକ ସାଂସ୍କୃତିକ ସଂଗଠନ ବାସନ୍ତୀ ପରିଷଦର ଆଗାମୀ ତିନି ବର୍ଷ ତଥା ମା' ବାସନ୍ତୀକ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଚଳିତବର୍ଷ ଦୁର୍ଗାପୂଜା ପାଇଁ ସ୍ଥାନୀୟ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଖଡ଼ଗ ମନ୍ଦିରରେ ବାସନ୍ତୀ ପରିଷଦର ସାଧାରଣ ପରିଷଦ ବୈଠକ ପରିଷଦର ସଭାପତି ଶଶଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ପୂଜାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବରେ ପାଳନ ପାଇଁ ସର୍ବସମ୍ମତି କ୍ରମେ ଏକ ନୂତନ କମିଟି ଗଠିତ ହୋଇଥିଲା। ଉକ୍ତ କମିଟିରେ ସଭାପତି ଭାବେ ରାମଚନ୍ଦ୍ର ଗୌଡ଼, କାର୍ଯ୍ୟକାରୀ ସଭାପତି ଉଗ୍ରସେନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ସେହିପରି ୫ ଜଣିଆ ଉପସଭାପତି ମଣ୍ଡଳୀରେ ବୃନ୍ଦାବନ ମାହାନ୍ତି, ଆସି ଟୁଡୁ, ରବୀନ୍ଦ୍ର ବାରିକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ ଓ କମଳାକାନ୍ତ ବେହେରା ପ୍ରମୁଖ ରହିଛନ୍ତି। ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ସାହୁ ଚୟନ ହୋଇଥିବାବେଳେ ତାଙ୍କୁ ସହଯୋଗ କରିବା ପାଇଁ ଯୁଗ୍ମ ସମ୍ପାଦକ ଭାବେ ଭବାନୀଶଙ୍କର ଦାସ, ରାଜପ୍ତି ପାଲ, ସୁବାସ ଚନ୍ଦ୍ର ପଣ୍ଡା ଓ ଧନେଶ୍ୱର ସେଠୀ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ ପ୍ରହ୍ଲାଦ ଚନ୍ଦ୍ର ନାୟକ ଚୟନ ହୋଇଥିବା ବେଳେ ସମସ୍ତ କମିଟି ମଧ୍ୟରେ ସମନ୍ୱୟ ଓ ସଂଯୋଗ ରଖି ପୂଜା ସୁଚାରୁ ସମ୍ପାଦନା ପାଇଁ ସଞ୍ଜୀବ କୁମାର ନାୟକଙ୍କୁ ମୁଖ୍ୟ ସଂଯୋଜକ ଭାବେ ଚୟନ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ନିରଞ୍ଜନ ଶତପଥୀ, ବି. ମିଶ୍ର ରହିଛନ୍ତି। ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏମାନଙ୍କ ଠାରୁ କମିଟି ଆବଶ୍ୟକୀୟ ମତାମତ ଓ ଉପଦେଶ ନେଇ କାର୍ଯ୍ୟ କରିବେ। ଉପଦେଷ୍ଟା ମଣ୍ଡଳୀରେ ଶଶଧର ପାତ୍ର, ନିରଞ୍ଜନ ଖଣ୍ଡାୟତ ରାୟ, ଏଚ୍.କେ. ପରିଡ଼ା, ସତ୍ୟବାନ୍ ରାଉତ, ଅନିରୁଦ୍ଧ ବିଶ୍ୱାଳ, ନିଳମଣି ଜେନା, ସୁପ୍ରକାଶ ତ୍ରିପାଠୀ ଓ ଭାସ୍କର ପୁହାଣ ରହିଛନ୍ତି। ଉକ୍ତ ବୈଠକରେ ପ୍ରଦୀପ ମହାପାତ୍ର, ଧନଞ୍ଜୟ ଦାସ, ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ଲହୁଣୀପଡ଼ା ଡିଏସ୍କ ସ୍ପୋର୍ଟସ କ୍ଲବ୍ ଚାମ୍ପିଅନ

**ଲହୁଣୀପଡ଼ା, ୧୫।୧(ସମିସ):** ରାଜାମୁଣ୍ଡା କ୍ରିକେଟ ଖେଳପଡ଼ିଆଠାରେ ଚାଲିଥିବା ତିନି ଦିନିଆ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ଖେଳରେ ଲହଙ୍ଗାପଡ଼ା କ୍ରିକେଟ କ୍ଲବ ଦଳକୁ ହରାଇ ଲହୁଣିପଡ଼ା ଡି ଏସ୍କ ସ୍ପୋର୍ଟସ କ୍ଲବ କ୍ରିକେଟ ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଜୟ ପଣ୍ଡା ଯୋଗ ଦେଇଥିଲେ। ଆୟୋଜକ ରାଜା ମୁଣ୍ଡା ସ୍ପୋଟ କ୍ଲବର ସଭାପତି ଅଭିଜିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲ।



Wishing 'The Sakala' a very happy
5th Anniversary.
Your commitment to delivering timely & relevant News is a vital service and we look forward to your continued
Success & Growth.
best wishes from
Well Wisher

# ଜାତୀୟ ସିନିୟର ଖୋ ଖୋ ଚାମ୍ପିଅନସିପ୍‌ରେ ବିଶାଳଙ୍କ ସଫଳତା




**ରାଉରକେଲା, ୧୫।୧(ସମିସ)**

କାଜିପେଟ୍, ତେଲେଙ୍ଗାନାଠାରେ ଆୟୋଜିତ ୫୮ ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିଅନସିପରେ ଓଡ଼ିଶା ମହିଳା ଦଳ ରୌପ୍ୟ ଓ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛି। ରାଜ୍ୟ ପୁରୁଷ ଦଳରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଳ ଓରାମ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସେ ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ ଅଟନ୍ତି। ବିଶାଳ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ର। ରାଜ୍ୟସ୍ତରୀୟ ଖୋ ଖୋ ରେଫ୍‌ରି ତଥା ପ୍ରଶିକ୍ଷକ ଅନିଲ ସାହୁ ନେତୃତ୍ୱରେ ବିଶାଳ କ୍ରୀଡା ଅଭ୍ୟାସ ଜାରି ରଖିଛନ୍ତି ଓ ଓଡ଼ିଶା ଏଏମ/ଏନଏସ୍ ଭାରତ ଖୋଖୋ ଉଚ୍ଚପ୍ରଦର୍ଶନ କେନ୍ଦ୍ର (ଏଚପିସି) ପୁରୀରେ ରହି ଖେଳ ଅଭ୍ୟାସ କରୁଛନ୍ତି। ନିଜ ପ୍ରତିଭା ବଳରେ ବିଶାଳ ବର୍ତ୍ତମାନ ଯାଏ ୧୨ ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ, ଚାରିଟି ରୌପ୍ୟ ଓ ଚାରିଟି କାଂସ୍ୟ ପଦକ ହାସଲ କରିଛନ୍ତି। ବିଶାଳଙ୍କ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ସାହୁ ଶୁଭେଚ୍ଛା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି ।

- ଆଲବର୍ଟ ଆଇନଷ୍ଟାଇନ୍

## ତୈଳକୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ସଦ୍ୟତମ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ଓ ସାମରିକ ଅଭିଯାନ ହୋଇଛି ସେ ସବୁର ମୂଳରେ ରହିଛି ଜୀବାଶ୍ମ ଇନ୍ଧନ ବା ତୈଳ କୂଟନୀତି । ବିଶେଷକରି ବିଶ୍ୱର ସମୃଦ୍ଧ ତୈଳ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆମେରିକାର ଦୁର୍ବାର ଲୋଭ ହିଁ ଅଧିକାଂଶ ଯୁଦ୍ଧକୁ ଜନ୍ମ ଦେଇଛି ଏବଂ ସ୍ୱାଭାବିକ ଭାବରେ ଯୁଦ୍ଧର କେନ୍ଦ୍ରରେ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ହିଁ ରହିଛି । ତେଣୁ ଆମେରିକାର ସମ୍ଭାବ୍ୟ ଇରାନ୍ ଆକ୍ରମଣର ଲକ୍ଷ୍ୟ ଓ ଫଳାଫଳ ମଧ୍ୟ ସେହି ତୈଳକୂଟରୁ ଆରମ୍ଭ ହୋଇ ତୈଳକୂପ ଅକ୍ତିଆରରେ ଶେଷ ହେବ ବୋଲି ଅନୁମାନ କରିବାରେ କିଛି ଭୁଲ୍ ହେବ ନାହିଁ । ଅଧୁନା ଜଗତିକରଣକୁ ଜୀବାଶ୍ମ ଇନ୍ଧନ ଗତିଶୀଳ କରୁଥିବାରୁ ବିଶ୍ୱ ଭୂରାଜନୀତିରେ ତୈଳକୂଟନୀତି ସ୍ୱତନ୍ତ୍ରତା ହାସଲ କରିଛି ଏବଂ ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ତୈଳଭଣ୍ଡାର ମଧ୍ୟପ୍ରାଚ୍ୟ ହିଁ ଏହାର ପ୍ରମୁଖ ପ୍ରୟୋଗଶାଳା ହୋଇଛି । ଏହାଛଡ଼ା ଭାରତ ଉପରେ ଆମେରିକାର ଆକ୍ରୋଶ, ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ରୁଷ ଓ ଇରାନ୍ ଉପରେ କଟକଣା ଆଦି ପଛରେ ମଧ୍ୟ ଏହି ତୈଳକୂଟ ହିଁ ନିର୍ଣ୍ଣାୟକ ହୋଇଛି ।

ଭେନେଜୁଏଲା ସହିତ ଆମେରିକାର ତିକ୍ତ ସମ୍ପର୍କ ଆଜିର ନୁହେଁ । କିନ୍ତୁ ସମସ୍ତ ଅନ୍ତଃରାଷ୍ଟ୍ରୀୟ ନୀତିନିୟମକୁ ଉଲ୍ଲଙ୍ଘନ କରି ଏବେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ହରଣଚାଳ କରି ନିଆଯିବା ପଛରେ ସାମ୍ନାକୁ ଆସିଥିବା ପ୍ରଥମ କାରଣଟି ଭେନେଜୁଏଲା-ଚୀନ୍ ତୈଳବାଣିଜ୍ୟ ଚୁକ୍ତି ପ୍ରତି ଇଙ୍ଗିତ କରୁଛି । ଆଗାମୀ ଦଶନ୍ଧି କିମ୍ବା ଦୁଇଦଶନ୍ଧି ପର୍ଯ୍ୟନ୍ତ ତୈଳ-ଇନ୍ଧନ ଚାହିଦା ପୂରଣ ପାଇଁ ଚୀନ୍ ବିଶାଳ ତୈଳଭଣ୍ଡାରମାନ ନିର୍ମାଣ କରୁଛି ଏବଂ ବିପୁଳ ପରିମାଣର ଜୀବାଶ୍ମ ଇନ୍ଧନ ଆମଦାନୀ କରୁଛି । ଚୀନ୍‌ର ଏହି ଯୋଜନାରେ ମୁଖ୍ୟ ସହାୟକ ହୋଇଛି ଭେନେଜୁଏଲା । ଭେନେଜୁଏଲାରେ ବିଶ୍ୱର ସର୍ବାଧିକ ୧୭% ଜୀବାଶ୍ମ ଇନ୍ଧନ ଗଚ୍ଛିତ ରହିଛି ଏବଂ ସେହି ଦେଶ ଉତ୍ପାଦନ କରୁଥିବା ଦୈନିକ ୧୦ ଲକ୍ଷ ବ୍ୟାରେଲ୍ ପେଟ୍ରୋଲିୟମ୍‌ର ୯୦ ପ୍ରତିଶତ ଚୀନ୍ ଆମଦାନୀ କରୁଛି । ତେଣୁ ଚୀନ୍‌ର ସ୍ୱତନ୍ତ୍ର ପ୍ରତିନିଧି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଭେଟିବାର ୨୪ ଘଣ୍ଟା ନ ପୁରୁଣୁ ଆମେରିକାର ଅତିକ୍ରିୟା ଦେଖିବାକୁ ମିଳିଛି ।

ଭେନେଜୁଏଲାର ଶାସନ କ୍ଷମତା ନିଜ ଅକ୍ତିଆରକୁ ଆଣିବା ପରେ ସେଠାକାର ତୈଳକୂପମାନଙ୍କରୁ ପର୍ଯ୍ୟାପ୍ତ ତୈଳ ଉତ୍ତୋଳନ କରିବାକୁ ଟ୍ରମ୍ପ ତାଙ୍କ ଦେଶର ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହିତ ଭାରତକୁ ମଧ୍ୟ ଭେନେଜୁଏଲାରୁ ପେଟ୍ରୋଲିୟମ୍ କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତକୁ ଏକପ୍ରକାର ଦୋଛକିରେ ଛାଡ଼ିଦେଇଛି । ଭାରତ ଯଦି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ନ ହୁଏ ତେବେ ଆଗାମୀ ଦିନରେ ଭାରତୀୟ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । ଯଦି ଟ୍ରମ୍ପଙ୍କ ପ୍ରସ୍ତାବକୁ ଭାରତ ଗ୍ରହଣ କରେ ତେବେ ଭାରତକୁ ଚାରିପଟୁ ଘେରିବାକୁ ଯୋଜନା କରୁଥିବା ଚୀନ୍ ଆହୁରି ଆକ୍ରମଣାତ୍ମକ ହେବ । ସେହିପରି ଆମେରିକା କଥାରେ ଭାରତ ଭେନେଜୁଏଲାମୁଖୀ ହେଲେ ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ରୁଷ୍ ଅସୁଖୀ ହୋଇପାରେ । ତେଣୁ ଆଗାମୀ ଦିନରେ ତୈଳ କୂଟନୀତିର ଆହ୍ୱାନକୁ ଭାରତ କିଭଳି ମୁକାବିଲା କରୁଛି ତା'ଉପରେ ବିଶ୍ୱର ଦୃଷ୍ଟି ରହିବ ।

ଅପରପକ୍ଷରେ ଭେନେଜୁଏଲାର ଶାସନ କ୍ଷମତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିବା ଏବଂ ତୈଳଭଣ୍ଡାର ଉପରେ ଆଧିପତ୍ୟ ଘୋଷଣା ପଛରେ ଆମେରିକାର ଏକମାତ୍ର ଲକ୍ଷ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ଇନ୍ଧନଭଣ୍ଡାରଣର ମାନ୍ୟତା । ଏହାଦ୍ୱାରା ଆମେରିକା ଏକପକ୍ଷରେ ଚୀନ୍ ଓ ରୁଷ୍‌କୁ ଟକ୍କର ଦେଇପାରିବ ଏବଂ ଅପରପକ୍ଷରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଥିବା 'ପେଟ୍ରୋଡଲାର'ର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିପାରିବ । ୧୯ ୭୦ ମସିହାରେ ସାଉଦୀ ଆରବ ନେତୃତ୍ୱରେ ଗଠିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ସଂଘ (ଓପେକ୍) ଓ ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଓପେକ୍ ତୈଳ ବାଣିଜ୍ୟରେ ବିନିମୟର ଏକମାତ୍ର ମାଧ୍ୟମ ରୂପେ ଆମେରିକୀୟ ଡଲାରକୁ ଗ୍ରହଣ କରିବ ଏବଂ ପ୍ରତିବଦଳରେ ଆମେରିକା ଓପେକ୍ ସଦସ୍ୟ ରାଷ୍ଟ୍ରଙ୍କୁ ସାମରିକ ସୁରକ୍ଷା ଓ ପ୍ରତିରକ୍ଷା ସହାୟତା ଯୋଗାଇଦେବ । ଏହି ଚୁକ୍ତି ଫଳରେ ବିଶ୍ୱସ୍ତରରେ ତୈଳ କାରବାର କେବଳ ଆମେରିକୀୟ ଡଲାରରେ ହୋଇଆସୁଛି ଏବଂ ପେଟ୍ରୋଡଲାରର ସ୍ଥିତି ଅଧିକରୁ ଅଧିକ ସୁଦୃଢ଼ ହୋଇଛି । ବିଶ୍ୱର ସର୍ବଶକ୍ତିମାନ ଅର୍ଥନୀତିର ମାନ୍ୟତା ଆମେରିକା ପାଇଛି । ଅପରପକ୍ଷରେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଇରାକ୍ ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏବେ ଇରାନ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ ମସୁଧା କରୁଛି ।

ପ୍ରାୟ ତିନି ଦଶନ୍ଧି ଧରି ବିଶ୍ୱ ବାଣିଜ୍ୟରେ ପେଟ୍ରୋଡଲାର ଜରିଆରେ ଆଧିପତ୍ୟ ଜାରି ରଖିଥିବା ଆମେରିକୀୟ ଡଲାରର ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି । ଆମେରିକା ବିଶ୍ୱର ସବୁଠାରୁ ଅଧିକ ତୈଳ ଆମଦାନୀ କରୁଥିବାରୁ ଡଲାରର ବହିଃଗମନ ବଢ଼ିବାରେ ଲାଗିଛି । ଏହାଦ୍ୱାରା ଓପେକ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ବଢ଼ିଛି ଏବଂ ଆମେରିକାର ଟ୍ରେଜେରି ବଣ୍ଡର ମୂଲ୍ୟ ବିଶ୍ୱବଜାରରେ ହ୍ରାସ ପାଇବାରେ ଲାଗିଛି । ଅପରପକ୍ଷରେ ଓପେକ୍ ରାଷ୍ଟ୍ରଗୁଡ଼ିକ ଆମେରିକାର ପ୍ରତିଭୂତି ବଜାରରୁ ବିପୁଳ ଲାଭାଂଶ ସଂଗ୍ରହ କରିଆସୁଛନ୍ତି । ଏହି ସ୍ଥିତିର ମୁକାବିଲା ପାଇଁ ଆମେରିକା ଘରୋଇ ସେଲ୍‌ଫ କମ୍ପାନୀମାନ ପ୍ରତିଷ୍ଠା କରି ଜୀବାଶ୍ମ ଇନ୍ଧନ ଉତ୍ତୋଳନକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଥିଲେ ମଧ୍ୟ ଡଲାରର ଅନ୍ତଃଆଗମନ ସେଭଳି ଆଶାନୁରୂପ ହୋଇପାରିନାହିଁ । ସେହିପରି ଚୀନ୍‌ର ଆବିର୍ଭାବ ପରେ ଆମେରିକାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି । ବିଗତ ଦଶନ୍ଧିରେ ଦକ୍ଷିଣ-ବିଶ୍ୱ ସହିତ ଆମେରିକାର ସମ୍ପର୍କରେ ଅବନତି ଏବଂ ରୁଷ୍, ଇରାନ୍ ପରି କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ଉପରେ କଟକଣା ପରେ ଡଲାରକୁ ବାଦ୍ ଦେଇ ସ୍ୱଦେଶୀ ମୁଦ୍ରାକୁ ତୈଳ କାରବାରର ବିନିମୟ ମାଧ୍ୟମ କରିବାର ଉଦ୍ୟମ ଆରମ୍ଭ ହୋଇଛି । ବିଶେଷକରି 'ବ୍ରିକ୍ସ' ଦେଶମାନେ ନିଜସ୍ୱ ମୁଦ୍ରାରେ ଅଧିକରୁ ଅଧିକ ବାଣିଜ୍ୟ କାରବାରକୁ ଅଗ୍ରାଧିକାର ଦେବା ପରେ ପେଟ୍ରୋଡଲାରର ଆଧିପତ୍ୟ ହ୍ରାସ ପାଇଛି । ଏଥିରେ ବିଚଳିତ ଟ୍ରମ୍ପ ଏବେ ଭେନେଜୁଏଲାର ତୈଳକୂପଗୁଡ଼ିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ତୈଳ ରପ୍ତାନି କରି ଡଲାର ସଂଗ୍ରହ କରିବାର ଯୋଜନା କରିଛନ୍ତି ।

ଇତିମଧ୍ୟରେ ଇରାନ୍ ଉପରେ ଆକ୍ରମଣ ପାଇଁ ଆମେରିକା ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ମୁକାବିଲା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଇରାନ୍ ଧମକ ଦେଇଛି । ତେଣୁ ନିକଟ ଭବିଷ୍ୟତରେ ଏହି ତୈଳକୂଟ ବିଶ୍ୱକୁ ଅଧିକ ଅଶାନ୍ତ କରିବାକୁ ଯାଉଛି । ଯୁଦ୍ଧରେ କିଏ ଜିତିବ ବା ହାରିବ - ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ତୈଳକୂଟର ପ୍ରକୋପରୁ ତୈଳକୂପଗୁଡ଼ିକ କେତେ ସୁରକ୍ଷିତ ରହିପାରିବ? ଏବଂ ଗୋଷ୍ଠୀନିରପେକ୍ଷ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଏହି ତୈଳକୂଟରୁ କିଭଳି ନିଜକୁ ସୁରକ୍ଷା ଦେଇ ସମଦୂରତ୍ୱ ବଜାୟ ରଖିବ ।

# ଶିକ୍ଷିତ ବନାମ ଅଶିକ୍ଷିତ

ବୈକୁଣ୍ଠନାଥ ମିଶ୍ର



ନିକଟରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନୈକ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଘୋର ବିପତ୍ତିର କାରଣ ସାଜୁଛନ୍ତି । ସେ ଏକଥା ମଧ୍ୟ କହିଥିଲେ ଯେ ଶିକ୍ଷିତ ଲୋକଙ୍କ ଯୋଗୁଁ ଦେଶରେ ଆତଙ୍କବାଦ ମୁଣ୍ଡଟେକିଛି ।

ମନ୍ତ୍ରୀ ମହୋଦୟଙ୍କ କଥା କେତେକାଂଶରେ ଠିକ୍ ମନେହୁଏ । କାରଣ ଆଜିର ଡିଜିଟାଲ ଯୁଗରେ ଅପରାଧ କୌଶଳ (କ୍ରାଇମ୍ ଟେକ୍‌ନିକ୍) ଏତେ ବୃଦ୍ଧି ପାଇଛି ଯେ ପୁଲିସ୍ ସାଇବର ଏକ୍ସପର୍ଟ ବା ଅପରାଧ ନିୟନ୍ତ୍ରଣର ସମସ୍ତ କୌଶଳ ବେଳେବେଳେ ଅସଫଳ ହେଉଛି । କିଛିଲୋକଙ୍କର ଅବିଚାରିତ କର୍ମ ଦେଶଦ୍ରୋହ ପାଇଁ ଉଦ୍ଦିଷ୍ଟ । ଦେଶଦ୍ରୋହ ଭଳି ଷଡ଼ଯନ୍ତ୍ରରେ ଲିପ୍ତ ସମସ୍ତ ତତ୍ତ୍ୱମାନଙ୍କୁ ଅବିଳମ୍ବେ ଧରି କଠୋରରୁ ଅତି କଠୋର ଶାସ୍ତି ବିଧାନ କରିବାର ଆବଶ୍ୟକତା ଅଛି । କିନ୍ତୁ କେବଳ ଶିକ୍ଷିତ ସମାଜକୁ ସାମଗ୍ରିକ ଭାବେ ଦେଶବିରୋଧୀ ଆଖ୍ୟା ଦେବା ଠିକ୍ ନୁହେଁ । କିଛିଦିନ ତଳେ ଶିକ୍ଷିତ ସହରବାସୀଙ୍କ ପ୍ରତି 'ଅର୍ବାନ ନକ୍ସଲ' ଭଳି ଅଭିଯୋଗ ମଧ୍ୟ ଉଠିଛି । ଏଭଳି ଅଭିଯୋଗ ପଛରେ ଯେଉଁ ବିଷମ କଥାଟି ଲୁକ୍କାୟିତ ଅଛି, ତାହା ହେଲା ସରକାରଙ୍କର ଦୋଷତ୍ରୁଟିକୁ ଶିକ୍ଷିତ ଲୋକମାନେ ବରଦାସ୍ତ ନ କରି ପଦାରେ ପକାଇବାର ଯେଉଁ ପ୍ରୟାସ କରନ୍ତି ତଦ୍ୱାରା ସରକାର ଅନେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ।

କୁହାଯାଏ, ସମାଲୋଚନା ହିଁ ଉଚିତ ସିଦ୍ଧାନ୍ତ ନେବାର ପଥ ସୁଗମ କରେ । ସମାଲୋଚନାକୁ ଭୟକରି ଶିକ୍ଷିତମାନଙ୍କୁ ଦୋଷାରୋପ କରିବା କେତେଦୂର ଠିକ୍ ତାହା ଚିନ୍ତା କରିବା ଆବଶ୍ୟକ । ତେବେ କ'ଣ ଦେଶବାସୀ ଅଶିକ୍ଷିତ ରହିବା ଏବଂ ସମାଲୋଚନାରୁ କ୍ଷାନ୍ତ ରହିବା ବର୍ତ୍ତମାନର ଆବଶ୍ୟକତା? ବ୍ୟବସ୍ଥାର ଦୋଷତ୍ରୁଟିକୁ ସାର୍ବଜନୀନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ । ଏଥିରେ ବ୍ୟଥିତ ନହୋଇ ବରଂ ନିଜ ତ୍ରୁଟି ସୁଧାରିବାର ପ୍ରୟାସ କରିବା ଉଚିତ ।

ଗୋଟିଏ ଦେଶର ବିକାଶ ମୂଳରେ ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମୀଣ ଅନ୍ନଦାତାଙ୍କର ଅକ୍ଳାନ୍ତ ପରିଶ୍ରମରେ ଦେଶର ଖାଦ୍ୟ ସମସ୍ୟା ଦୂର ହୋଇପାରୁଛି । କଳକାରଖାନାରେ କାର୍ଯ୍ୟରତ ଅସଂଖ୍ୟ ଅପାଠୁଆ ଶ୍ରମିକମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ । ସେହିମାନଙ୍କର ପରିଶ୍ରମର ଫଳ ଦେଶର ଆର୍ଥିକ ବିକାଶର ମୂଳପିଣ୍ଡ । ଶିକ୍ଷିତମାନେ ଯୋଜନା କରନ୍ତି । କିନ୍ତୁ ଅପାଠୁଆମାନେ ତା'ର ରୂପାୟନରେ ସହାୟତା କରନ୍ତି । ଏଠାରେ ଏକ ଗଳ୍ପର ପ୍ରାସଙ୍ଗିକତା ପ୍ରଣିଧାନଯୋଗ୍ୟ ।

ଗୋଟିଏ ଗାଁରେ ଚାରିଜଣ ବାଳକଙ୍କ ମଧ୍ୟରେ ଥିଲା ନିବିଡ଼ ବନ୍ଧୁତା । ସେମାନଙ୍କ ଭିତରୁ ତିନିଜଣ ମେଧାବୀ ଓ ଜଣେ ଥିଲା ଅପାଠୁଆ । ସମୟକ୍ରମେ ତିନି ମେଧାବୀ ବନ୍ଧୁ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ କଲେ । କିନ୍ତୁ ଅପାଠୁଆ କୃଷିକର୍ମରେ ଲିପ୍ତ ରହିଲା । କିଛିବର୍ଷ ପରେ ଉଚ୍ଚଶିକ୍ଷିତ ତିନିବନ୍ଧୁ ଗ୍ରାମକୁ ଫେରିଲେ ଏବଂ ଅପାଠୁଆ ସହ ଚାରି ବନ୍ଧୁ ହସଖୁସିରେ କିଛିଦିନ ମାତିଗଲେ । ଥରେ ଚାରି ସାଙ୍ଗ ଭୋଜି କରିବାକୁ ଜଙ୍ଗଲକୁ ଗଲେ । ଜଙ୍ଗଲରେ ଏକ ସିଂହର ବିକ୍ଷିପ୍ତ କଙ୍କାଳ ପଡ଼ିଥିବାର ଦେଖିଲେ । ଆୟତ୍ତ କରିଥିବା ବିଦ୍ୟା ପ୍ରୟୋଗର ଏହାଏକ ପ୍ରକୃଷ୍ଟ କ୍ଷେତ୍ର ଭାବି ପରୀକ୍ଷାରେ ଲାଗିପଡ଼ିଲେ । ପ୍ରଥମ ବନ୍ଧୁ ନିଜ ବିଦ୍ୟାବଳରେ ହାଡ଼ଗୁଡ଼ିକୁ ଏକାଠିକରି ସଜେଇ ଦେଲା, ଦ୍ୱିତୀୟ ବନ୍ଧୁଟି ନିଜ ବିଦ୍ୟାବଳରେ ସେଥିରେ ରକ୍ତମାଂସ ଭରିଦେଲା ଏବଂ ତୃତୀୟ ବନ୍ଧୁଟି ତାକୁ ଜୀବନ୍ୟାସ ଦେବାକୁ ଉଦ୍ୟତ ହେବା ବେଳେ ଅପାଠୁଆ ବନ୍ଧୁଟି ତା'କୁ ସେଥିରୁ ବିରତ ହେବାକୁ ଅନୁରୋଧ କଲା । ଅପାଠୁଆ ବନ୍ଧୁର କହିବା କଥା ସିଂହଟି ଜୀବନ୍ୟାସ ପାଇଲେ ପ୍ରଥମେ ଆମକୁ ହିଁ ଭକ୍ଷଣ କରିବ । କାରଣ ସେ ଅନେକ ଦିନ ହେଲା ଭୋକିଲା ଅଛି । ତା' କଥାକୁ ଅନ୍ୟ ତିନିବନ୍ଧୁ ଉପହାସ କରି ନିଜ କାମରେ ଲାଗିଗଲେ । ବିଚରା ଅପାଠୁଆ ବନ୍ଧୁଟି ସେଠାରୁ ନିରାପଦ ଦୂରତାକୁ ଯାଇ ଏକ ବୃକ୍ଷ ଉପରେ ବସିଲା । ସତକୁ ସତ ସିଂହଟି ଜୀବନ୍ୟାସ ପାଇ ତିନିବନ୍ଧୁଙ୍କୁ ମାରିଦେଲା । ଏକଥା ଦେଖି ଅପାଠୁଆ ବନ୍ଧୁଟି କାନ୍ଦିକାନ୍ଦି ଘରକୁ ଫେରିଲା ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଶିକ୍ଷିତମାନେ ସବୁବେଳେ ବୁଦ୍ଧିମାନ ନୁହନ୍ତି କିମ୍ବା ଅପାଠୁଆ ବୁଦ୍ଧିହୀନ ନୁହନ୍ତି । ବେଳେବେଳେ ଅପାଠୁଆଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରିଥାଏ । ବିଶିଷ୍ଟ ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ୍ ତାଙ୍କ ପ୍ରବନ୍ଧ 'ଏ ଡାଇଲଗ୍ ଅନ ସିଭିଲାଇଜେସନ'ରେ କହନ୍ତି ଯେ କୌଣସି ଦ୍ରବ୍ୟର ବ୍ୟବହାରକାରୀ ବାସ୍ତବରେ ସଭ୍ୟ ନୁହନ୍ତି । ସେ ହିଁ ସଭ୍ୟପଦବାଚ୍ୟ ଯେ ଦ୍ରବ୍ୟ ତିଆରି କରେ । ଉଦାହରଣ ସ୍ୱରୂପ ଜୋତା ପିନ୍ଧିବା ଲୋକ ସଭ୍ୟ ନୁହେଁ ; ମାତ୍ର ଜୋତା ତିଆରି କରିବା ହିଁ ବାସ୍ତବ ସଭ୍ୟତା । ତାଜମହଲ ନିର୍ମାଣରେ ଶାହାଜାହାନଙ୍କ ଅପେକ୍ଷା ଶିଳ୍ପୀକୁଳର ଗରିମାକୁ ଶ୍ରେୟ ଦିଆଯିବା ଆବଶ୍ୟକ । କୌଣସି ସ୍ଥାପତ୍ୟର କଳାକୁଶଳତାର ଶ୍ରେୟ ଶିଳ୍ପୀକୁଳର ପ୍ରାପ୍ୟ । ଶିଳ୍ପୀକୁଳ ଅପାଠୁଆ ହୋଇପାରନ୍ତି; ମାତ୍ର ବୁଦ୍ଧିହୀନ ନୁହନ୍ତି ।

ସରକାରଙ୍କ ଅନେକ ଯୋଜନା ବିଫଳ ହୁଏ । ସେହି ବିଫଳତାକୁ ସମାଲୋଚନା କରୁଥିବା ବ୍ୟକ୍ତିକୁ ଆକ୍ଷେପ କରିବା ଠିକ୍ ନୁହେଁ । ପୂର୍ବରୁ ଅନେକ ସରକାର ତାଙ୍କ ସମାଲୋଚକମାନଙ୍କୁ ନାନା ଭାବରେ ଦଣ୍ଡିତ କରିଥିବାର ଦୃଷ୍ଟାନ୍ତ ରହିଛି । ଶିକ୍ଷିତମାନେ ଦେଶଦ୍ରୋହୀ - ଏହା କହିବା ମୂଳରେ ଭୟ ରହୁଛି ଯେ ଶିକ୍ଷିତମାନେ ସବୁକଥାରେ ସରକାରଙ୍କୁ ସମର୍ଥନ କରୁନାହାନ୍ତି । ଅବଶ୍ୟ ଯେଉଁମାନେ ଦେଶର ନାଗରିକ ହୋଇ ଦେଶର ଅନିଷ୍ଟ କରିବାକୁ ଚିନ୍ତା କରୁଛନ୍ତି, ସେହି ତତ୍ତ୍ୱମାନଙ୍କୁ ଗୁଇନ୍ଦାବିଭାଗ ଦ୍ୱାରା ଧରାଯାଇ ଦଣ୍ଡିତ କରିବାର ଆବଶ୍ୟକତା ଅଛି । ତା' ନ କରି ଶିକ୍ଷିତମାନଙ୍କୁ ସାମଗ୍ରିକ ଭାବେ ଦେଶଦ୍ରୋହୀ କହିବା ଅଶୋଭନୀୟ ।

ସରକାର ସବୁବେଳେ ସ୍ୱଚ୍ଛ ହେବା ଦରକାର । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଥିଲେ ଯେ ଲୋକଙ୍କୁ ମାଗଣାରେ ଅର୍ଥ, ଖାଦ୍ୟଶସ୍ୟ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଯୋଗାଣ ଦେଶର ବିକାଶ ପରିପନ୍ଥୀ । ଏବେ ଆମେ ଦେଖୁଛେ ସରକାରମାନେ ମାଗଣାରେ ସବୁକିଛି ଦାନ କରୁଛନ୍ତି । ମାଗଣା ଖାଦ୍ୟ ଶସ୍ୟ, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ନଗଦ ଅର୍ଥ ଯୋଜନା ଦେଶ ପ୍ରଗତିର ବାଧକ । ଅବଶ୍ୟ ଅତିବୃଦ୍ଧ, ଅସହାୟ, ଭୂମିହୀନମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକତା ହେବା ଉଚିତ । କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥ ଓ ଉପହାର ପ୍ରଦାନ ନିନ୍ଦନୀୟ । ବିହାର ନିର୍ବାଚନ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୬ ତାରିଖରେ ସେ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦଶହଜାର ଟଙ୍କାର ସହାୟତା ରାଶି ଦିଆଗଲା । ଏହା କ'ଣ ଦେଶହିତକର କାର୍ଯ୍ୟର ନମୁନା? ବାସହୀନକୁ ବାସଗୃହ, ବୁଭୁକ୍ଷୁକୁ ଅନ୍ନଦାନ, ଏସବୁ ଯେକୌଣସି ସରକାରର ଉତ୍ତମ କାର୍ଯ୍ୟାବଳୀର ଅଂଶବିଶେଷ । ଏହାକୁ ସମାଲୋଚନା କରିବାର କ୍ଷମତା କାହାର ନାହିଁ । କିନ୍ତୁ ଭୋଟବେଳେ ଅର୍ଥଦାନର ଦୁରଭିସନ୍ଧି ଥାଏ ଯେ ବିପୁଳ ଭୋଟ ପାଇ ଜୟଯୁକ୍ତ ହେବା । ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଭୁଲ ଯେ କେହି କରିପାରେ । ଏହା ବୁଝିବା ଦରକାର ।

ସିଦ୍ଧଳ (ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

# ସୃଜନଶୀଳତାର ଯୁଗଳବନ୍ଦୀ

ବିଜୟାନନ୍ଦ ଶତପଥୀ

ହିନ୍ଦୀ ସାହିତ୍ୟରେ ଏମିତି ଏକ ଦୋହା ରହିଛି, ଯାହା ଦୁଇ ମହାକବିଙ୍କ ମଧ୍ୟରେ ମାନସିକ ସହ-ସୃଜନଶୀଳତାର ଯୁଗଳବନ୍ଦୀ ସର୍ଜନା କରିଥିଲା । ଏହାର ପ୍ରାମାଣିକତା କେତେଦୂର ସତ୍ୟ ତାହା ନିଶ୍ଚିତ ନୁହେଁ, କିନ୍ତୁ ସେହି ମାର୍ମିକ ରଚନାର ପୁନଃ ମନନ ନିମନ୍ତେ ଏହି ସନ୍ଦର୍ଭଟି ଉପସ୍ଥାପିତ ହୋଇଛି । ଏହି ଦୋହାର ସୃଷ୍ଟି ପଛରେ ଏକ ଅତ୍ୟନ୍ତ ସୁନ୍ଦର ଓ ଅଦ୍ଭୁତ ପ୍ରସଙ୍ଗ ଲୁଚିରହିଛି, ଯାହା ଆକବରଙ୍କ ଭଳି ଜଣେ ମୋଗଲ ବାଦଶାହାଙ୍କ ହିନ୍ଦୁ ସନ୍ଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା, ଉଦାରତା, ଅନ୍ୟ ଧର୍ମ ପ୍ରତି ସମ୍ମାନର ପ୍ରମାଣ ଦିଏ । ଏହି ପ୍ରସଙ୍ଗ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ମାନସିକ, ବୌଦ୍ଧିକ ଓ ଆତ୍ମିକ ସହସମ୍ବନ୍ଧକୁ ଦୃଢ଼କରେ । ତତସହିତ ସାହିତ୍ୟପ୍ରେମୀଙ୍କ ରୋମାବଳିରେ ଅପୂର୍ବ ପୁଳକ ସୃଷ୍ଟି କରେ । ଏହି ପ୍ରସଙ୍ଗ ଏହା ମଧ୍ୟ ସାବ୍ୟସ୍ତ କରେ ଯେ, ସାହିତ୍ୟ ହେଉଛି ମଣିଷ ସହ ମଣିଷକୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ପୂର୍ବକାଳରେ କିପରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଚାରରେ ସାହିତ୍ୟ ମେଧାବୀମାନଙ୍କ ମଧ୍ୟରେ ମାଧୁର୍ଯ୍ୟପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ ହୋଇପାରିଥିଲା ।

ପଞ୍ଚଦଶ ଶତକର ଉତ୍ତରାର୍ଦ୍ଧ ଓ ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଜନବସତିରୁ ଦୂରରେ ଚିତ୍ରକୂଟରେ ନିସଙ୍ଗବାସରେ ଥିଲେ ଗୋସ୍ୱାମୀ ତୁଳସୀ ଦାସ । ଇଷ୍ଟ ଶ୍ରୀରାମଙ୍କ ଗାଥା ବର୍ଣ୍ଣନା କରି ସେ ସମୟରେ ସେ 'ଶ୍ରୀରାମଚରିତ ମାନସ' ରଚନା କରୁଥା'ନ୍ତି । ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ନିମନ୍ତେ ସେ ନିଜର ଅବସ୍ଥାନ ଅତ୍ୟନ୍ତ ଗୋପନ ରଖିଥିଲେ । କିନ୍ତୁ ସତ୍‌କର୍ମର ସୁଗନ୍ଧ କେବେ ଲୁଚି ରହିପାରେ ନାହିଁ । 'ଶ୍ରୀରାମଚରିତ ମାନସ' ଗ୍ରନ୍ଥର ପ୍ରଶସ୍ତି ଶୁଣି ପ୍ରତିଭା ଓ ଯୋଗ୍ୟତାର ମୂଲ୍ୟ ବୁଝୁଥିବା ଆକବର ଗୋସ୍ୱାମୀ ତୁଳସୀ ଦାସଙ୍କୁ ଭେଟିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲେ । କିନ୍ତୁ ତୁଳସୀ ଦାସଙ୍କୁ ବାଦ୍‌ଶାହାଙ୍କ ଗୁପ୍ତଚରମାନେ ମଧ୍ୟ ସନ୍ଧାନ କରିପାରୁ ନଥିଲେ ।

ଆକବରଙ୍କ ମନ୍ତ୍ରୀ ବୈରାମ ଖାଁଙ୍କର ପୁତ୍ର ରହିମ୍ ସେ ସମୟର ଜଣେ ଉଚ୍ଚକୋଟୀର ହିନ୍ଦୀ ସାହିତ୍ୟିକ ଥିଲେ । ରହିମ୍‌ଙ୍କ ରଚିତ ଦୋହା ଏବଂ ତାଙ୍କ କାବ୍ୟପ୍ରତିଭା ସମ୍ପର୍କରେ ଆକବର ସଚେତନ ଥିଲେ । ବାଦ୍‌ଶାହାଙ୍କର ମନକୁ ଆସିଲା, ଗୋସ୍ୱାମୀ ତୁଳସୀ ଦାସଙ୍କୁ ରହିମ୍ ହିଁ ଠାବ କରିବାରେ ସମର୍ଥ ହେବେ । ତେଣୁ ଆକବର ଏହି ଦାୟିତ୍ୱ ରହିମଙ୍କୁ ଦେଲେ । ସଂଯୋଗବଶତଃ ସେ ସମୟରେ ବାଦଶାହ ହାତୀପିଠିରେ ବସି ଭ୍ରମଣ କରୁଥିଲେ । ମଝିରେ ମଝିରେ ହାତୀଟି ଥୋରପାହାରରେ ଭୂମିରୁ ଧୂଳି ନେଇ ନିଜ ମଥା ଉପରେ ଢାଳୁଥିଲା । ତାହାକୁ ଲକ୍ଷ୍ୟକରି ରହିମଙ୍କ ମନରେ ଏକ ପ୍ରଶ୍ନମୂଳକ ପଂକ୍ତି ଉଦ୍ରେକ ହେଲା । ସେହି ଆଧାରରେ ସେ ଏକଧାଡ଼ି ବିଶିଷ୍ଟ ଏକ ଦୋହା ରଚନା କରି ଘୋଷଣା କଲେ ଯେ 'ଦୋହାର ଅପର ଧାଡ଼ି ଯେଉଁ ବିଦ୍ୱାନ ପୂରଣ କରିବେ ତାଙ୍କୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ମିଳିବ । ରହିମ୍ ରଚନା କରିଥିବା ଦୋହାର ପ୍ରଥମ ଧାଡ଼ିଟି ଥିଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ରହିମଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ କେବଳ ସନ୍ଥ ତୁଳସୀ ହିଁ ତାଙ୍କ ମନବୋଧ ହେବା ଭଳି ଦ୍ୱିତୀୟ ଧାଡ଼ିଟି ରଚନା କରିପାରିବେ ।

ଏହି ପ୍ରତିଯୋଗିତାର ଖବର ସାରା ଦେଶରେ ପ୍ରଚାରିତ ହୋଇଗଲା । ଅନେକ ବିଦ୍ୱାନ ଆସି ଏହି ପ୍ରଶ୍ନୋତ୍ତର ସମ୍ବଳିତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ, ମାତ୍ର କେହି ରହିମଙ୍କୁ ସନ୍ତୋଷ କରିପାରିଲେ ନାହିଁ । ଚିତ୍ରକୂଟରେ ଏକ ଗରିବ ବ୍ରାହ୍ମଣ ପରିବାର ବାସ କରୁଥିଲେ । ସେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ଦୁଇଟି କନ୍ୟା ବିବାହଯୋଗ୍ୟା ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ସମ୍ପନ୍ନ କରି ପାରୁ ନଥିଲେ । ଦିନେ ବ୍ରାହ୍ମଣ ଜଣକ ମହାତ୍ମା ତୁଳସୀ ଦାସଙ୍କୁ ଆଶ୍ରମରେ ଭେଟି ରହିମ୍‌ଙ୍କ ଦୋହା ଓ ପୁରସ୍କାର ବିଷୟରେ ଜଣାଇ ତାଙ୍କର ସାହାଯ୍ୟ ଭିକ୍ଷା କଲେ । ଦ୍ୱିତୀୟ ଧାଡ଼ିଟି ଲେଖିଦେଲେ ତାହାକୁ ରାଜ ଦରବାରରେ ଉପସ୍ଥାପନ କରି ଏକଶତ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ ଏବଂ ସେଥିରେ ତାଙ୍କର କନ୍ୟାମାନଙ୍କର ବିବାହ ସମ୍ପନ୍ନ ହୋଇପାରିବ ବୋଲି ବ୍ରାହ୍ମଣ ମହାତ୍ମା ତୁଳସୀ ଦାସଙ୍କୁ ଅନୁରୋଧ କଲେ । କିନ୍ତୁ ଏହି ପ୍ରତିଯୋଗିତା ପଛରେ କିଛି ଚାଲ ରହିଥିବା ଅନୁମାନ କରି ସନ୍ଥ ତୁଳସୀ ଦାସ କହିଲେ, 'ହେ ବ୍ରାହ୍ମଣ ଦେବତା! ତୁମେ ଯଦି ନିଜେ ଏହି ସମାଧାନ ସୂଚକ ଦୋହାଟି ଲେଖିଛ ବୋଲି କହିବ ତେବେ ଏହା ମୁଁ ତୁମ ପାଇଁ ରଚନା କରିଦେବି ।' ବ୍ରାହ୍ମଣ ଏହି କଥାରେ ରାଜି ହେଲେ ଏବଂ ସନ୍ଥ ବ୍ରାହ୍ମଣଙ୍କ ପାଇଁ ପର ପଦ ଦୋହା ଲେଖିଦେଲେ । ପର ପଦ ଦୋହାଟି ଏମିତି ଥିଲା - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ ।' ଏବେ ସଂପୂର୍ଣ୍ଣ ଦୋହାଟି ଏମିତି ହେଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ? ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ ।'

ବହୁକଷ୍ଟରେ ସେ ଗରିବ ବ୍ରାହ୍ମଣ ବାଦଶାହ ଆକବରଙ୍କ ରାଜସଭାରେ ଦୋହାଟି ସ୍ପଷ୍ଟ ଉପସ୍ଥାପନ କଲେ । ଏହି ପଦଟି ଶୁଣିବା ପରେ ରହିମ ଆନନ୍ଦରେ ଅଧୀର ହୋଇ ଉଠିଲେ । କିନ୍ତୁ ତାଙ୍କ ମନରେ ସନ୍ଦେହ ହେଲା । ରହିମ୍ ଯେତେବେଳେ ବ୍ରାହ୍ମଣଙ୍କୁ ଦଣ୍ଡ ଦେବାର ଭୟ ଦେଖାଇଲେ ସେ ଏହା ସନ୍ଥ ତୁଳସୀ ଦାସଙ୍କ ରଚନା ବୋଲି କହିଲେ । ବ୍ରାହ୍ମଣଙ୍କୁ ଯଥେଷ୍ଟ ଧନ ସମ୍ପଦ ପୁରସ୍କାର ଦିଆଯିବା ପରେ ସେ ବାଦଶାହ ଆକବରଙ୍କ ସହ ସନ୍ଥ ତୁଳସୀ ଦାସଙ୍କର ସାକ୍ଷାତ କରାଇଦେଲେ । ଉଭୟ ରହିମ ଓ ଆକବର ସନ୍ଥ ତୁଳସୀଙ୍କ ଦର୍ଶନ କରି ଖୁସି ହେଲେ, ସେ ତୁଳସୀଙ୍କ ଗ୍ରନ୍ଥ ରଚନାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ଆଶ୍ୱାସନା ଦେଲେ ।

ଏବେ ଏହି ଦୋହାର ଅର୍ଥ ଜାଣିବା । 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ଏହି ଦୋହାରେ ରହିମ କହୁଛନ୍ତି, 'କେଉଁ କାରଣରୁ ଏ ହାତୀ ନିଜ ମସ୍ତକରେ ଧୂଳି ଢାଳୁଛି?' ଦ୍ୱିତୀୟ ଧାଡ଼ି - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ' ରେ ସନ୍ଥ ତୁଳସୀ ଉତ୍ତର ଦେଉଛନ୍ତି, 'ଯେଉଁ ଧୂଳି ସ୍ପର୍ଶରେ ଗୌତମ ମୁନିଙ୍କ ନାରୀ ପଥର ରୂପରୁ ସ୍ୱରୂପ ପ୍ରାପ୍ତ ହୋଇଥିଲେ ସେହି ଧୂଳି ଏହି ଧୂଳି କି ନୁହେଁ ସେ କଥା ପରୀକ୍ଷା କରିବା ପାଇଁ ଗଜ ନିଜ ମଥାରେ ଏ ଧୂଳି ଢାଳୁଛି ।' ଗୋଟିଏ ପଦରେ ରହିମଙ୍କ ପ୍ରଶ୍ନ ଓ ଅପର ପଦରେ ସନ୍ଥ ତୁଳସୀଙ୍କ ସମାଧାନ ଏକ ପାରସ୍ପରିକ ସାରସ୍ୱତ ଯୁଗଳବନ୍ଦୀ ସୃଜନ ଥିଲା, ଯାହା ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ପ୍ରଦର୍ଶିତ କରୁଥିଲା ।

(ଦର୍ଶନାଧ୍ୟାପକ,
ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳ)

# ବେଙ୍ଗ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ବେଦ ଉପନିଷଦରୁ ଆରମ୍ଭ କରି ବିଭିନ୍ନ ସଭ୍ୟତା ପର୍ଯ୍ୟନ୍ତ ମଣ୍ଡୁକ ବା ବେଙ୍ଗ ସମ୍ପର୍କିତ ଅନେକ ବର୍ଣ୍ଣନା ରହିଛି । ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବେଙ୍ଗ ପୂଜନର ବିଧି ପ୍ରଚଳିତ । ଫେଙ୍ଗସୁଇ ତତ୍ତ୍ୱରେ ଆର୍ଥିକ ଉନ୍ନତି ପାଇଁ ବେଙ୍ଗକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି । ଭାରତରେ ମଧ୍ୟ ବିଭିନ୍ନ କାର୍ଯ୍ୟର ସିଦ୍ଧି ପାଇଁ ବେଙ୍ଗକୁ ପୂଜାର୍ଚ୍ଚନା କରାଯିବା ସହ ବେଙ୍ଗ ପାଇଁ ସମର୍ପିତ ଗୋଟିଏ ମନ୍ଦିର ମଧ୍ୟ ଅଛି ।

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖିରି ଜିଲ୍ଲାସ୍ଥିତ ଓୟଲ୍ ଅଞ୍ଚଳରେ ବେଙ୍ଗ ପାଇଁ ସମର୍ପିତ ଏହି ବିଶେଷ ମନ୍ଦିର ଅଛି । ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଗୋଟିଏ ବିଶାଳ ପଥର ବେଙ୍ଗର ପିଠି ଉପରେ ଅବସ୍ଥିତ । ବେଙ୍ଗର ମୁଖ ଉତ୍ତର ଦିଗକୁ ରହିଥିବା ବେଳେ ପଛଭାଗ ଦକ୍ଷିଣ ଦିଗକୁ ଅଛି । ଦୁଇଟି ଗୋଡ଼ ପୂର୍ବଦିଗକୁ ଏବଂ ଅନ୍ୟ ଦୁଇଟି ଗୋଡ଼ ପଶ୍ଚିମ ଦିଗକୁ ରହିଛି । ବେଙ୍ଗର ପିଠି ଉପରେ ସୁଉଚ୍ଚ ଅଷ୍ଟକୋଣୀୟ ପିଣ୍ଡି ନିର୍ମାଣ କରାଯାଇଛି, ଯାହାକି ଦେଖିବାକୁ ଶ୍ରୀଯନ୍ତ୍ର ଭଳି । ଗର୍ଭଗୃହକୁ ଯିବା ପାଇଁ ସିଡ଼ି ନିର୍ମାଣ ହୋଇଛି । ଗର୍ଭଗୃହରେ ଧଳା ମାର୍ବଲ୍ ପଥରରେ ପ୍ରାୟ ୩ଫୁଟ ଉଚ୍ଚ ଶକ୍ତିସ୍ଥଳ ନିର୍ମାଣ କରାଯାଇଛି, ଯାହା ଉପରେ ଶିବଲିଙ୍ଗ ବିରାଜମାନ ଅଛନ୍ତି । ଉକ୍ତ ଶକ୍ତିସ୍ଥଳରେ ସହସ୍ରଦଳ ପଦ୍ମଫୁଲର ଆକୃତି ଦେଖିବାକୁ ମିଳିଥାଏ । ଗର୍ଭଗୃହର ଦ୍ୱାର ପୂର୍ବ ଦିଗକୁ ରହିଥିବା ବେଳେ ଗର୍ଭଗୃହ ବାହାରେ ପରିକ୍ରମା ମାର୍ଗ ଅଛି । ଶିବଲିଙ୍ଗ ଉପରେ ଅର୍ପିତ ଦୁଗ୍ଧ ଓ ଜଳ ଭୂତଳ ନାଳ ପଟେ ଆସି ବେଙ୍ଗର ମୁହଁରୁ ବାହାରିଥାଏ, ଯାହାକୁ ଭକ୍ତମାନେ ଶିବ ପାଦୁକା ଭାବେ ଗ୍ରହଣ କରିଥା'ନ୍ତି ।

ଏହା ବିଶ୍ୱର ଏକମାତ୍ର ମନ୍ଦିର, ଯେଉଁଠି ମହାଦେବ ବେଙ୍ଗପୃଷ୍ଠରେ ବିରାଜମାନ କରିଛନ୍ତି । ଏହି ମନ୍ଦିରକୁ ଓୟଲ୍‌ର ରାଜା ବଖ୍‌ସ ସିଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ନିର୍ମାଣ କରିଥିଲେ । ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରାକୃତିକ ବିପର୍ଯ୍ୟୟର ବିପଦ ରହେ ନାହିଁ । ଓୟଲ୍ ରାଜବଂଶ ଶୈବ ଉପାସକ ଥିବାରୁ ମନ୍ଦିର ଭିତରେ ପୂଜା ପାଉଥିବା ଶିବଲିଙ୍ଗ ମଣ୍ଡୁକଯନ୍ତ୍ର ଉପରେ ଉପବିଷ୍ଟ ଅଛନ୍ତି । କୁହାଯାଏ ଯେ, ଏହି ମନ୍ଦିରର ବାସ୍ତୁ ପରିକଳ୍ପନା କପିଳା ନାମକ ଜଣେ ମହାନ ତାନ୍ତ୍ରିକଙ୍କ ଦ୍ୱାରା କରାଯାଇଥିଲା । ତେଣୁ ମାଣ୍ଡୁକ୍ୟ ତନ୍ତ୍ର ଦ୍ୱାରା ମନ୍ଦିରର ନିର୍ମାଣ ଶୈଳୀ ଯୋଗୁଁ ଭକ୍ତ ଆକର୍ଷିତ ହୋଇ ଆସିଥା'ନ୍ତି । ସାଧାରଣ ଦିନ ଅପେକ୍ଷା ଦୀପାବଳି ଏବଂ ଶିବରାତ୍ରି ଦିନ ଏହି ମନ୍ଦିରରେ ଅଧିକ ଜନଗହଳି ଦେଖାଯାଏ । ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏହି ଶିବଲିଙ୍ଗର ରଙ୍ଗ ଗୋଟିଏ ଦିନରେ ଦୁଇଥର ପରିବର୍ତ୍ତନ ହୋଇଥାଏ । ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଅନ୍ୟ ଶୈବପୀଠରେ ନନ୍ଦୀ ବସିଥିବା ଅବସ୍ଥାରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ଥିବା ନନ୍ଦୀଙ୍କ ମୂର୍ତ୍ତି ଦଣ୍ଡାୟମାନ ସ୍ୱରୂପରେ ନିର୍ମାଣ କରାଯାଇଛି । ତନ୍ତ୍ର ଅନୁସାରେ ବେଙ୍ଗ ହେଉଛି ସମୃଦ୍ଧି, ସୌଭାଗ୍ୟ, ପ୍ରଜନନ ଓ କ୍ଷମତାର ପ୍ରତୀକ । ତେଣୁ ଏହି ବେଙ୍ଗ ମନ୍ଦିର ଓୟଲ୍ ରାଜବଂଶର ପୂଜାର୍ଚ୍ଚନାର କେନ୍ଦ୍ରସ୍ଥଳୀ ଥିଲା । ବର୍ତ୍ତମାନ ଏହି ମନ୍ଦିରକୁ ଉତ୍ତର ପ୍ରଦେଶର ନର୍ମଦେଶ୍ୱର ମନ୍ଦିର ବୋଲି କୁହାଯାଉଛି ।

ବର୍ତ୍ତମାନ ସମୟରେ ଭକ୍ତମାନେ ଆର୍ଥିକ କଷ୍ଟ ଦୂର, ଋଣମୁକ୍ତ ହେବା ଓ ନୂତନ ବ୍ୟବସାୟରେ ଆର୍ଥିକ ଉନ୍ନତି କାମନା କରି ଏହି ମନ୍ଦିରକୁ ଆସି ମହାଦେବ ଏବଂ ବେଙ୍ଗକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି । ବିଶ୍ୱାସ ରହିଛି ଯେ, ନିଷ୍ଠାର ସହିତ ପୂଜାର୍ଚ୍ଚନା ପରେ ଖୁବ୍ ଅଳ୍ପଦିନରେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଏ । ମହାଦେବଙ୍କ ସହିତ ବେଙ୍ଗ ପୂଜା କଲେ ଅନ୍ୟାନ୍ୟ ମନସ୍କାମନା ମଧ୍ୟ ଅବିଳମ୍ବେ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କ ଅନୁଭବରୁ ଜାଣିବାକୁ ମିଳେ । (କ୍ରମଶଃ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

ଡେରାବିଶ/ପଞ୍ଚୁପାଣ୍ଡବ, ୧୫।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତ (୭୮)ଙ୍କ ଆଜି ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ପରଲୋକରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧୀନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ଅପେକ୍ଷାରତ ଜନସାଧାରଣ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥ ତାଙ୍କ ବାସଭବନରେପହଞ୍ଚିଥିଲାଓଶୋକାକୁଳପରିବେଶରେଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ଆଜି ତାଙ୍କ ବିୟୋଗ ଖବର ପାଇ ବରିଷ୍ଠ ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପକେଶରୀ ଦେବ, କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂହ, ରାଜେଶ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ସୁନା ବ୍ୟବସାୟୀଙ୍କୁ ଆୟକର ବିଭାଗର ଜେରା

କଟକ,୧୫।୧(ସମିସ): କଟକ ସୁନା ବଜାରରେ ଆୟକର ବିଭାଗର ବଡ଼ଧରଣର ଚଢ଼ଉ କରିଛି। ଗତକାଲି ପୁରୀଘାଟ ଥାନା ସମ୍ମୁଖସ୍ଥ ଚେକିଂରେ ୪୦ ଲକ୍ଷ ଟଙ୍କା ଜବତ ମାମଲାରେ ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ପୁରୀଘାଟ ଥାନା ପରିସରରେ ଆୟକର ବିଭାଗର ଏକ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ କୋଲକାତାର ବ୍ୟବସାୟୀ ମିଲନ ଆଦିକଙ୍କୁ ଦୀର୍ଘ ସମୟ ଧରି ଜେରା କରିଛନ୍ତି। ଏହି ଘଟଣାରେ କଟକର ବିଭାଗକୁ ଖବର ଦେଇଥିଲା। ଏହି ମାମଲାରେ ସବୁଠାରୁ ରହସ୍ୟଜନକ ଦିଗ ହେଉଛି ବ୍ୟବସାୟୀ ତାରକନାଥ ସାହାଙ୍କ ଆଭିମୁଖ୍ୟ। ଆୟକର ବିଭାଗ ପକ୍ଷରୁ ତାଙ୍କୁ ହାଜର ହେବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ, ସେ ଏପର୍ଯ୍ୟନ୍ତ ତଦନ୍ତରେ ସହଯୋଗ କରିନାହାନ୍ତି କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦେଖା ଦେଇନାହାନ୍ତି। ଏହି ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେ କ'ଣ ନିଜର ବେଆଇନ କାରବାର ଧରାପଡ଼ିବା ଭୟରେ

### ୪୦ ଲକ୍ଷ ଜବତ ମାମଲା: ଅଭିଯୁକ୍ତକୁ ହସ୍ତାନ୍ତର କଲା ପୁରୀଘାଟ ଥାନା ପୁଲିସ




ତାରକନାଥ ସାହାଙ୍କୁ ପୁଲିସ କିମ୍ବା ଆୟକର ବିଭାଗ ଧରି ପାରିନାହିଁ।

ସୂଚନା ମୁତାବକ, ମିଲନ ଆଦିକ କୋଲକାତାରୁ ସୁନା ଆଣି କଟକର ପ୍ରତିଷ୍ଠିତ ବ୍ୟବସାୟୀ ତାରକନାଥ ସାହାଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିବଦଳରେ ସେ ୪୦ ଲକ୍ଷ ଟଙ୍କାର ନଗଦ ଅର୍ଥ ନେଇ ଫେରୁଥିବା ବେଳେ ପୁରୀଘାଟ ପୁଲିସର ନିୟମିତ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୁଲିସ ଯେତେବେଳେ ଏତେ ପରିମାଣର ଅର୍ଥ ପାଇଁ ବୈଧ କାଗଜପତ୍ର ମାଗିଥିଲା, ମିଲନ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ପୁଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ଆୟକର ଲୁଚିଛନ୍ତି କି? କୋଲକାତାରୁ କଟକକୁ ହେଉଥିବା ଏହି ସୁନା ପରିବହନ କ'ଣ ବେଆଇନ ଉପାୟରେ ହେଉଛି? ଆୟକର ବିଭାଗ ଏବେ କେବଳ ଏହି ୪୦ ଲକ୍ଷ ଟଙ୍କା ଉପରେ ନୁହେଁ, ବରଂ ତାରକନାଥଙ୍କ ପୁରା ବ୍ୟବସାୟିକ ସାମ୍ରାଜ୍ୟ ଉପରେ ନଜର ରଖିଛି। ଟିକସ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଲନ ଆଦିକଙ୍କ ବୟାନରେ ଥିବା ଅସଙ୍ଗତି ବିଭାଗର ସନ୍ଦେହକୁ ଆହୁରି ଦୃଢ଼ କରିଛି। ଯଦି ସୁନା ବ୍ୟବସାୟୀ ଶୀଘ୍ର ହାଜର ନହୁଅନ୍ତି, ତେବେ ଆଗାମୀ ଦିନରେ ତାଙ୍କ ବାସଭବନ ଓ ପ୍ରତିଷ୍ଠାନ ଉପରେ ଚଢ଼ଉ ହେବାର ସମ୍ଭାବନା ରହିଛି।

■ ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା

## ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ଗୃହ ବିଭାଗ, କେନ୍ଦ୍ରାଞ୍ଚଳ ଆଇଜି, ସୁବର୍ଣ୍ଣପୁର ଏସପିଙ୍କ ସମେତ ଚୟନ ତାଲିକାରେ ସ୍ଥାନିତ ୧୩ ପ୍ରାର୍ଥୀଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଶ ସ' ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଏହି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଫେବ୍ରୁଆରୀ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ଗୃହରକ୍ଷୀ ପଦ ପୂରଣ ପାଇଁ ୨୦୨୫, ମେ ୧୯ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥାନାରେ ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଆବେଦନକାରୀ ସୋନପୁର ଥାନାରେ ଖାଲିଥିବା ୩୦ ପଦ ପାଇଁ ଦରଖାସ୍ତ କରି ଲିଖିତ ପରୀକ୍ଷାରେ ଆବେଦନକାରୀ ଯୋଗ୍ୟତା ଅର୍ଜନ କରିଥିବା ନେଇ ଡିସେମ୍ବର ୩ରେ କର୍ତ୍ତୃପକ୍ଷ ଅବଗତ କରିଥିଲେ। ଆବେଦନକାରୀ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ଦେଇଥିଲେ। ୨୦୨୬, ଜାନୁଆରୀ ୫ରେ ଚୂଡାନ୍ତ ଚୟନ ତାଲିକାରେ ଆବେଦନକାରୀ ସ୍ଥାନ ପାଇ ନଥିଲେ। ସୋନପୁର ଥାନାଞ୍ଚଳ ବାହାରର ୧୩ଜଣ ପ୍ରାର୍ଥୀଙ୍କୁ ଏହି ଥାନାରେ ଖାଲି ଥିବା ପଦ ପାଇଁ ଚୟନ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIIBBS2025031, ତା.14.08.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.01)- ତା.27.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26



**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍ କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ, ୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୯ ଠାରୁ ୩୧/୦୩/୨୦୨୦ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର


## ଗଛରେ ପିଟିହେଲା ବାଇକ୍; ୨ ଯୁବକ ମୃତ

ଖଲ୍ଲିକୋଟ,୧୫।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜୀବନ ଯାଉଛି। ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ।

ଗୁରୁବାର ସନ୍ଧ୍ୟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ବାଇକ୍‌ଟି ପିଟି ହୋଇଥିଲା। ଦୁହେଁ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ମୁହାଁ...

ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ଏହାପୂର୍ବରୁ ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ଦକ୍ଷିଣ ଚୀନ ସାଗରରେ ରୁଟିନ ଅପରେସନ କରୁଥିଲା। ଏହି ଗ୍ରୁପ୍‌ରେ ଏକ ସୁପରକ୍ୟାରିୟର, ୩-୬ ବିଧ୍ୱଂସକ, ୧-୨ ବୁଡ଼ାଜାହାଜ, ୭ରୁ ୮ ହଜାର ସୈନ୍ୟ, ୬୫-୭୦ ବିମାନ (ଏଫ୍-୩୫ଏସ୍, ଏଫ/ଏ-୧୮ ଏସ୍) ସାମିଲ ଥିଲା।

ଇତିମଧ୍ୟରେ ତେହରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ସେଠାରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଛି। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିକ୍ଷୋଭକାରୀମାନଙ୍କୁ ଦମନ ପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ନିହତ ହୋଇଥିବା ଜଣାପଡ଼ିଛି।

### ସୁପ୍ରିମ କୋର୍ଟରେ ବି...

ଦରକାର। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ଇଡି ଚଢ଼ଉ ବେଳର ସିସିଟିଭି ଫୁଟେଜ ସୁରକ୍ଷିତ ରଖିବା ଲାଗି ସୁପ୍ରିମ କୋର୍ଟ ମମତା ବାନାର୍ଜୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ବେଙ୍ଗଲ ପୁଲିସ ଡିଜି ରାଜୀବ କୁମାର, କୋଲକାତା ପୁଲିସ କମିସନର ମନୋଜ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କୁ ସସପେଣ୍ଡ କରିବା ସହିତ ଏହି ମାମଲାର ସିବିଆଇ ଦ୍ୱାରା ତଦନ୍ତ ପାଇଁ ଇଡି ପକ୍ଷରୁ ଯେଉଁ ପିଟିସନ ଦାଖଲ କରାଯାଇଛି, ସେସଂପର୍କରେ କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ଇଡି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଆଇଟି ମୁଖ୍ୟ ଓ ରାଜନୈତିକ ପରାମର୍ଶଦାତା ସଂସ୍ଥା (ଆଇ-ପ୍ୟାକ୍)ର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କମ୍ପାନୀ ପରିସରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ପ୍ରମାଣ ସମ୍ପର୍କିତ ଫାଇଲଗୁଡ଼ିକୁ ସେଠାରୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ ଯେ ଆଇପାକ୍ ଅଫିସରୁ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଉଦ୍ଦେଶ୍ୟରେ ଇଡି ଚଢ଼ଉ କରିଥିଲା। କୋଇଲା ଦୁର୍ନୀତି ମାମଲାରେ ଦୁଇ ବର୍ଷ ତଳେ ଚଢ଼ଉ ନକରି ଇଡି ଏବେ କାହିଁକି ଚଢ଼ଉ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

କୋର୍ଟରେ ସଲିସିଟିର ଜେନେରାଲ ତୁଷାର ମେହେଟା ଓ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଇଡି ତରଫରୁ ଆଜି ପକ୍ଷ ରଖିଥିଲେ। ସେହିପରି ବରିଷ୍ଠ ଓକିଲ କପିଲ ସିବଲ ପଶ୍ଚିମବଙ୍ଗ ସରକାର ତରଫରୁ ଦଲିଲ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ। ଏହି ଚଢ଼ାଉରେ କିଛି ଜବତ କରାଯାଇ ନଥିଲା ବୋଲି ଇଡି କୋର୍ଟରେ ସ୍ପଷ୍ଟ କରିଥିଲା।

### ବିଧାୟକ ସନା ମହାକୁଡ଼...

ମିଶ୍ର କହିଛନ୍ତି ଯେ ଦଳର ନେତା ତଥା ବିଧାୟକଙ୍କ ଗତିବିଧି ନେଇ ସମସ୍ତ ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନିକଟରେ ରହିଛି। ଯିଏ ବି ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ, ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିବ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ ନିଷ୍ପତ୍ତି ନେବାରେ କ୍ଷମତା ମଧ୍ୟ ନବୀନଙ୍କ ନିକଟରେ ରହିଛି। ସେ ସବୁକିଛି ଦୃଷ୍ଟିରେ ରଖି ଓ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି। ଉଭୟ ବିଧାୟକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରିଥିବା ଦଳର ସଭାପତିଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ସମାନ କଥା ଦୋହରାଇଛନ୍ତି। ଆମେ ଏନେଇ ସଭାପତିଙ୍କ ନିକଟରୁ ଅବଗତ ହୋଇଛୁ। ଉଭୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ସଭାପତି ସେମାନଙ୍କୁ ସୂଚନା ଦେଇଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

### ମଉଳି ଯାଉଛି...

ସକାଶେ ସମ୍ବଲପୁର ଉପକଣ୍ଠସ୍ଥ ଅଞ୍ଚଳରେ ଜମି ଅଧିଗ୍ରହଣ କରାଯିବ ବୋଲି କୁହାଯାଇଥିବାବେଳେ ଏପର୍ଯ୍ୟନ୍ତ ସେଭଳି କୌଣସି ନିର୍ଦ୍ଦେଶ ଆସିନଥିବା ଜଣାପଡ଼ିଛି। ଏହାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୦ ତାରିଖ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ଏମ୍‌ସ ଘୋଷଣା ବାବଦରେ ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ, ଦ୍ୱିତୀୟ ଏମ୍‌ସ ପାଇଁ ସରକାର ରେକମେଣ୍ଡ କରିଛନ୍ତି, ମୁଁ ନିଜେ ଚିଠି ଲେଖେଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିଜେ ମୁଁ ଦେଖାକରିକି କହିଛି, କେନ୍ଦ୍ର ସରକାର ତାକୁ ବିଚାରକୁ ନେଇଛନ୍ତି, ନିଶ୍ଚିତ ଭାବରେ ଯଥାସମୟରେ କେନ୍ଦ୍ର ସରକାର ତାହାରି ଉପରେ ବିଚାର କରିକି ନିଷ୍ପତ୍ତି ନେବେ।

ସମ୍ବଲପୁରରେ ଏମ୍‌ସ ବିଷୟରେ ସମାଜସେବୀ ସୁଧୀର ପୂଜାରୀ କହିଛନ୍ତି, ସମ୍ବଲପୁର ଲୋକଙ୍କ ପାଇଁ କାଳ୍ପନିକ ଏମ୍‌ସ ଘୋଷଣା କରିଛନ୍ତି ସରକାର। ଏହା ପଛରେ ନଲାଗିଲେ ସମ୍ବଲପୁରରେ ହେବ ନାହିଁ, କିଛି ଦିନପରେ ଅନ୍ୟ ରାଜ୍ୟରେ ହେଲା ବୋଲି ଜାଣିବେ। ସେଥିପାଇଁ କେବଳ ଲୋକପ୍ରତିନିଧି ନୁହେଁ ସମସ୍ତଙ୍କ ଦାୟିତ୍ୱ ରହିଛି। ଲୋକ ପ୍ରତିନିଧିଙ୍କ ଉପରେ ଚାପ ପକାଇବା ପାଇଁ ଘରେ ବସି ଗୋଟିଏ ପୋଷ୍ଟକାର୍ଡ ତ ପ୍ରେରଣ କରିପାରିବେ ବୋଲି ଶ୍ରୀ ପୂଜାରୀ ମତ ରଖିଛନ୍ତି। ସମ୍ବଲପୁର ସିଭିଲ ସୋସାଇଟି ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି କହିଛନ୍ତି, ଗତ ଦଶ ବର୍ଷରୁ ଊର୍ଦ୍ଧ୍ୱର ସମୟ ଧରି ପଶ୍ଚିମ ଓଡ଼ିଶା ସକାଶେ ସମ୍ବଲପୁରରେ ଏକ ସୁପର୍ ସ୍ପେଶାଲିଟି ହସପିଟାଲ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଭିମସାର ସ୍ୱୟଂସମ୍ପୂର୍ଣ୍ଣ ହେବାସହ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ଅଭାବ ଯୋଗୁଁ ସେହି ଦାୟିତ୍ୱ ତୁଲାଇ ପାରୁନାହିଁ। ସମ୍ବଲପୁରରେ ଏମ୍‌ସ ସ୍ଥାପନ ଘୋଷଣା ହେବାପରେ ପଶ୍ଚିମାଞ୍ଚଳବାସୀ ଉନ୍ନତ ଚିକିତ୍ସା ସେବା ପାଇବେ ବୋଲି ସମସ୍ତେ ଆଶା କରିଛନ୍ତି। ତେବେ, ବର୍ତ୍ତମାନ ତାହା ସ୍ଥାଣୁ ରହିଛି। ସରକାର ଏଦିଗରେ ତୁରନ୍ତ ପଦକ୍ଷେପ ନେଇ ଏମ୍‌ସ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ପ୍ରଫେସର ପତି ମତ ରଖିଛନ୍ତି।


C-2905

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

**Tender Reference No.TCRM-10/2025-26**
**Bid Identification No. 2026_ORULB_124488**
**No. 152/Dt. 12.01.2026**

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs.60.39 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.13.01.2026 at 4.00 PM |
| 6) | Last date & time for receipt of Bid in the portal | :- | dt.27.01.2026 at 5.00 PM |
| 7) | Date of Opening (technical bid) Bid | :- | dt.28.01.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

OIPR- Executive Officer, Talcher Municipality



ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର H-51

**OFFICE OF THE REGULATED MARKET COMMITTEE: NABARANGPUR**
AT/ GANDHINAGAR, PO/DIST-NABARANGPUR-764059. (Odisha)
FAX/ Tel.No.06858-222105 E.Mail-ID- awmornab@gmail.com

No. 400/RMC Dated 12.01.2026

**E-Procurement (Invitation for BIDS)**
**Tender Call Notice No.394/RMC Dated. 12.01.2026**
**Bid Identification No. 01 e-Procurement Notice No. 01 of 2025-26**

The Regulated Market Committee, Nabarangpur invites tender from the approved contractors of appropriate Class for Development Works of different Markets. Detailed Tender Call Notice along with conditions of contract and notice inviting tender may be seen and download from the website. www.tenderorissa.gov.in and www.nabaranagpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026, up to 5 P.M. the tender will be opened on 03.02.2026 at 11.00 A.M.

OIPR- Sub Collector cum Chairman, RMC, Nabarangpur



**GOVERNMENT OF ODISHA** C-1948
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
Phone – 06811 263909- FAX – 06811 263950 - E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**1st Corrigendum dated.13.01.2026**
**To Bid Identification No. 65/ 03 / SPH(C) / 2025-26 dt. 31.12.2025**
**Tender Id. 2026_PHEO_124210_1**

Name of work- Procurement , installation, testing and commissioning of Multijet water meter at consumer end of Chatrapur NAC under AAP- 2025-26 -SUJAL

| Sl.No | As uploaded in the tender | Revised as per Corrigendum |
|---|---|---|
| 1 | Availability of Bid Documents for online bidding Dt.14,01.2026 at 17.30 Hrs | Availability of Bid Documents for online bidding Dt.21.01.2026 at 17.30 Hrs |
| 2 | Last date of seeking clarification on dt.13.01.26 at 17.30 Hrs | Last date of seeking clarification on dt.20.01.26 at 17.30 Hrs |
| 3 | Opening of Technical Bid on Dt.15.01.2026 at 01.00 PM | Opening of Technical Bid on Dt.22.01.2026 at 01.00 PM |

All other terms and conditions in the DTCN remains unaltered.

OIPR- Additional Chief Engineer (PH), P.H. Division, Bhanjanagar at Chatrapur



**SALE**

(1) JCB 3 DX Backhoe Loader, Model - 2022, Registration No-OD-33-AF-4895, in as is where is condition (2) TATA Hitachi Ex-70, Model 2022, Machine SI No-P070-20168 , in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days.

**AFFIDAVIT**

By virtue of an affidavit before Notary Public Bhubaneswar, on 24.12.2025. I Dhananjaya Panda resident of At- Aliha, Po- Singiri, Ps- Aul, Dist- Kendrapara, Odisha, PIN-754215, declare that I have change my name from Dhanarjay Panda to Dhananjaya Panda. Henceforth I shall be known as **DHANANJAYA PANDA** for all purposes.

**AFFIDAVIT**

I, Anita Panigrahi, aged about 61 years, W/o- Bichitrananda Panigrahi, resident of Plot No-963, Lewis Road, Samantrapur, Ps- Lingaraj, Bhubaneswar, Dist- Khurda, Pin-751002, Odisha do hereby declare by this affidavit No.111, dtd-15/01/2026, that now onwards I shall be known as **RUBY PANIGRAHI** for all future purposes.

**AFFIDAVIT**

I, Jagmohan Angarai, resident of Village Mirigichara, PO Gobarghati, PS Kalinganagar, Dist. Jajpur, Odisha – 755026, do hereby declare that the name of my minor son has been changed from "Kosher Kumar Angarai" to "Kishor Kumar Angarai" as per affidavit no.3184 sworn before the Executive Magistrate, Sukinda, Jajpur on dtd.29.12.2025. Henceforth, my minor son shall be known and identified as **Kishor Kumar Angarai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4706, dated-23/12/2025. I, **Sri Balaram Baliyarsingh**, resident At-Dhuanla, PO- Kesharpur, Block- Kanas, PS- Kanas, Dist- Puri, Odisha, Pin- 752019 declare that I have changed the name of my son's from **Biswajit Baliyarsingh to Abhiram Baliyarsingh.** Henceforth, he shall be known as **Abhiram Baliyarsingh** for all purposes.

**Balaram Baliyarsingh**

**LOST**

I, **Bauribandhu Tad**, S/o Sadasiba Tad, resident of Village/P.O- Ratapat, P.S- Badamba, Dist- Cuttack Odisha do hereby declare that, on **12/01/2026** while I am going from my residence to sub-register office my original documents bearing sale deed **RSD ID No. 1245, dtd- 24/05/1993** has been lost in somewhere. If anyone finds it kindly Contact to **9937875541.**

जसमीत कौर उर्फ बिन्नी पुत्री दलजीत सिंह छाबड़ा निवासी डेलीमार्केट नियर नागपुर होटल जयभवन निवासी राउरकेला पिन–769001

H-C-J-Part III 2 (नमूना काबिल फरोख्त)

**सम्मन वास्ते करारबाद तनकोह तलब** (आर्डर कायदा 1 व 5) नम्बर मुकदमा 291/2020 न्यायालय प्रधान न्यायाधीश परिवार न्यायालय संत कबीर नगर 1 मुददई मनप्रीत सिंह उर्फ शानू बनाम जसमीत कौर उर्फ बिन्नी मुद्दाअलेह साकिन ने आपके नाम नालिश बावत हरगाह के दायर की है लिहाजा आपको हुक्म होता है बतारीख 05/02/2026 माह सन् ई0 बावत बजे दिन के अदालत या मारफत वकील के जो मुकदमा के हालात से करार वाकई वाकिफ किया गया हो और कुछ उपूर अहम मतअल्लिका का जबाव दे सके या जिसके साथ कोई और शक्श हो कि जबाव सवालात दे सके हाजिर हो दावा करे और आपको लाजिम है कि उसी राज जुमला के दस्तदाला करना चाहता हो। आपको इत्तला दी जाती है अगर बरोज मजकूर आप हाजिर न होंगे तो मुकदमा बगैर हाजिर आपको मसमुआ और फैसला होगा। शक्त मेरे दस्तखत और मुहर अदालत आज ब 22 तारीख माह 12 ई0 2025 जारी किया। नाम अदालत–नम्बर मुकदमा–नाम फरीकैन–**इत्तिला** (1) अगर आपको यह अन्देशा हो कि आपके प्रवाह अपनी मर्जी से हाजिर न होगे तो आप अदालत हाजा से सम्मन नमुराद जारी करा सकते है कि गवाह हाजिर हो। वह जबरन हाजिर कराया जाय और जिन दस्तावेज को किसी से पेश कराने का आप इस्पेकाल रखते है वह उससे पेश कराई बशर्ते कि आप खर्चा जरूरी अदालत में दाखिल करके इस अस्त्र को दरख्वास्त गुजरावें। (2)अगर आप मुतालवा मुद्दई की तस्लीम करते तो आपका लाजिम है कि खाना खर्चा नालिश अदालत में दाखिल करें ताकि कार्यवाही इजेराय डिग्री के आपका जान व माल दोनो पर हो न करना पड़े। न्यायालय प्रधान न्यायाधीश परिवार न्यायालय संत कबीर नगर।

**AFFIDAVIT**

By virtue of an affidavit sworn before **Executive Magistrate Padampur** on Dated **25th September 2025**, I, **Mr. Rabindra Kumar Bhoi**, Address **S/o- Pruthwiraj Bhoi, At- Gyan, Po- Gyan, Dist- Bargarh, PIN- 768049, Odisha,** declare that I have changed the name of my **Son** from **"Ariyan Bhoi"** to **"Premraj Bhoi"**. Henceforth, He shall be known as **"Premraj Bhoi"** for all purposes.

**Rabindra Kumar Bhoi**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 12/01/2026, C.F No. 46/12 Jan 2026. I, Sibu Mistri, S/O Nimain Mistri, At- Ram Nagar, Ram Nagar, Kendrapara, Odisha, Pin- 754224, declare that I have changed my owned name Madan Mohan Besra to Sibu Mistri. Henceforth, I shall be known as new name Sibu Mistri for all purposes.

**Sibu Mistri**

**AFFIDAVIT**

By virtue of an affidavit no. 3689/2026 sworn before In The Court Of The Executive Magistrate, Pallahara, Dtd 09-01-20261, KHAGESWAR SAHU S/O- PANCHANANA SAHU At- Hatighincha, Po-Phapand P.S- Pallahara, Dist.- Angul declare that I have changed my name from KASTU SAHU to KHAGESWAR SAHU. Henceforth, I Shall be known as KHAGESWAR SAHU for all purposes.

**KHAGESWAR SAHU**

**AFFIDAVIT**

By virtue of an affidavit no.59 before the Executive Magistrate, Nabarangpur, dtd.15.01.2026, I, Lakshi Bhatra, Vill- Bamuni, PO Mokiya, PS- Papadahandi, Dist- Nabarangpur do hereby declare that my name has been incorrectly mentioned as "Lakhi Bhatra" instead of "Lakshi Bhatra" in my State Bank of India records. That both the names "Lakhi Bhatra" & "Lakshi Bhatra" is one and the same person i.e. myself. Henceforth, I shall be known as **Lakshi Bhatra** for all purposes.

**AFFIDAVIT**

Monalisa Martha, W/o: Army No- 10535798L, Rank: HAV, Name: Dinabandhu Martha residing of Village Hatasahi, Dalaisahi, Po-Manikagoda, Ps- Bolagarh, Dist- Khordha. I want to change my name from Manolisa Matha to Monalisa Martha wrongly written in my husband's service records vide affidavit No.1383, Dt.- 06.12.2025.

**AFFIDAVIT**

By virtue of an affidavit sworn before Executive Magistrate, Odagaon on dt. 15/01/2026 I Laxmidhar Jena @ Iswar Jena, S/o-Baikuntha Jena @ Gnjeya Jena At- Bilamanpur, Po/Ps- Odagaon, Dist-Nayagarh, declare that my name has been mentaioned as Laxmidhara Jena, S/o- Baikuntha Jena in My Adhar Card. Where as in the ROR vide Khata no- 69/88 Under JayamangalaPrasada My name has been mentioned as Iswar jena, S/o- Ganjeya jena. Now I will be known as Laxmidhar Jena, S/o-Baikuntha Jena for all future purposes.

**AFFIDAVIT**

By Virtue of an affidavit Before the Executive Magistrate, Jagatsinghpur. I **Laxmipriya Samantasinghar**, aged about 57 years, W/o: Niranjan Samantasinghar, of Vill: Orissagarh (Purunagarh), P.O.: Ashrampatana, P.S./Dist.: Jagatsinghpur, Odisha have changed my name from Renubala Samantasinghar to **Laxmipriya Samantasinghar.** Henceforth, I shall be known as **Laxmipriya Samantasinghar** for all purposes. Laxmipriya Samantasinghar and Renubala Samantasinghar is one and same person and there in no other person residing in the said name in the above said address/ village except me.

**AFFIDAVIT**

By an affidavit CF No.35/ Dtd.12.01.2026 sworn before Executive Magistrate, Bhubaneswar. I, Muna Nayak, S/o- Syam Nayak, R/o Qr No.-140, Kedarpalli Basti, Near Mangala Temple, Bapuji Nagar, Bhubaneswar, Dist.- Khordha, Pincode- 751009 declare that in Aadhaar my name is mentioned as Muna Nayak but in LIC Policy No.598324072 my name is wrongly mentioned as Sunil Nayak instead of Muna Nayak. Hence, I have changed from my wrong name Sunil Nayak to correct name Muna Nayak, for all future purposes. I declare that Muna Nayak and Sunil Nayak is one and same person.

ସକାଳ THE SAKALA



### ଧାନ ବିକ୍ରି ସମସ୍ୟା ନେଇ କଂଗ୍ରେସ ସଭାପତିଙ୍କ ଧାରଣା

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

ଦେବଗଡ଼, ୧୫ା୧(ସମିସ)



ଦାବି ପୂରଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ଧାନ କ୍ରୟରେ ଚରମ ଅବ୍ୟବସ୍ଥା ଓ କଟନିଛଟନି ଆଦି ବିଭିନ୍ନ ସମସ୍ୟାର ପ୍ରତିବାଦରେ ଗତ ୧୩ ତାରିଖ ଠାରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ଆମରଣ ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଆଜି ପ୍ରଶାସନ ପକ୍ଷରୁ ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ଓ ଡିଆର୍‌ସିଏସ୍ ଭୀମସେନ ସାହୁ ପ୍ରମୁଖ ଅନଶନ ସ୍ଥଳୀରେ ପହଞ୍ଚି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହିତ ଆଲୋଚନା କରିଥିଲେ।

ଏହି ଅବସରରେ ବିଲୁଙ୍ଗ ଯୋଗ୍ୟତା ଥାଇ ଟୋକନ ପାଇବାରୁ ବଞ୍ଚିତ ଚାଷୀଙ୍କୁ ଟୋକନ ପ୍ରଦାନ ନେଇ ନିର୍ଭର ପ୍ରତିଶ୍ରୁତି ଦେଥିଲେ। ଏଥିସହିତ କଟନିଛଟନି ନେଇ ଚାଷୀ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ସରକାରୀ ନୀତି ନିୟମ ଅନୁଯାୟୀ ଚାଷୀଙ୍କୁ ବସ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ଅନଶନ ପ୍ରତ୍ୟାହାର ନିମନ୍ତେ ଶ୍ରୀ ହେମ୍ବ୍ରମଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମ ଏଥିରେ ରାଜି ହେବାରୁ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗ ତାଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସର ଉପସଭାପତି ସସ୍ମିତା ବେହେରା ଓ ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ ନାଏକଙ୍କ ସମେତ ଜିଲ୍ଲା କୃଷକ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସର ଉପସଭାନେତ୍ରୀ ସସ୍ମିତା ବେହେରା ଦେବଗଡ଼ ଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ସ୍ଥଳୀରେ ପହଞ୍ଚି ଅନଶନକାରୀ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମର୍ଥନ ଜଣାଇଥିଲେ। ଏଥିସହ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବି ଗୁଡିକ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲା କୃଷକ ସଂଘର୍ଷ ସଂଘ ଓ ଜିଲ୍ଲା ଆଦିବାସୀ ମହାସଂଘର ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଅନଶନ ସ୍ଥଳୀରେ ପହଞ୍ଚି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମଙ୍କୁ ସମର୍ଥନ ଜଣାଇଥିଲେ। ଅନ୍ୟ ପକ୍ଷରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ମଧ୍ୟ ଫୋନ ଯୋଗେ ଜିଲ୍ଲାପାଳ ଶ୍ରୀ ସାହୁଙ୍କ ସହ ଆଲୋଚନା କରିଥିବା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ମିଳିଛି।

## ବିପୁଳ ପରିମାଣର ମହୁଲଫାଶ ନଷ୍ଟ

କୋଲାବିରା, ୧୫ା୧(ସମିସ): ଦେଶୀ ମଦ ପ୍ରସ୍ତୁତ କରି ବେପାର କରିବା ପାଇଁ କୋଲାବିରା ଅଞ୍ଚଳକୁ ମଦ ଚୋରା ବେପାରୀ ସୁରକ୍ଷିତ ମଣୁଛନ୍ତି। ନିୟମିତ ଭାବେ ଅବକାରୀ ବିଭାଗ ଆଉ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣରେ ରନ୍ଧା ମଦ, ମହୁଲ ଫାଶ, ପ୍ରସ୍ତୁତି ସାମଗ୍ରୀ ଆଦି ଧରାଯାଇ ନଷ୍ଟ କରାଯାଉଛି। ହେଲେ ଏହି କାରବାର କରୁଥିବା ଲୋକେ ଧୂର୍ତ୍ତତାର ସହିତ ନିତିଦିନ ସ୍ଥାନ ପରିବର୍ତ୍ତନ କରି, ନୂଆ ନୂଆ ଉପାୟରେ ଏହି ବେଆଇନ କାମ କରି ଚାଲିଛନ୍ତି। ଏହି କ୍ରମରେ ଆଜି ଭୋରରୁ କୋଲାବିରା ପଞ୍ଜିକୃତ ଦେଶୀ ଭାଟିର କର୍ମଚାରୀ ମାନଙ୍କୁ ନେଇ କୋଲାବିରା ପୁଲିସ କୋଉଠି ମଦରନ୍ଧା ହେଉଛି ଖୋଜଖବର ନେବାକୁ ରୁଟିନ ଡ୍ୟୁଟିରେ ବାହାରିଥିଲେ। କୋଲାବିରା ଥାନା ଅନ୍ତର୍ଗତ ଆମଝରନ ଗାଁ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମଦ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପୁଲିସ ଅଚାନକ ଛାପା ମାରିଥିଲା। ପୁଲିସକୁ ଦେଖି ସେଠାରେ ଉପସ୍ଥିତ ଲୋକେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଉକ୍ତ ସ୍ଥାନରୁ ବିପୁଳ ପରିମାଣରେ ମଦରନ୍ଧା ପାଇଁ ରଖାଯାଇଥିବା ମହୁଲଫାଶ ଜବତ ହୋଇ ପାରିଥିଲା। ପାଖାପାଖି ୫ କ୍ୱିଣ୍ଟାଲରୁ ଅଧିକ ବତୁରା ଯାଇଥିବା ମହୁଲ ଫାଶକୁ ଜବତ କରିବା ସହିତ ସେଠାରେ ନଷ୍ଟ କରାଯାଇଥିଲା।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଦେବଗଡ଼, ୧୫ା୧(ସମିସ): ଜଣେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ ଅଭିଯୋଗରେ ରିଆମାଳ ଥାନା ପୁଲିସ ଗୁରୁବାର ମୁଣ୍ଡଗୋହିରା ଭଦ୍ରସାହିର ଜଣେ ୨୮ ବର୍ଷୀୟ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ଦେବଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୬ ମସିହାରୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରେମ ଫାସରେ ଫସାଇ ସମ୍ପର୍କ ସ୍ଥାପନ କରିଥିଲା। କିଛିଦିନର ମିଳାମିଶା ପରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଷ୍କର୍ମ କରିଥିଲା। ବିବାହ ବୟସ ହେବା ପରେ ପ୍ରେମିକାଙ୍କ ପରିବାର ଲୋକେ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଅଭିଯୁକ୍ତ ଯୁବକ ରୋକଠୋକ ମନା କରି ଦେଇଥିଲା। ଫଳରେ ପୀଡିତା ଜଣକ ଦେବଗଡ଼ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ୨୦୨୫ରେ ଅଭିଯୁକ୍ତ ବିରୁଦ୍ଧରେ ପକ୍ସୋ ସମେତ ବିଭିନ୍ନ ସଙ୍ଗୀନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଆଜି ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ବାବା ଝାଡ଼େଶ୍ୱରଙ୍କ ପୀଠର ଉନ୍ନୟନମୂଳକ କାର୍ଯ୍ୟାରମ୍ଭ

ଝାରସୁଗୁଡ଼ା, ୧୫ା୧(ସମିସ): ଝାରସୁଗୁଡ଼ା ପୌର ପରିଷଦ ଅଧୀନ ଝାରସୁଗୁଡ଼ାର ଆରାଧ୍ୟ ପ୍ରଭୁ ବାବା ଝାଡେଶ୍ୱରଙ୍କ ପୀଠର ଉନ୍ନତି ସକାଶେ ରାଜ୍ୟ ସରକାର ଦେଇଥିବା ୪.୫ କୋଟି ଟଙ୍କାର ଅନୁଦାନ ରାଶିର କାର୍ଯ୍ୟାରମ୍ଭ ଗୁରୁବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ କରକମଳରେ ଶୁଭାରମ୍ଭ କରାଯାଇଛି। ଝାରସୁଗୁଡ଼ାର ପ୍ରସିଦ୍ଧ ଶୈବ ପୀଠ ଓ ଜିଲ୍ଲାର ଆରାଧ୍ୟ ଦେବତା ବାବା ଝାଡେଶ୍ୱରଙ୍କ ପୀଠର ଉନ୍ନତି ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ଆଜି ନିଅଖୋଲି ନଡିଆ ଭାଙ୍ଗି କାର୍ଯ୍ୟର ଆରମ୍ଭ କରିଛନ୍ତି। ପୀଠର ଉନ୍ନତି ପାଇଁ ବିଧାୟକଙ୍କ ପ୍ରଚେଷ୍ଟାରେ ପାଖାପାଖି ୪.୫ କୋଟି ଅନୁଦାନ ରାଶି ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏହାଦ୍ୱାରା ଝାଡେଶ୍ୱର ପୀଠର ପାରିପାର୍ଶିକ ବିକାଶ, ପୂଜା ମଣ୍ଡପ ଏବଂ ପାର୍କ ନିର୍ମାଣରେ ସହାୟକ ହୋଇପାରିବ। ଏହା ସହିତ ବିଭିନ୍ନ ପର୍ବ ଯଥା ଶିବରାତ୍ରି, ଶ୍ରାବଣ ସୋମବାର ତଥା ମକର ସଙ୍କ୍ରାନ୍ତି ପରି ଦିନ ମାନଙ୍କରେ ହେଉଥିବା ଭିଡ ନିୟନ୍ତ୍ରଣ ହେବା ସହିତ ଭକ୍ତ ମାନେ ବହୁ ସୁବିଧା ପାଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି ଅନୁଦାନ ରାଶିର କାର୍ଯ୍ୟାରମ୍ଭ ସମୟରେ ବିଧାୟକଙ୍କ ସହିତ ଝାରସୁଗୁଡ଼ା ପୌର ପରିଷଦର ଇଓ ମାନସରଞ୍ଜନ ମଲ୍ଲିକ, ଝାଡେଶ୍ୱର ମନ୍ଦିର କମିଟିର କର୍ମକର୍ତ୍ତା ତଥା ବହୁ ଭାଜପା କର୍ମୀ ଏବଂ ଝାରସୁଗୁଡ଼ା ପୌର ପରିଷଦର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଫେବୃଆରୀ ୧ରେ ନବଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରିଆମାଳ, ୧୫ା୧(ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ସାହିତ୍ୟ ସଂସଦ ଭାବେ ପରିଚିତ ଦେବଗଡ଼ ଜିଲ୍ଲା ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳନ କରାଯିବ। ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସଙ୍କ ସଭାପତିତ୍ୱରେ ଆସନ୍ତା ଫେବୃଆରୀ ମାସ ୧ରେ ବାର୍ଷିକ ଉତ୍ସବ ପାଳିତ ହେବ। ଏହି ଉତ୍ସବ ପାଇ ୬୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏ ନେଇ ସମ୍ପାଦକ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସୂଚନା ଦେଇଛନ୍ତି। ଉତ୍ସବରେ ବହୁ କବି କବୟିତ୍ରୀ, ସାହିତ୍ୟ ପ୍ରେମୀ ଓ ସାରସ୍ୱତ ସାଧକ ଯୋଗ ଦେବାକୁ ସମ୍ପାଦକ ଅନୁରୋଧ କରିଛନ୍ତି। ଏହି ସଂସଦ ବହୁ ପ୍ରତିଭାବାନ ସାହିତ୍ୟିକ, କବି, କବୟିତ୍ରୀ ସୃଷ୍ଟି କରି ସାହିତିକ୍ୟଙ୍କ ପାଇଁ ଏକ ପ୍ରମୁଖ ସଂସଦ ଭାବେ ପରିଚିତ ହୋଇପାରିଛି।

## ଗାଁ ସାଥୀ ସଙ୍ଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ରିଆମାଳ, ୧୫ା୧(ସମିସ): ରିଆମାଳ ବ୍ଲକର ସମସ୍ତ ପଞ୍ଚାୟତ ଗାଁ ସାଥୀ ସେମାନଙ୍କ ୭ଟି ଦାବିକୁ ସରକାର ପୂରଣ କରିନେବା ପାଇଁ ସରକାରୀ ଭାବେ ଏକ ଚିଠି ଦେବଗଡ଼ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ପ୍ରକଳ୍ପ ଅଧିକାରୀ ମଧ୍ୟ ବିଡିଓଙ୍କୁ ଜଣାଇଛନ୍ତି। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଚିଠି ପଠାଯାଇ ନ ଥିବାରୁ ଗାଁ ସାଥୀ ମାନେ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ତୁରନ୍ତ ଏହାର ସତ୍ୟାସତ୍ୟ ଜଣାଇବାକୁ ରିଆମାଳ ବ୍ଲକ ଗାଁ ସାଥୀ ସଙ୍ଘ ପକ୍ଷରୁ ବିଡିଓ ଆଦିତ୍ୟ ପଣ୍ଡାଙ୍କୁ ସମାଧାନ ପାଇଁ ପତ୍ର କରାହୋଇଛି। ଗାଁ ସାଥି ମାନେ ଅନେକ ଦିନରୁ ବହୁ ସମସ୍ୟା ଦେଇ ଗତି କରୁଥିବା ବେଳେ ତୁରନ୍ତ ଏହାର ସମାଧାନ କଲେ ପଞ୍ଚାୟତର ସମସ୍ତ ଗାଁ ସାଥୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଜି ଏହି ପତ୍ର ଦେବା ବେଳେ ସଦାନନ୍ଦ ବେହେରା, ନଳିନୀ ବେହେରା, ଡିଲେଶ୍ୱର ବେହେରା, ଗଣେଶ୍ୱର ବେହେରା, ଲବଣୀକାନ୍ତ ସାହୁ, ସନ୍ତୋଷ ମୁଣ୍ଡା ସମେତ ବହୁ ଗାଁ ସାଥୀ ଉପସ୍ଥିତ ଥିଲେ।

## ଶିଳ୍ପ ସଂସ୍ଥାଙ୍କ ବେଆଇନ ଜବରଦଖଲ ଅଭିଯୋଗରେ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୧୫ା୧(ସମିସ): ଶ୍ରୀପୁରାରୁ ଠେଲକୋଲୋଇ ମଧ୍ୟରେ ଥିବା ଇଷ୍ଟକୋଷ୍ଟ ରେଲୱେ ଜମିକୁ କିଛି କମ୍ପାନୀ ବେଆଇନ ଭାବେ ଜବରଦଖଲ କରି ବ୍ୟବହାର କରୁଛନ୍ତି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଶ୍ରୀପୁରା ଗ୍ରାମବାସୀ ସମ୍ବଲପୁର ଡିଆରଏମଙ୍କ ଉଦ୍ଦେଶ୍ୟରେ ଇଷ୍ଟକୋଷ୍ଟ ରେଲୱେର ବୃନ୍ଦାମାଲ କାର୍ଯ୍ୟାଳୟରେ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ କିଛି ଶିଳ୍ପ କମ୍ପାନୀ ତାଙ୍କର ଭାରୀ ଶିଳ୍ପ ଯାନବାହାନ ଚଳାଚଳ ପାଇଁ ରେଳବାଇ ଜମି ଉପରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଫଳରେ ରେଳବାଇ ସମ୍ପତ୍ତି ସହିତ ନିକଟସ୍ଥ ଜଙ୍ଗଲ ଜମି ମଧ୍ୟ ଅବୈଧ ଭାବେ ଦଖଲ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଧୀରେ ଧୀରେ ଏହି କମ୍ପାନୀ ଗୁଡିକ ରେଲୱେ ବିଭାଗର ଜମି ଏବଂ ଜଙ୍ଗଲ ଜମି ଉପରେ ନିଜର କର୍ତ୍ତୃତ୍ୱ ଜାହିର କରି ବସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବେଆଇନ ଦଖଲ ଯୋଗୁଁ ଅସାମାଜିକ ବ୍ୟକ୍ତି ଏବଂ ଗୋଷ୍ଠୀ ମାନେ ମଧ୍ୟ ସକ୍ରିୟ ହୋଇଛନ୍ତି। ଫଳରେ ଅବୈଧ ଲଘୁ ଖଣିଜ ପଦାର୍ଥ ଯୋଗାଣ, କୋଇଲା ଚୋରି ଭଳି କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହା ସହିତ, ଶିଳ୍ପ ସଂସ୍ଥାଗୁଡିକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ରେଳବାଇ ଜମିରେ ଥିବା ଗଛ ଗୁଡିକୁ ମନଇଚ୍ଛା କାଟୁଛନ୍ତି। କେତେକ ସ୍ଥାନରେ ପ୍ରାକୃତିକ ନାଳ ଓ ଜଳସମ୍ପଦକୁ ମଧ୍ୟ ଜବରଦଖଲ କରାଯାଇଛି। ଗ୍ରାମବାସୀମାନେ ସମ୍ବଲପୁର ଡିଆରଏମଙ୍କୁ ଦେଇଥିବା ଦାବିପତ୍ରରେ ଦାବି କରିଛନ୍ତି ଯେ, ରେଲୱେ ବିଭାଗ ଏବଂ ପ୍ରଶାସନ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ରେଳବାଇ ଜମିକୁ ଜବରଦଖଲ ମୁକ୍ତ କରୁ। ପରିବେଶ ସୁରକ୍ଷା ପାଇଁ ଏହି ଜମିରେ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି କରିବାକୁକୁ ଅନୁମତି ପ୍ରଦାନ କରୁ। ଦାବିପତ୍ର ଦେବା ସମୟରେ ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସହିତ ଶତାଧିକ ଶ୍ରୀପୁରା ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ଭିନୀତ ସିଂଙ୍କୁ ପଚାରିବାରୁ କମ୍ପାନୀ ମାନେ ପ୍ରକୃତରେ ଯଦି ରେଲୱେ ଜମିକୁ ବେଆଇନ ଭାବେ ଦଖଲ କରୁଛନ୍ତି, ତେବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ମିଥ୍ୟା କାଗଜପତ୍ରରେ ଜମି ହଡ଼ପ ଘଟଣା, ଅଭିଯୁକ୍ତ ଗିରଫ

ଦେବଗଡ଼, ୧୫ା୧(ସମିସ): ଶ୍ୱଶୁରଙ୍କ ମୃତ୍ୟୁ ପରେ ମିଥ୍ୟା କାଗଜପତ୍ର ଦାଖଲ କରି ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ସହ ଶ୍ୱଶୁରଙ୍କ ଜମି ହଡପ ଘଟଣାରେ ଅଭିଯୁକ୍ତ ଜ୍ୱାଇଁକୁ ଗିରଫ କରି ଦେବଗଡ଼ ଜିଲ୍ଲା ଲଇମୁରା ଥାନା ପୁଲିସ ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଲଇମୁରା ଥାନା ଦେଓପାଣି ଗାଁର ସ୍ୱର୍ଗତ ଲୋକନାଥ ମହାକୁଳଙ୍କ ପୁଅ ରଞ୍ଜିତ ମହାକୁଳ (୫୩) ବୋଲି ଜଣାପଡ଼ିଛି। ରଞ୍ଜିତ ଦେଓପାଣି ଗାଁର ଲକ୍ଷ୍ମଣ ଗୌଡଙ୍କ ଝିଅକୁ ବିବାହ କରିଥିବା ବେଳେ ବିବାହର କିଛି ବର୍ଷ ପରେ ଶ୍ୱଶୁର ଏବଂ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା।

**ସନ୍ଦେହରେ ତହସିଲ ଅଧିକାରୀ ଓ କର୍ମଚାରୀ**

ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ଭାବେ ଘରେ ତାଙ୍କର ବିଧବା ସ୍ତ୍ରୀ ଓ ଗୋଟିଏ ପୁଅ ରହିଛନ୍ତି। ତେବେ ରଞ୍ଜିତ ଚଞ୍ଚକତା ପୂର୍ବକ ମିଥ୍ୟା କାଗଜପତ୍ର ଦାଖଲ କରି ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ନିଜର ପୁଅ, ଝିଅ ଏବଂ ନିଜ ନାମରେ କରାଇ ନେଇଥିଲେ। ପରେ ଉତ୍ତରାଧିକାରୀ ପ୍ରମାଣପତ୍ର ବଳରେ ଲକ୍ଷ୍ମଣଙ୍କ ନାମରେ ଥିବା ଦେଓପାଣି ମୌଜା ଖାତା ନମ୍ବର ୧୬, ପ୍ଲଟ ସଂଖ୍ୟା ୩୦ ଅନ୍ତର୍ଗତ ୧୯.୨୪ ଏକର ଜମି ରଞ୍ଜିତଙ୍କ ପୁଅ, ଝିଅଙ୍କ ସହିତ ନିଜ ନାମରେ କରାଇ ନେଇଥିଲେ। ରଞ୍ଜିତଙ୍କ ଶଳା ଅନାମ ଗୌଡ ଏ ବିଷୟରେ ଜାଣିବା ପରେ ଭିଣୋଇ ରଞ୍ଜିତଙ୍କ ବିରୋଧରେ ୨୦୨୩ରେ ଲଇମୁରା ଥାନାରେ ଅଭିଯୋଗ କରିଥିଲେ। ଏଥିସହ ମିଥ୍ୟା ପ୍ରମାଣପତ୍ର ଯୋଗାଇବାରେ ତତ୍କାଳୀନ ଲଇମୁରା ରାଜସ୍ୱ ନିରୀକ୍ଷକ ସଞ୍ଜିତ ବେହେରା, ତତ୍କାଳୀନ ଦେବଗଡ଼ ଅତିରିକ୍ତ ତହସିଲଦାର ସୌଦାମିନୀ ନାୟକ ଓ ତତ୍କାଳୀନ ବରିଷ୍ଠ କିରାଣୀ ମମତା ନନ୍ଦ ପ୍ରମୁଖ ସହଯୋଗ କରିଥିବା ଏବଂ ମ୍ୟୁଟେସନ ତଦନ୍ତ ବେଳେ ଦେଓପାଣି ଗାଁର ପବିତ୍ର କିଷାନ ଏବଂ ଆନ୍ଦ୍ରିଆସ ତିର୍କୀ ମିଥ୍ୟା ସାକ୍ଷ୍ୟ ଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ବିଭାଗୀୟ ଅଧିକାରୀ ଜାଣିଶୁଣି ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ବିଧବା ସ୍ତ୍ରୀ ଏବଂ ଏକମାତ୍ର ପୁଅକୁ ଉତ୍ତରାଧିକାରୀ ପ୍ରମାଣପତ୍ରରେ ସାମିଲ କରି ନଥିବାରୁ ରଞ୍ଜିତ ଜମି ହଡପ କରିବାର ସୁଯୋଗ ପାଇଥିବା ଅନାମ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜମି ଫେରସ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଲଇମୁରା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିଲା। ପୁଲିସ ଆଜି ରଞ୍ଜିତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ଦେବଗଡ଼, ୧୫ା୧(ସମିସ): ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ ଗୌଡ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ପିଏମଶ୍ରୀ ମେଳା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିବରଣୀ ପଠନ କରିଥିଲେ। ଙରା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ଓଏମପିସିଏ ସେଣ୍ଟା ସହକାରୀ ଶିକ୍ଷକ ପ୍ରଜ୍ଞାଶ୍ରୀ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାର ଜାଗରଣ, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଏବଂ ଆକାଂକ୍ଷୀ ମେଳା ୨୦୩୬ ଅବସରରେ ଦୋକାନ ବଜାର, ଗ୍ରାମୀଣ କୁଟୀର ଶିଳ୍ପ, ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟ୍ୟାଲେଣ୍ଟ ଗ୍ୟାଲେରୀ ପ୍ରଦର୍ଶନ କରିଥିଲେ। ଦୁଇଦିନ ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ଜିଲ୍ଲାର ତିନୋଟି ପିଏମଶ୍ରୀ ବିଦ୍ୟାଳୟ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ବରୁଣ ପ୍ରଧାନ, ମହିମା ହେମ୍ବ୍ରମ, ପଦ୍ମାଳି ଲାକ୍ରା, ଦମୟନ୍ତୀ ବେହେରା, ଇନ୍ଦ୍ରମଣି ସାମଲ, ତପନ ପ୍ରଧାନ, ରଞ୍ଜନ ବ୍ରହ୍ମା, କାଦମ୍ବିନୀ ମିଶ୍ର, କୁମୁଦବନ୍ଧୁ ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ରାମକୃଷ୍ଣ ସାହୁ ସତ୍ୟପ୍ରକାଶ ମିଶ୍ର, ଚୂଡାମଣି ସାହୁ, ଭବାନୀକାନ୍ତ ପ୍ରଧାନ, ଭାଗ୍ୟଶ୍ରୀ ଗିରିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଉତ୍ସବମୁଖର କଳା ମକରଯାତ୍ରା

ଝାରସୁଗୁଡ଼ା, ୧୫ା୧(ସମିସ)





ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଅଧୀନ ନିକ୍ତିମାଲ ଗାଁଠାରେ ମକର ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଶ୍ରୀହରି ବିଷ୍ଣୁଙ୍କୁ ବଘିଆବ୍ରେଣ୍ଡା ଗାଁରୁ ସୁସଜ୍ଜିତ ରଥରେ ଅଣାଯାଇଥିଲା। ଶିବ ମନ୍ଦିର ପଡ଼ିଆରେ ୧୬ତମ ମକର ମହୋତ୍ସବ ହୋଇଥିଲା। ରୀତିନୀତି ଅନୁସାରେ ହରି ଓ ହରଙ୍କ ମିଳନ ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ହରିହରଙ୍କ କର୍ତ୍ତା ଭାବେ ଗାଁର ସନ୍ତୋଷ ନାଏକ ଓ ତାଙ୍କ ଧର୍ମପତ୍ନୀ ଶେଷ ନାଏକ ଦାୟିତ୍ୱ ତୁଲାଇଥିଲେ ଓ ପଣ୍ଡିତ ଅଂଶୁମାନ ମିଶ୍ର ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିବ ମନ୍ଦିର ପଡ଼ିଆରେ ଛୋଟ ଛୋଟ ଶିଶୁ ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମକର ଯାତ୍ରା ଅବସରରେ ଗାଁର ଖେଳ ପଡ଼ିଆ ଠାରେ ଏକ ଦିବସୀୟ ଫୁଟବଲ୍ ପ୍ରତିଯୋଗିତା ୮ଟି ଦଳକୁ ନେଇ ଅନୁଷ୍ଠିତ କରାଯାଇଥିଲା। ଯାତ୍ରା ଦେଖିବାକୁ ସୁନ୍ଦରଗଡ଼ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତିରେ ନୃତ୍ୟ ପ୍ରତିଯୋଗିତା ସହ ବରଗଡ଼ ଜିଲ୍ଲାର ଦୁଇଟି ସଙ୍କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ ସିଂ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପହଲ୍ଲାଦ ନାଏକ, ଶିକ୍ଷକ ଦିଲୀପ ନାଏକ, ହେମନ୍ତ ନାଏକ, ଅଶୋକ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଦସ୍ୟ ସଞ୍ଜୀବ କରାଳି, ପ୍ରଦୀପ ଭୋଇ, ରତ୍ନା କିଷାନ, ବାବୁଲୁ ବିଶି, ସମୀର ଭଇଁଷାଲ, ଅନୀଲ କିଷାନ, ବୀରେନ ଭଇଁଷାଲ, ରାଜ କିଷାନ, ସିବେଲ ଭୋଇ, ରିଙ୍କୁ ପ୍ରଧାନ, ପିଣ୍ଟୁ ପ୍ରଧାନ, କିରଣ ପ୍ରଧାନ, ରତନ ପ୍ରଧାନ, ସୁଶୀଳ ପ୍ରଧାନ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

**ଝାରସୁଗୁଡ଼ା:** ମକର ସଙ୍କ୍ରାନ୍ତି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଖଲିଆକାନି ରାଧାକୃଷ୍ଣ ଉନ୍ନୟନ ପରିଷଦ ଦ୍ୱାରା ଅଞ୍ଚଳର ସର୍ବ ବୃହତ୍ତମ ମକର ଯାତ୍ରାରେ ସ୍ଥାନୀୟ ଖଲିଆକାନି ସ୍ଥିତ ମକର ପଡ଼ିଆରେ ୬୬ତମ ମକର ଯାତ୍ରା ତଥା ମକର ମହୋତ୍ସବ ପାଳିତ ହୋଇଯାଇଛି। ଆବାହନ କାଳରୁ ସ୍ଥାନୀୟ ଖଲିଆକାନି ଗାଁରେ ହରି ହରଙ୍କ ମିଳନ ତଥା ମକର ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପ୍ରତ୍ୟେକ ବର୍ଷ ପରି ହରିଙ୍କୁ ରାଜପୁର କଣ୍ଟାପାଲି ଓ ହରଙ୍କୁ ହଂସ ମୁରା କଣ୍ଟାପାଲିରୁ ଅଣାଯାଇ ଖଲିଆକାନି ଗାଁରେ ରଖାଯାଇଥିଲା। ମକର ସଙ୍କ୍ରାନ୍ତି ଦିନ ଗାଁ ମଣ୍ଡପରେ ଉଭୟ ହରି ଓ ହରଙ୍କୁ ମିଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ହରିଙ୍କ କର୍ତ୍ତା ଭାବେ ଗାଁର କାହ୍ନା ସେଟ ଓ ତାଙ୍କ ଧର୍ମପତ୍ନୀ କେତକି ବଢ଼େଇ ରହିଥିବା ବେଳେ ହରଙ୍କ କର୍ତ୍ତା ଭାବେ ରବିନ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ କୁସୁମିତା ପ୍ରଧାନ ରହିଥିଲେ। ହରିଙ୍କ ପୂଜକ ମନବୋଧ ପଣ୍ଡା ଓ ହରଙ୍କ ପୂଜକ ନବୀନ ମହାପାତ୍ର ରହିଥିଲେ। ପୂଜା ଓ ହରି ହରଙ୍କ ମିଳନ ପରେ ମକର ଲଡୁ ବଣ୍ଟନ ହୋଇଥିଲା। ଏହି ମକର ଲଡୁ ଭୋଗ ପାଇଲେ ନିଃସନ୍ତାନ ସନ୍ତାନ ପ୍ରାପ୍ତି ହେବା ସହ କୌଣସି ରୋଗବ୍ୟାଧି ହୋଇ ନଥାଏ ବୋଲି ଅଞ୍ଚଳର ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ଏହି ଭୋଗ ଲଡୁ ପାଇବା ପାଇଁ ସବୁଥର ପରି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମକର ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ଏକ ସଭା କମିଟିର ସଭାପତି କ୍ଷୀରୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ଉପ ସଭାପତି ବିଶିଷ୍ଟ ଆଇନଜୀବୀ ବିଶ୍ୱନାଥ ନାୟକ, ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ କ୍ରିଷ୍ଣ ଗୋପାଳ ସିତାନୀ, ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶି, କବି କ୍ଷିରୋଦ କୁଅଁର କମିଟିର ଆଇନ ପରାମର୍ଶଦାତା ପବିତ୍ର ବିଶି, ଉପଦେଷ୍ଟା ରାଧାକାନ୍ତ ପ୍ରଧାନ, ପରାମର୍ଶ ଦାତା ମହେନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ.ଦିବେନ୍ଦୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ଲରେନ୍ସ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ଉପଦେଷ୍ଟା ରାଧାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେଡି ନେତା ମହେନ୍ଦ୍ର ନାୟକ, ଗାଁର ବରିଷ୍ଠ ବ୍ୟକ୍ତି ଜଗଦୀଶ ପ୍ରଧାନ, ଚୈତନ୍ୟ ପ୍ରଧାନ, ଖଗେଶ୍ୱର ପ୍ରଧାନ, କାଶୀନାଥ ଖମାରୀ, ପର୍ଶୁରାମ ସାହା, ଭୋଦେବ ବିଶି, ଦାଶରଥି ବିଶି, ସୁରେନ୍ଦ୍ର ବଢ଼େଇ, ଉମେଶ ପ୍ରଧାନ, ସୌଦାଗର ବିଶି, ଅରିବିନ୍ଦ ବିଶି, ସରୋଜ ବଢ଼େଇ, ବିକାଶ ପ୍ରଧାନ, ବଲ୍ଲଭ ପ୍ରଧାନ ପ୍ରମୁଖ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅର୍ପିତା ବଢ଼େଇ, କମିଟି ପୂର୍ବତନ ସଭାପତି ଚୈତନ୍ୟ ପ୍ରଧାନ, ସାମ୍ବାଦିକ ମେହେବୁବ ମେହେତାବଙ୍କୁ ମାନପତ୍ର ସହ ଉପଢୌକନ ଦେଇ ରାଧାକୃଷ୍ଣ ଉନ୍ନୟନ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ କମିଟି ଆଇନ ପରାମର୍ଶଦାତା ପବିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ସୁଉଚ୍ଚ ମକରଧ୍ୱଜ ଗିରିଶୃଙ୍ଗରେ ମକର ଉତ୍ସବ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ପ୍ରଧାନପାଟ ପର୍ବତମାଳାର ସୁଉଚ୍ଚ ମକରଧ୍ୱଜ ଗିରିଶୃଙ୍ଗରେ ପୌରାଞ୍ଚଳ ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ୍ ପକ୍ଷରୁ ପତାକା ସ୍ଥାପନ କରାଯିବା ସହ ମକରଯାତ୍ରା ପାଇଁ ପୂଜକ ସୁଦୀପ୍ତ ବେହେରା ଆଜ୍ଞାମାଳ ଆଣିଥିଲେ। ଏହାପରେ ମାନସିକଧାରୀମାନେ ଗିରିଶୃଙ୍ଗରେ ମାନସିକ ଧ୍ୱଜା ବାନ୍ଧିଥିଲେ। ମକରଧ୍ୱଜ ଶୃଙ୍ଗକୁ ଚଢ଼ିବା ଏକ କଷ୍ଟକର ଯାତ୍ରା। ହେଲେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯେଉଁ ଶ୍ରଦ୍ଧାଳୁ ମାନେ ପର୍ବତ ଶିଖରକୁ ଚଢ଼ିପାରି ନଥିଲେ ସେମାନେ ପୂଜକଙ୍କୁ ମାନସିକ ଧ୍ୱଜା ଓ ଦକ୍ଷିଣା ପ୍ରଦାନ କରିଥିଲେ। ପର୍ବତ ଶୃଙ୍ଗରେ ଶ୍ରଦ୍ଧାଳୁଙ୍କ ପାଇଁ ପୌରାଞ୍ଚଳ ଖଡିଆସାହି ଶ୍ରୀଶ୍ରୀ ବାବା ମକରଧ୍ୱଜ କମିଟି ପକ୍ଷରୁ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। କମିଟିର ସଭାପତି ଅତୁଲ୍ୟ ଖଡିଆ, ସମ୍ପାଦକ ସୁମନ୍ତ ସଂଖାରୀ, କୋଷାଧ୍ୟକ୍ଷ ମୋତିଲାଲ ମିସ୍ତ୍ରୀ, ଅଶ୍ୱିନୀ ନେତୁର, ସମ୍ବିତ ମିସ୍ତ୍ରୀ, ନରେନ୍ଦ୍ର କେରକେଟା, ଶୁଭେନ୍ଦୁ କେରକେଟା, ବିକ୍ରମ ଖଡିଆ, କପିଳ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ଶଙ୍କର ମଧୁସୂଦନ କ୍ଲବ୍ ପୂଜା କମିଟିର ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ଗୁଲସନ ବେହେରା, କୋଷାଧ୍ୟକ୍ଷ ସଞ୍ଜିତ ବେହେରା, ଗୋଲବଦନ ବେହେରା, ଗଙ୍ଗା ବେହେରା, ପ୍ରଶାନ୍ତ ବେହେରା, ସୁବାସ ଚନ୍ଦ୍ର ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। କ୍ଲବ୍ ପକ୍ଷରୁ ୪ଦିନ ଧରି ମକରଯାତ୍ରା ଆୟୋଜନ ହୋଇଛି। ପ୍ରତ୍ୟୁଷରେ ପୂଜକ ମକରଧ୍ୱଜ ପର୍ବତ ଶିଖରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ସେଠାକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ବହୁ ମାନସିକ ଧାରୀ ମାନସିକ ଧ୍ୱଜା ଉଡାଇଥିବା ଦେଖିବାକୁ ମିଳିଥିଲା। ମକର ଉତ୍ସବ ଅବସରରେ ଦେବଗଡ଼ ପୌରାଞ୍ଚଳ ଓ ପୁରପଲ୍ଲୀର ହଜାର ହଜାର ଶ୍ରଦ୍ଧାଳୁ ପ୍ରାୟ ୪ କିମି ପର୍ବତାରୋହଣ କରି ଗିରିଶୃଙ୍ଗରେ ଉତ୍ସବର ମଜା ଉଠାଇଥିଲେ। ଫଳରେ ସମଗ୍ର ପର୍ବତ ଶୃଙ୍ଗ ଲୋକାରଣ୍ୟ ହୋଇଥିଲା।

**କୋଲାବିରା:** ପବିତ୍ର ମକର ସଙ୍କ୍ରାନ୍ତି ଅବସରରେ କୋଲାବିରା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁଙ୍କ ଗହଳି ଜମିଛି। ଏହି କ୍ରମରେ କୋଲାବିରା ସ୍ଥିତ ଶନିମନ୍ଦିରରେ ମକର ଉତ୍ସବ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଶନିଦେବତାଙ୍କ ନିକଟରେ ହୋମଯଜ୍ଞାଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପୂଜାକାର୍ଯ୍ୟରେ ଯୋଗଦେଇ ଦର୍ଶନ ଲାଭ କରିଥିଲେ। ସାମୂହିକ ପ୍ରସାଦ ସେବନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଟଳ ମିଶ୍ର ଏବଂ ଭରତ ମିଶ୍ର ପୂଜାନୀତି ସମ୍ପାଦିତ କରିଥିଲେ। କର୍ତ୍ତା ଭାବେ ରାକେଶ ଦାସ ଏବଂ ତାଙ୍କ ପତ୍ନୀ ରଚି ଦାସ କାର୍ଯ୍ୟନିର୍ବାହ କରିଥିଲେ। ରବୀନ୍ଦ୍ର ମହାପାତ୍ର ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ନବଗ୍ରହ କର୍ତ୍ତା ଭାବେ ଗାଁର ସତ୍ୟନାରାୟଣ ଦାସ, ପ୍ରମୋଦ ମିଶ୍ର, ରଞ୍ଜନ ଦଲାଇ, ଜଗଦୀଶ ଭଞ୍ଜ, ଅଶୋକ ବେହେରା, ନବୀନ ଭଞ୍ଜ, ସଦାନନ୍ଦ ନାଏକ, ବାପିନା ମହାପାତ୍ର, ଶଚିକାନ୍ତ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ସପତ୍ନୀକ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପାର୍ଶ୍ୱଦେବତାଙ୍କ ମଧ୍ୟରେ କପିଳେଶ୍ୱର ମହାଦେବ ଏବଂ ହନୁମାନଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ଭଜନ କୀର୍ତ୍ତନ, ନାମସଙ୍କୀର୍ତ୍ତନ ତଥା ଜ୍ୟୋତ୍ସ୍ନାମୟୀ ଦିକ୍ଷୀତ ଓ ସାଥିଙ୍କ ପାରାୟଣରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯଦୁମଣୀ ମହାପାତ୍ର, ରଞ୍ଜିତ ଦଲାଇ, ପ୍ରବୀଣ ବିଜାର, କୁନୁ ମରେଇ, ଈଶ୍ୱର ଟଣକାର, ସୁମିତ ଭଞ୍ଜ, ସୁଜିତ ଭଞ୍ଜ, ଶ୍ରୀମନ୍ତ ସାହୁ, ଦ୍ୱିବେନ୍ଦୁ ଦାସ, ଟ୍ୱିଙ୍କଲ ମହାପାତ୍ର, କୁନାଲ ମହାପାତ୍ର, ବିକାଶ ମହାପାତ୍ର, ପ୍ରଫୁଲ୍ଲ ଖରସେଲ, କୁନୁ ଟଣକାର, ଅମିତ ବିଜାର, ଉତ୍ତମ ସିଂ, ଦୀପକ ଖରସେଲ, ଧଧୋ ବିଜାର, ଉତମ ସିଂ, ନିରଞ୍ଜନ ନାଏକ, ରାହୁଲ ସିଂ, ସୁବ୍ରତ ଦାସ, ପିଣ୍ଟୁ ବେହେରା, ରାଜାକୁଅଁର, ଦେବାଶିଷ ସିଂ ଠାକୁର, ସ୍ମୃତିରଞ୍ଜନ ରାଏ, ଶେଖର ଭଞ୍ଜ, ସୁରଜ ଦାସ, କୁନା ଭଇଁଷା, ନିଖିଲ ଦାସ, ବୁଟୁ ପାଣ୍ଡେ, ଦେବାଶିଷ ବେହେରା, କୁନାଲ ବହିଦାର, ଅସିତ ବହିଦାର, ଭିମ ଭଞ୍ଜ, ରାମ ମହାପାତ୍ର, ନିପୁ ମହାପାତ୍ର, ଅଜିତ କଉଡି ପ୍ରମୁଖ ସହଯୋଗ କରିଥିଲେ। କୋଲାବିରା ଅଞ୍ଚଳରେ ଭକ୍ତଙ୍କ ପ୍ରଚେଷ୍ଟାରେ ଶନିଦେବଙ୍କ ସ୍ଥାପନ କରାଯାଇ ଗଛମୂଳେ ନିୟମିତ ପୂଜାର୍ଚ୍ଚନା କରାଯାଉଥିଲା। ବର୍ଷକ ପୂର୍ବରୁ ନୂତନ ମନ୍ଦିରଟି ନିର୍ମାଣ କରାଯାଇ ମନ୍ଦିର ପ୍ରତିଷ୍ଠା ସହିତ ପ୍ରାଣ ପ୍ରତିଷ୍ଠା ପଶ୍ଚାତ ମନ୍ଦିର ଭିତରେ ପୂଜା ହୋଇଆସୁଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଗୋଲାମୁଣ୍ଡା, ୧୫ ।୧ (ସମିସ):** ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ କଳାହାଣ୍ଡି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ କନିଷ୍ଠ ରକ୍ଷକମାନଙ୍କ ପାଇଁ ପ୍ରାଥମିକ ସହାୟତା ପ୍ରଶିକ୍ଷଣ ତଥା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓଡ଼ିଶା ପଶ୍ଚିମ ପ୍ରାନ୍ତ କମିଶନର ପ୍ରତାପ କିଶୋର ପଣ୍ଡାଙ୍କ ନେତୃତ୍ୱରେ ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଟ୍ରାଫିକ ଇନ୍ସପେକ୍ଟର ମିଥୁନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାର କାରଣ ଓ ପ୍ରତିକାର ବିଷୟରେ ଆଲୋଚନା କରିଥଲେ। ଯୁବ ରେଡକ୍ରସ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ରକ୍ଷକ ମାଷ୍ଟର ପ୍ରଶିକ୍ଷକ ତଥା ଜିଲ୍ଲା ଯୁବ ରେଡକ୍ରସ ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ଓ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ସଡ଼କ ଦୁର୍ଘଟଣାରେ ସମ୍ମୁଖିନ ହେଉଥିବା ବ୍ୟକ୍ତିଙ୍କୁ କିପରି ତୁରନ୍ତ ପ୍ରାଥମିକ ସହାୟତା ପ୍ରଦାନ କରିବା ଛାତ୍ରଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରିଥିଲେ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନାରେ ଜୁନିଅର ଏମ୍‌ଭିଆଇ ରାମକୃଷ୍ଣ ମାଝୀ ଓ ତାଙ୍କ ସହଯୋଗୀମାନେ ସହାୟତା କରିଥଲେ। ଅଧ୍ୟାପକ ତ୍ରିନାଥ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ ଓ ଯୁବ ରେଡକ୍ରସ ପରାମର୍ଶଦାତା କ୍ଷୀରସିନ୍ଧୁ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥଲେ। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଶହରୁ ଊଧ୍ୱ ଛାତ୍ର ଛାତ୍ରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ଶୀତକାଳୀନ ଶିବିର ଉଦ୍‌ଯାପିତ

**ଭବାନୀପାଟଣା, ୧୫ ।୧ (ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟର ସାତ ଦିନିଆ ଶୀତକାଳୀନ ବିଶେଷ ଶିବିରର ସମାପନୀ ଅନୁଷ୍ଠାନ ୧୫ ଜାନୁଆରୀ ୨୦୨୬ ତାରଖରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଶିବିର ସମୟରେ ପ୍ରତିଦିନ ସ୍ୱେଚ୍ଛାସେବୀକା ଯୋଗାଭ୍ୟାସରେ ଅଂଶଗ୍ରହଣ କରି ଶାରୀରିକ ଓ ମାନସିକ ସୁସ୍ଥତାର ସନ୍ଦେଶ ଦେଇଥିଲେ। ପୋଷ୍ୟ ଗ୍ରାମ ରିସିଗାଁରେ ସଡ଼କ ସୁରକ୍ଷା ସଚେତନତା ରାଲି, ଜୁମ୍ବା କ୍ଲାସ୍, କ୍ୟାମ୍ପସ୍ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜାତୀୟ ଯୁବ ଦିବସ ପାଳନ ଅବସରରେ ଡ଼ା. ଉମେଶ ଚନ୍ଦ୍ର ଶତପଥୀ ପ୍ରେରଣାଦାୟକ ଉଦବୋଧନ ଦେଇଥିଲେ। ପରେ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇ ମାଦକଦ୍ରବ୍ୟ ବିରୋଧୀ ସଚେତନତା ସୃଷ୍ଟି କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ମାନସିକ ଚାପ କଣ ଓ ତାର ପରିଚାଳନା କିପରି ହୋଇପାରିବ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀମାନେ ସବିଶେଷ ଆଲୋଚନା କରିଥିଲେ। ରିସିଗାଁ ଗ୍ରାମରେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସର୍ଭେ କରି ଶୌଚାଳୟ ବ୍ୟବହାର ସମ୍ପର୍କରେ ସଚେତନତା କରାଯାଇଥିଲା। ସମାପନୀ ସଭାରେ ମୁଖ୍ୟଅତିଥି ଭାବେ ଡ଼. ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ମିସ୍ ଅର୍ଚ୍ଚନା ପାତ୍ର ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ। ଧୀରେଶ ଚନ୍ଦ୍ର ନନ୍ଦ ଓ ହେମନ୍ତ କୁମାର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ପ୍ରୋଗ୍ରାମ୍ ଅଫିସର୍ ଡ଼. ରାଧାରାଣୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



**କେସିଙ୍ଗା, ୧୫ ।୧(ସମିସ):** କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ଉଦ୍ ଘାଟନ୍ କାର୍ଯ୍ୟକ୍ରମରେ କେସିଙ୍ଗା ଏନ୍ଏସି. ନଗରପାଳ ନୃପରାଜ ଯାଦବ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଏକବିଂଶ ଶତାବ୍ଦୀରେ ଉତ୍ତମ ସ୍ୱାସ୍ଥ୍ୟ ଗଠନ ଦିଗରେ ବିଦ୍ୟାଳୟ ସ୍ତରରୁ ଶିକ୍ଷାର୍ଥୀମାନେ ଯତ୍ନବାନ ହେବାର ଯୁଗୋପଯୋଗୀ ପ୍ରାସଙ୍ଗିକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଶିବ ପ୍ରସାଦ ସାହୁ ଯୋଗଦାନ କରିଥିଲେ। ଖେଳ ଶିକ୍ଷୟିତ୍ରୀ ହରିପ୍ରିୟା ରାୟଙ୍କ ନେତୃତ୍ୱରେ ଆୟୋଜିତ ସ୍ଥାନୀୟ ବୁଢାରଜା ମନ୍ଦିରରୁ ବିଦ୍ୟାଳୟର ଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ମଶାଲ ଶୋଭାଯାତ୍ରାରେ ବାହାରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସମୀର କୁମାର ବେହେରା ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନ ଘୋଷଣା କରିଥିଲେ। ଶିକ୍ଷକ ଜି. କ୍ରିଷ୍ଣା ରେ‡ୀ ସଭା ପରିଚାଳନା କରିଥିଲେ।

**ଦାଦନ ରୋକିବା ପାଇଁ ଉଦ୍ୟମ**

# ୨ ମାସରେ ୭୦ରୁ ଊର୍ଦ୍ଧ୍ୱ ଦାଦନ ଉଦ୍ଧାର

**ସିନାପାଲି, ୧୫ ।୧(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଦାଦନ ରୋକିବା ପାଇଁ ସିନାପାଲି ପୁଲିସ ତରଫରୁ ଅଭିଯାନ ଆରମ୍ଭ ହୋଇଛି। ବିଭିନ୍ନ ସମୟରେ ଦାଦନ ଚାଲାଣ ରୋକିବା ସହ ଦାଦନ ଶ୍ରମିକ ଉଦ୍ଧାର ଓ ସର୍ଦ୍ଦାରଙ୍କୁ ଗିରଫ କରାଯାଉଥିବାରୁ ସିନାପାଲି ପୁଲିସକୁ ସାଧାରଣରେ ପ୍ରଶଂସା କରାଯାଉଛି। ସିନାପାଲି ଥାନା ରେ ନୂତନ ଥାନା ଅଧିକାରୀ ଦୁର୍ଗାମାଧବ ବାଗଙ୍କ ଯୋଗଦାନ ସାଙ୍ଗକୁ ନୂତନ ଏସ୍‌ପି ଆମ୍ରିତ ପାଲ ସିଂ ଓ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନଙ୍କ ଯୋଗଦାନ ପରେ ଦାଦନ ଚାଲାଣ ଉପରେ ରୋକ ଲାଗିଛି। ନୂଆପଡ଼ା ଜିଲ୍ଲା ର ସିନାପାଲି ବ୍ଲକ ଛତିଶଗଡ଼ ରାଜ୍ୟର ସୀମାନ୍ତରେ ଅବସ୍ଥିତ। ବ୍ଲକର ଅନେକ ଗାଁ ଗଣ୍ଡା ଗୁଡ଼ିକ ବଣ ପାହାଡ ଘେରା ଅଞ୍ଚଳରେ ଅବସ୍ଥିତ। ଏଠାରେ ଶ୍ରମିକଙ୍କ ପାଇଁ ଆବଶ୍ୟକ କାମଧନ୍ଦାର ଅଭାବ ରହିଥିବା ବେଳେ ଲୋକେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଭଳି ଆବଶ୍ୟକ ଜଳ ସେଚେନର ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ମରୁଡ଼ିର ସମ୍ମୁଖିନ ହେବାକୁ ପଡୁଛି। ଯାହାଫଳରେ ବାଧ ହୋଇ ଅଞ୍ଚଳର ଲୋକେ ଦାଦନ ଯିବା ପାଇଁ ସହଜରେ ଶ୍ରମିକ ଦଲାଲଙ୍କ କାଥାରେ ପଡ଼ି ରାଜି ହୋଇ ଯାଆନ୍ତି। ସିନାପାଲି ବ୍ଲକର ଅନେକ ପଞ୍ଚାୟତରୁ ଦାଦନ ଶ୍ରମିକ ମାନେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଚାଲାଣ ହେଉଥିବା ବେଳେ ସିନାପାଲି ସହର ଦେଇ ଅନେକ ବସ ସିଧା ସଳଖ ଯୋଗାଯୋଗ ରହିଛି। ଯାହାଫଳରେ ଦାଦନ ଶ୍ରମିକ ଚାଲାଣ କରିବା ସହଜ ହେଉଛି। ବାହାର ରାଜ୍ୟର ଦାଦନ ସର୍ଦ୍ଦାରମାନେ ଏଠାରେ ଡେରା ପକାଇ ଦଲାଲଙ୍କ ଜରିଆରେ ବିଭିନ୍ନ ଚାରି ଚକିଆ ଗାଡ଼ିରେ ଚାଲାଣ କରୁଥିବ ବେଳେ ପୁଲିସ କିଛି ମାତ୍ରାରେ ରୋକିବାରେ ସକ୍ଷମ ହେଉଛି। ସିନାପାଲି ସହର ଦେଇ ଯାଉଥିବା ବସରେ ପଡ଼ୋଶୀ ଛତିଶଗଡ଼ ଅଞ୍ଚଳର ଦାଦନ ଶ୍ରମିକମାନେ ମଧ୍ୟ ଚାଲାଣ ହେଉଛି। ଆବଶ୍ୟକ ଜନସଚେତନତା ସାଙ୍ଗକୁ କାମ ଯୋଗାଇ ଦିଆଗଲେ ଦାଦନ ଚାଲାଣ କମିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସରକାରୀ ନିୟମ ଅନୁସାରେ ଜଣେ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଚାଲାଣ ହେଉଥିଲେ ତାହାର ସମ୍ପୂର୍ଣ୍ଣ ବିବରଣୀ ରହିବାର ନିୟମ ରହିଛି। ସବୁର ସବିଶେଷ ତଥ୍ୟ ଦେଇ ପଞ୍ଜୀକୃତ କରିବାର ନିୟମ ରହିଥିଲେ ମଧ୍ୟ ଏସବୁ କରାଯାଉ ନ ଥିବାର ପ୍ରଶାସନକୁ ବିଭିନ୍ନ ସମୟରେ ଅସୁବିଧା ହେଉଛି। ଏଭଳି ଅବସ୍ଥାରେ ବର୍ଷ ବର୍ଷ ଧରି ମଣିଷ ବେପାର ଚାଲିଥିବା ବେଳେ ସିନାପାଲି ପୁଲିସର ଦାଦନ ରୋକିବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରାଯାଇଛି ତାହା ନିଶ୍ଚିତ ଭାବରେ ପ୍ରଶଂସନୀୟ।ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମଧ୍ୟ ପ୍ରଶଂସନୀୟ ଉଦ୍ୟମ କରି ବିଭିନ୍ନ ସ୍ଥାନରେ ପ୍ରବାସୀ ଶ୍ରମିକଙ୍କୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ଯାହା ଦାଦନ ରୋକିବା ପାଇଁ ସହାୟକ ହୋଇ ପାରିଛି। ଗତ କିଛି ଦିନ ତଳେ ସିନାପାଲି ପୁଲିସ ୧୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଏକ ଚାରି ଚକିଆ ଗାଡି ଜବତ କରି ସର୍ଦ୍ଦାରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ସିନାପାଲି ଥାନାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ। ୧୦ଜଣ ଦାଦନ ଶ୍ରମିକ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅଭିଯୁକ୍ତ ସର୍ଦ୍ଦାର ତେଲେଙ୍ଗାନା ରାଜ୍ୟ କେଭି ରଙ୍ଗାରେ‡ୀ ଜିଲ୍ଲା ମାଲକ୍ଟଗିରି ଥାନା ଦୁର୍ଗା ନଗରର ମିରୟଲା ରାମୁଲୁ (୬୦)। ସୂଚନା ଅନୁସାରେ ଏକ ଚାରି ଚକିଆ ଆରଟିକା ଯାହାର ନମ୍ବର ଓଡ଼ି୨୬ ଜି ୬୩୩୨ଗାଡି ଯୋଗେ ସିନାପାଲି ଥାନା ଗୋଡାଲ ଛକ ଫୋରୱେ ରାସ୍ତା ହାତିବନ୍ଧା ଦେଇ ଦାଦନ ଶ୍ରମିକ ଚାଲାଣ ହେଉଥିବା ସିନାପାଲି ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢାଉ କରିଥିଲା। ପୁଲିସ ଉକ୍ତ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଚାରି ଚକିଆ ଗାଡିକୁ ଜବତ କରି ସର୍ଦ୍ଦାରଙ୍କୁ ଗିରଫ କରିଥିଲା। ଏନେଇ ସିନାପାଲି ଥାନାରେ କେସ ନମ୍ବର ୬/୨୬ ଅନୁସାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ମାସ ମଧ୍ୟରେ ୭୦ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକ ଉଦ୍ଧାର କରାଯାଇଥିବା ସିନାପାଲି ପୁଲିସ ତରଫରୁ ଜଣାପଡ଼ିଛି।

# ମାଁ ଦୁଆରସନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଗୋଲାମୁଣ୍ଡା, ୧୫ ।୧(ସମିସ):** ଗୋଲାମୁଣ୍ଡା ବ୍ଲକ କେଗାଁ ସ୍ଥିତ ଆଖୁଡେଟ ପଡ଼ିଆ ଠାରେ ମାଁ ଦୁଆରସନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଗ୍ରାମର ଗୌର ଚନ୍ଦ୍ର ପୁଟେଲ, ସୋମେଶ୍ୱର ମୁନି, ସଦାଶିବ ପୁଟେଲ, ଈଶ୍ୱର ପୁଟେଲ, ଗଗନ ବିହାରୀ ଭଇଁସାଲ, ଦନାର୍ଦ୍ଦନ ଭଇଁସାଲ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳକୁ ନେଇ ଆରମ୍ଭ ହୋଇଥିବା ବେଳେ ଆଜିର ପ୍ରଥମ ଦିନରେ କେଗାଁ ବନାମ ଦେହେଲି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଖେଳାଳିଙ୍କୁ ଆଜିକାର ମୁଖ୍ୟଅତିଥି କେନ୍ଦୁପତ୍ର ବିଭାଗ ରେଞ୍ଜର ବେଣୁଧର ତାଣ୍ଡି ଯୋଗ ଦେଇ ଉତ୍ସାହିତ କରିଥିଲେ। ଖେଳରେ ପ୍ରଥମେ ଦେହେଲି ଦଳ ବ୍ୟାଟିଂ କରି ୧୨ ଓଭରରେ ୯ ୱିକେଟ ହରାଇ ୯୧ ରନ ସଂଗ୍ରହ କରିଥିଲେ। ପରେ କେଗାଁ ଦଳ ୯ ଓଭର ୩ଟି ବଲରେ ୬ ୱିକେଟ ହରାଇ ବିଜୟ ଲାଭ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବିକି ଓ ଜୟନ୍ତ ପଟେଲ ପରିଚାଳନା କରିଥିବା ବେଳେ ମାଁ ଦୁଆରସନି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଭାପତି ହୃଦାନନ୍ଦ ପୁଟେଲ, ସମ୍ପାଦକ ବାସବ ଭୋଇ, ନିରଞ୍ଜନ ପୁଟେଲ, ପୂର୍ବତନ ସରପଞ୍ଚ ରବି ଶଙ୍କର ତାଣ୍ଡି, ରୋମାଞ୍ଚଳ ମାଝୀ, ରାଧେଶ୍ୟାମ ବାଗ, ରମାକାନ୍ତ ପୁଟେଲ, ଗଜେନ୍ଦ୍ର ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଫକୀର ମୋହନଙ୍କ ଜୟନ୍ତୀ

**ଭବାନୀପାଟଣା, ୧୫ ।୧ (ସମିସ):** ଓଡ଼ିଆ ଭାଷା ଓ ସାହିତ୍ୟର ଅଗ୍ରଦୂତ ହେଉଛନ୍ତି ବ୍ୟାସକବି ଫକୀର ମୋହନ ସେନାପତି। ତାଙ୍କରି ଉଦ୍ୟମ ଯୋଗୁଁ ଏକଦା ଓଡ଼ିଶାର ଭାଷା ବଙ୍ଗଳା ନ ହୋଇ ଓଡ଼ିଆ ଭାଷା ହେଲା। ଆଜି ବି ଫକୀର ମୋହନ ସାହିତ୍ୟର ପ୍ରାସଙ୍ଗିକତା ରହିଛି ବୋଲି କଳାହାଣ୍ଡି ଲେଖକ କଳା ପରିଷଦର ମକର ସଂକ୍ରାନ୍ତି ଅବସରରେ କ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଉତ୍ସବରେ ମତ ପ୍ରକାଶ ପାଇଥିଲା। ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଡ.ତପନ କୁମାର ରଥ, ଗାଳ୍ପିକ ସୁଧୀର ରଞ୍ଜନ ମିଶ୍ର ଓ ରୂପ କେଶରୀ ଦଳେଇ ଫକୀର ମୋହନଙ୍କ ସାହିତ୍ୟ ଓ ଜୀବନୀ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଭବନାଥ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁରେନ୍ଦ୍ର ପ୍ରସାଦ, ଚିତ୍ତ ରଞ୍ଜନ ପଣ୍ଡା, କେଦାରନାଥ ରାୟଗୁରୁ, ବିରଞ୍ଚି ନାରାୟଣ ମୁଣ୍ଡ, ତାପସ ପଟେଲ, ରାମକୃଷ୍ଣ କୈବର୍ତ୍ତ, ଲିପ୍ସା ମହାରଣା, ନିକିତା ମିଶ୍ର, ଅନ୍ତରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



**ଥୁଆମୂଳରାମପୁର, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଉପକୂଳ ଅଞ୍ଚଳରେ ଶୀତ ଦାଉରୁ ରକ୍ଷା ପାଇଁ ୭ଶହ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପବିତ୍ର ମକର ସଂକ୍ରାନ୍ତି ଅବସରରେ ବୁଧବାର ସ୍ୱେଚ୍ଛାସେବୀ ସଂଗଠନ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ୍ ୟୁଥ ଅର୍ଗାନାଇଜେସନର ତତ୍ୱାବଧାନରେ ମହତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳ ପୋଡାପଦର ପଞ୍ଚାୟତର ଘୁଟ୍‌ଖାଲ ଏବଂ ଜଳଭଣ୍ଡାର ଉପକୂଳର ମାଳିଗାଁ ପଞ୍ଚାୟତର କଣାସୁକୁଲି ଓ ତଳନାଗୀ ପଞ୍ଚାୟତର ଲୁଦକୁଡି ଠାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ପଞ୍ଚାୟତ ଗୁଡିକରୁ ଆସିଥିବା ୭ଶହ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା, ଏବଂ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ନୂଆଦିଲ୍ଲୀର ସୁନୀଲ ସୁରଣା ଏବଂ ଆକାଶ ସୁରଣା, ମାରୱାଡି ଯୁବ ମଞ୍ଚ ଜୁନାଗଡ଼ ଏବଂ, ବ୍ରାହ୍ମଣ ସମାଜର ସହଯୋଗରେ କାର୍ଯ୍ୟ ଆୟୋଜିତ ହୋଇଥିଲା।ଆୟୋଜକ ଅନୁଷ୍ଠାନର ସମ୍ପାଦକ ତଥା ସାଧନ କର୍ମୀ ଅବିନାଶ ମୁଣ୍ଡଙ୍କ ଉପସ୍ଥିତିରେ ସମାଜସେବକ ଉଦ୍ଧବ ଚରଣ ସାହୁ, ଯୁବ ସଂଗଠନ ପ୍ରଭାତ କୁମାର ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟରାମ ସାହୁ, ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ସମାଜସେବୀ ହିମାଂଶୁ ପଣ୍ଡା, ସରପଞ୍ଚ ନନ୍ଦାଏ ମାଝୀ, ସରପଞ୍ଚ ବାସନ୍ତୀ ମାଝି, ସମିତି ସଭ୍ୟ ବଳଦେବ ଗୌଡ଼, ସାମାଜିକ କର୍ମୀ ସଞ୍ଜୀବ କୁମାର ଠାକୁର, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ମଦନ ପଟେଲ, ଲମ୍ବୋଦର ପଟେଲ, ସଉେନ୍ଦ୍ର ବାଗ, ବିବେକ ଗୋପାଳ, ବିଦ୍ୟାଧର ଚଲାନ ପ୍ରମୁଖ ସହଯୋଗ କରିଥିଲେ।

**ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ**

# ଲକ୍ଷ୍ୟ ହାସଲ ଛାତ୍ରଛାତ୍ରୀଙ୍କ ଲକ୍ଷ୍ୟ ହେବା ଉଚିତ



**କେସିଙ୍ଗା, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଉତ୍ସବର ସଭାପତି ଆନନ୍ଦ କୁମାର ବେହେରା ନେତୃତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଯୋଗଦେଇ ଥିଲେ।ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ସହ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହା ଯୋଗଦେଇ ସ୍ୱପ୍ନ ଦେଖି ଲକ୍ଷ୍ୟ ହାସଲ କରିବା ହିଁ ଛାତ୍ରଛାତ୍ରୀଙ୍କ ମୂଳଲକ୍ଷ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ଜନ୍ମେଜୟ ସ୍ୱାଇଁ ଯୋଗଦେଇ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ।ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶଙ୍କର ଭୋଇ, ପ୍ରମୁଖ ଯୋଗଦେଇ ପିଏମଶ୍ରୀ ଉତ୍ସବ୍ ବିଷୟରେ ନିଜସ୍ୱ ମତ ପ୍ରକାଶ କରିଥିଲେ।ଉତ୍ସବରେ ଦୋକାନ, ଆକାଂକ୍ଷା ମେଳା, ଜିଜ୍ଞାସା, କ୍ରିଡାଙ୍ଗନ୍, ସାହିତ୍ୟ ସୃଜନୀ, କୌଶଳୀ ଏଭଳି ବିଭିନ୍ନ ଷ୍ଟଲ ଖୋଲା ଯାଇଥିଲା। ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।ବିଚାରକ ଭାବେ ପ୍ରଧାନଶିକ୍ଷକ ଅଭୟ କୁମାର ଦେବତାଙ୍କ ସମେତ ୫ ଜଣଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅତିଥିମାନେ ୧୦ଟି ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଆବାହକ ଭାବେ ସମୀର କୁମାର ବେହେରା ଅଂଶ ଗ୍ରହଣ କରି ସୃଜନତାଶିଳତା, ସମାଲୋଚିକା ଚିନ୍ତନ, ସହଯୋଗ ଓ ସଂଯୋଗ କୌଶଳ ବିକାଶ କରିବା ସହ ଡିଜିଟାଲ ଶିକ୍ଷା, ବୃତ୍ତିମୂଳକ ଶିକ୍ଷା ଓ କ୍ରୀଡା, କଳାକୁ ଉତ୍ସାହିତ କରିବା ସହ ପରିବେଶ ସୁରକ୍ଷା, ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗିନ ବିକାଶ ପାଇ ସଂକୃତିକ, କ୍ରୀଡା, ବିଦ୍ୟାଳୟ ପରିବେଶ ସୁରକ୍ଷିତ ଆଦି ବିଷୟରେ ଆଲୋକପାତ କରିଥିଲେ।ସାନ୍ଧ୍ୟ ଅଧିବେଶନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଘୁଗୁରପଲା ହାଇସ୍କୁଲ ମାଟ୍ରିକ ୨୦୧୦ ବ୍ୟାଚ୍‌ର ବନ୍ଧୁମିଳନ

**ଭବାନୀପାଟଣା/କର୍ଲାପଡ଼ା, ୧୫ ।୧(ସମିସ):** ଭବାନୀପାଟଣା ବ୍ଲକ ସ୍ଥିତ ଘୁଗୁରପଲା ଉଚ୍ଚ ବିଦ୍ୟାଳୟ ମାଟ୍ରିକ ୨୦୧୦ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀ ପରିବାର ବର୍ଗ ଓ ଉକ୍ତ ବ୍ୟାଚର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ବନ୍ଧୁ ମିଳନ ଉତ୍ସବ ରେ ଶିକ୍ଷକ ମାନେ ଛାତ୍ର ଛାତ୍ରୀଙ୍କ ପୁରୁଣା ଦିନକୁ ମନେ ପକାଇବା ସହ ପ୍ରତ୍ୟେକ ବାଲ୍ୟ ବନ୍ଧୁ ବାନ୍ଧବୀ ମାନେ ନିଜ ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ମୁଖ୍ୟ ଅତିଥି ଭାବେ ସ୍କୁଲର ପୂର୍ବତନ ସଭାପତି ରୂପାଧର ସାହୁ, ସମ୍ପାଦକ ତରଣୀସେନ ପାତ୍ର, ସମ୍ମାନିତ ଅତିଥିଭାବେ ସମସ୍ତ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ମହେନ୍ଦ୍ର ଶିଖା।ଦୋଳଗୋବିନ୍ଦ ସାହୁ, ରଙ୍ଗାଧର ସା, ଅଲେଖ ନାଏକ, ଲଳିତ ପାତ୍ର, ଭୋଦେବ ସାହୁ, ବିସିକେଶନ ବଗର୍ତି, ଛବିଲାଲ ବଗର୍ତି, ଅକ୍ଷ ବେଶ୍ରା, ପୋଲସ୍ତି ବାଗ, ମୋତିରାମ ଶବର, ନନ୍ଦି କଟା, ଘୁଲୁ ମାଝୀ, ତପନ ନାଏକ, ଧର୍ମୁ ମହାନନ୍ଦ, ମଣ୍ଟୁ ବଗର୍ତି, ଚୂଳେଶ୍ୱର ବଗର୍ତି, ଅଚ୍ୟୁତ ବଗର୍ତି, ଦୁଷ୍ମନ୍ତ ବଗର୍ତି, ଗୋଲାପୀ ସାହୁ, ପୁଷ୍ପାଞ୍ଜଳି ସାହୁ, ନଳିନୀ ସାହୁ, ନମିତା ପାତ୍ର, ଅନୁଶୟା ସାହୁ, ଜୋତିରମଇ ସାହୁ, ତିଲୋତ୍ତମା ବାଗ, ନମିତା ବାଗ, ଝିଲି ପାତ୍ର, ରଶ୍ମିତା ସାହୁ, ଉପାସି ହେର୍ଣ୍ଣା ନେତୃତ୍ୱ ନେଇଥିଲେ।

**ଯୁବ ଛାତ୍ର ବିଜେଡିର ସାମ୍ବାଦିକ ସମ୍ମିଳନୀ**

# ମୁଖ୍ୟମନ୍ତ୍ରୀ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ବୁଝନ୍ତୁ

**ଭବାନୀପାଟଣା, ୧୫ ।୧(ସମିସ)**



କଳାହାଣ୍ଡି ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଭାଗୀରଥି ଇନ୍ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଳାହାଣ୍ଡି ଉତ୍ସବ 'ଘୁମୁରା'ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଯୋଗଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମଣ୍ଡି ପରିଦର୍ଶନ କରି ଚାଷୀ ସମସ୍ୟାର ସମାଧାନ କରନ୍ତୁ ବୋଲି ଯୁବ ଛାତ୍ର ବିଜେଡି ଦାବି କରିଛି। ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓଙ୍କ ଚାଷୀକୂଳ ପ୍ରତି ବାରମ୍ବାର ତାଚ୍ଛଲ୍ୟ ଓ ଅପମାନିତ କରି ଦେଉଥିବା ମନ୍ତବ୍ୟକୁ ନିନ୍ଦା କରାଯାଇଛି। କଳାହାଣ୍ଡି ଉତ୍ସବରେ ଯୋଗଦାନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭବାନୀପାଟଣା ଓ ଧର୍ମଗଡ଼ ସବଡିଭିଜନର ଅନ୍ତତଃ ଦୁଇଟି ଧାନ ମଣ୍ଡିକୁ ପରିଦର୍ଶନ କରି ସେଠାକାର ଚାଷୀଙ୍କ ସହ ଆଲୋଚନା କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା ପ୍ରଶାସନ ଚାଲବାଜି ନକରି ମୁଖ୍ୟମନ୍ତ୍ରୀଙ୍କୁ ମଣ୍ଡି ପରିଦର୍ଶନ କରାଇବା ସହ ପ୍ରକୃତ ଚାଷୀଙ୍କ ସହ ଆଲୋଚନା କରାଇଲେ ହିଁ ଚାଷୀଙ୍କ ପ୍ରକୃତ ଦୁଃଖ ମୁଖ୍ୟମନ୍ତ୍ରୀ ବୁଝିପାରିବେ। ଚାଷୀଙ୍କ ଉପାର୍ଜିତ ଚାଷୀଙ୍କ ଉପାର୍ଜିତ କୁଇଣ୍ଟାଲ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। କାହାକୁ ଟୋକନ ମିଳିନି ତ କାହାର ପୁଣି ଟୋକନ ଲାପ୍ସ। ଟୋକନ୍ ଲଶପ୍ସ ଭୟରେ ଚାଷୀ ମିଲର୍ସ ମାନଙ୍କୁ ସିଧାସଳଖ କମ୍ ରେଟରେ ଧାନ ଦେବା ଆରମ୍ଭ କଲେଣି। ଧାନର ଅଭାବୀ ବିକ୍ରି ଆହୁରି ଉତ୍କଟ ସ୍ଥିତିର ପ୍ରମାଣ ଦେଉଛି। ଅନ୍ୟପଟେ କଟ୍‌ନୀ ଛଟ୍‌ନୀରେ ୮କେଜି ପର୍ଯ୍ୟନ୍ତ ଧାନ କାଟୁଥିବା ବେଳେ ମାତ୍ର ୪୦୦ ଗ୍ରାମର ବସ୍ତାକୁ ୧ କେଜି ଓଜନ ପକାଯାଇ ଚାଷୀଙ୍କୁ ଲୁଟ୍ କରାଯାଉଛି। କଳାହାଣ୍ଡି ଜିଲ୍ଲାରେ ଏବେ ସୁଦ୍ଧା ୫୪ ଲକ୍ଷ କୁଇଣ୍ଟାଲ ଧାନ ଟାର୍ଗେଟ ଥିବାବେଳେ ପ୍ରାୟ ୩୨ ଲକ୍ଷ କୁଇଣ୍ଟାଲ ଧାନ ଏପର୍ଯ୍ୟନ୍ତ ଉଠିପାରିଛି। ଖରିଫରେ ଅନ୍ତତଃ ୭୦ଲକ୍ଷ କୁଇଣ୍ଟାଲ ଧାନ ଉଠିବା କଥା। ଚାଷୀ କୂଳର ସାମୁହିକ ହୀତ ପାଇଁ ସରକାର ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଉପାର୍ଜନ କରିଥିବା ଚାଷୀଙ୍କୁ ଇନପୁଟ୍ ସବସିଡି ପାଇବାରୁ ବଞ୍ଚିତ ନ କରନ୍ତୁ ବୋଲି ଯୁବ ଛାତ୍ର ବିଜେଡି ତରଫରୁ ଦାବି କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ତଥା ଯୁବନେତା ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ନିଳାମ୍ବର ସାହୁ, ଯୁବନେତା ସେନାପତି ନାଏକ, ସାମନ୍ତ ଖମାରୀ, କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ଦିନେଶ ବଗର୍ତ୍ତି, ରାଜୀବ ଲୋଚନ ଶତପଥୀ, ମହେନ୍ଦ୍ର ରାଉତ, ନବୀନ ନାୟକ, ପିତବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଜ୍ଞା ଓ ଯଶୋ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭବାନୀପାଟଣା, ୧୫ ।୧ (ସମିସ):** ନର୍ଲା ଏସ୍କନ କ୍ଲବ୍ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଜ୍ଞା ଓ ଯଶୋ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ସର୍ଗିଗୁଡା ସମିତି ସଦସ୍ୟ ଚିରଞ୍ଜିବି ଗୌଡିଆ, ସମ୍ମାନିତ ଅତିଥି ଭାବରେ ନର୍ଲା ସମିତି ସଦସ୍ୟ ସୁଦାମ ଝାଙ୍କର, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ଶିକ୍ଷାବିତ ତଥା ପେଶିଫିକ ସ୍କୁଲର ଅଧ୍ୟକ୍ଷ, କ୍ଲବର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଜ୍ଞାଙ୍କ ବଡ଼ଭାଇ ପ୍ରଶାନ୍ତ ନାୟକ, ଦୀପୁ ପାତ୍ର, ବରିଷ୍ଠ ନାଗରିକ ମନ୍ମଥ ପୂଝାରୀ, ଉଗ୍ରସେନ ଗୌଡ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିବୃନ୍ଦ ସ୍ୱର୍ଗତ ପ୍ରଜ୍ଞା ଓ ଯଶୋବନ୍ତଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେବାପରେ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାପରେ କଣ୍ଟାବାଞ୍ଜି ଓ ଆୟୋଜକ ନର୍ଲା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଟ୍ରାଇବ୍ରେକର ଯୋଗେ କଣ୍ଟାବାଞ୍ଜି ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲେ। ଏସ୍କନ କ୍ଲବ୍‌ର ପ୍ରତିଷ୍ଠାତା ଉପ ସଭାପତି ତପନ କୁମାର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରୀ ଭାବରେ ନବୀନ କୁମାର ନାଏକ, ସୁରେଶ ନାଏକ, ସନ୍ତୋଷାନନ୍ଦ ନାଏକ, ଶ୍ରବଣ କୁମାର ବାଗ ଓ ମ୍ୟାଚ କମିଶନର ଭାବରେ ନାରାୟଣ ପଧାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଏସ୍କନ କ୍ଲବର ସମ୍ପାଦକ ସୁମନ୍ତ ପୂଜାରୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ଦୀପୁ ପାତ୍ର, ବଣ୍ଟୁ ଚାନ୍ଦ, ପିଣ୍ଟୁ ନାଗ, କିଶୋର ମାଝୀ, ତ୍ରୀଲୋଚନ ଗଉଡ଼, ପ୍ରଦୀପ ସାହାଣୀ, କୁଲୁ ଚାନ୍ଦ, ଲକ୍ଷ୍ମଣ ମାଝୀ, ପୂର୍ଣ୍ଣ ପୂଝାରୀ, ବବଲୁ ନାଗ, ମିଲୁ ସେଠୀ, ସୁଧିର ରାଉତ, ପ୍ରିତି ସା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**ଶତାଧିକ ହିତାଧିକାରୀ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ**

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୋମନା, ୧୫ ।୧(ସମିସ)**



ରାଜ୍ୟ ସରକାର ଗରିବ ଓ ଅସହାୟଙ୍କ ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବିଭିନ୍ନ ପଞ୍ଚାୟତର ଶତାଧିକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀ ଗତ ୩ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଶେଷରେ ଉପାୟଶୂନ୍ୟ ହୋଇ ଗୁରୁବାର ହିତାଧିକାରୀମାନେ ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ଅଭିଯୋଗ ଅନୁସାରେ, ଜଟଗଡ଼ ପଞ୍ଚାୟତର ସାହାଜଟ, ଗଡ଼ଗଡ଼ବାହାଲୀ ସମେତ ଅନ୍ୟାନ୍ୟ ଗ୍ରାମର ପ୍ରାୟ ୧୦୦ରୁ ଅଧିକ ହିତାଧିକାରୀଙ୍କୁ ଗତ ତିନି ମାସ ହେଲା ସେମାନଙ୍କର ପ୍ରାପ୍ୟ ଭତ୍ତା ମିଳିନାହିଁ। ଏମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଅତି ବୃଦ୍ଧ, ଅସହାୟ ବିଧବା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତି। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଏହି ଭତ୍ତା ଟଙ୍କା ହିଁ ସେମାନଙ୍କର ଏକମାତ୍ର ସାହାରା। ମାତ୍ର ଦୀର୍ଘ ଦିନ ଧରି ଭତ୍ତା ବନ୍ଦ ଥିବାରୁ ଏବେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଶତାଧିକ ହିତାଧିକାରୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚିଥିଲେ। ସେଠାରେ ସେମାନେ ନିଜର ଦୁଃଖ ଜଣାଇବା ସହ ତୁରନ୍ତ ବକେୟା ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି। ହିତାଧିକାରୀଙ୍କ ଅଭିଯୋଗ ଶୁଣିବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ଖୁବ୍ ଶୀଘ୍ର ଭତ୍ତା ପ୍ରଦାନ କରାଯିବ ବୋଲି ଆଶ୍ୱାସନା ମିଳିଛି। ତେବେ କେଉଁ କାରଣରୁ ଏହି ବୈଷୟିକ ତ୍ରୁଟି ଘଟିଲା କିମ୍ବା କାହିଁକି ଏତେ ଦିନ ଧରି ଭତ୍ତା ବନ୍ଦ ରହିଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ସରକାରଙ୍କ ଉପରେ ବର୍ଷିଲେ ନରସିଂହ

**ବଲାଙ୍ଗିର, ୧୫ ।୧(ସମିସ):** ଚାଷୀଙ୍କ ଭୋଟରେ ବିଜେପି ସରକାରକୁ ଆସିଛି। ରାଜ୍ୟ ସରକାରଙ୍କ ବୋନସ ଘୋଷଣା ଚାଷୀଙ୍କ ମନରେ କିଛିଟା ଆନନ୍ଦ ଦେଇଥିଲା। ସମୟକ୍ରମେ କିନ୍ତୁ ସରକାର ପ୍ରତିଶ୍ରୁତିରୁ ଓହରି ଯିବାରେ ବୋଧହୁଏ ରେକର୍ଡ କରିବ। ଏ ବର୍ଷ ଧାନର ଏମ୍ଏସ୍ପିରେ କେନ୍ଦ୍ର ସରକାର କିଛି ଟଙ୍କା ବଢ଼ାଇଛନ୍ତି। ରାଜ୍ୟ ସରକାର କିନ୍ତୁ ଚାଷୀଙ୍କୁ ସେହି ବର୍ଦ୍ଧିତ ମୂଲ୍ୟରୁ ବଞ୍ଚିତ କରୁଛନ୍ତି। ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ଉପରେ କୌଣସି ବୋନସ ଦିଆଯିବ ନାହିଁ ବୋଲି ସରକାର କହୁଛନ୍ତି। ତା ଉପରେ ପୁଣି କଟନି ଛଟନିର ମାଡ। ପ୍ରଥମେ କଟନି ଛଟନି ହେବ ନାହିଁ ବୋଲି କହୁଥିବା ସରକାର ଏବେ ନିଜ କଥାରୁ ପୁଣି ଓହରୁଛନ୍ତି। ଏଣୁ ରାଜ୍ୟ ସରକାରର ଚାଷୀଙ୍କ ପ୍ରତି ଏହା ଏକ ବଡ ପ୍ରତାରଣା। ବଲାଙ୍ଗିର ବ୍ଲକ ଖଲିଆପାଲି ପଞ୍ଚାୟତର କିରାବାହାଲରେ ଚାଷୀ ଓ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଆଲୋଚନା ବେଳେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କ୍ଷୋଭର ସହ ଏଭଳି କହିଛନ୍ତି। ଏ ବର୍ଷ ଧାନର ଅଭାବୀ ବିକ୍ରି ପାଇଁ ଖୋଦ ସରକାର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ମିଲର୍ସ ଧାନମଣ୍ଡିରେ ଉପସ୍ଥିତ



ରହି କଟନି ଛଟନି ପାଇଁ ଚାଷୀ ଉପରେ ଚାପ ପକାଇବା ସହ ଧାନ ଉଠାଉନାହିଁ। ଏ ସବୁରେ ସରକାର ଓ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତେଣୁ ବର୍ତ୍ତମାନ ଉନ୍ନତମାନର ଧାନ ଚାଷ କରୁଥିବା ଚାଷୀ ବାଧ୍ୟ ହୋଇ ବହୁତ କମ୍ ଦରରେ ଧାନ ବିକ୍ରିପାରେ। ସେହିଭଳି ସକମା ଧାନମଣ୍ଡିରେ ଅନେକ ଚାଷୀଙ୍କ ଧାନ ଆଜି ପର୍ଯ୍ୟନ୍ତ ପଡ଼ି ରହିଛି ବୋଲି ସେ କହିଛନ୍ତି। ଏହିଭଳି ଭାବେ ସେ ରାଜ୍ୟ ସରକାରଙ୍କ ... ଏହି ଆଲୋଚନା ବେଳେ ସତ୍ୟନାରାୟଣ ମହାକୁର, ଗଣ୍ଡୁଲା ସେଠ, ସୂର୍ଯ୍ୟମଣି ବଗିର୍ତ୍ତି, ପରମାନନ୍ଦ ସେଠ, ଦିନବନ୍ଧୁ ମହାକୁର, ଚମ୍ପେ ମହାକୁର, ରୋହିତ ମହାକୁର, ଦୁର୍ଯ୍ୟୋଧନ ବଗର୍ତ୍ତି, ଅବଧୁତ ବଗର୍ତ୍ତି, ପୁଟୁ ମେର୍ଲି, ଶ୍ରୀବସ୍ତ ସେଠ, ନରସିଂହ ମହାକୁର, କୁଶଧ୍ୱଜ ମାହାରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଣିମୁରା ମାସ୍ ବାୟୋ ଫୁଏଲ୍‌ରେ ଅଗ୍ନିକାଣ୍ଡ

**ତରଭା, ୧୫ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଣିମୁରା ମାସ୍ ବାୟୋ ଫୁଏଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପାନୀର ଡ୍ରାୟର ସେକ୍ସନ ଜଳି ଯାଇଛି। ବୁଧବାର ରାତି ୧୧ଟା ୩୫ରେ ତରଭା ଦମକଳ କେନ୍ଦ୍ରକୁ ଖବର ମିଳିଥିଲା। ଦୀର୍ଘ ୩ ଘଣ୍ଟାରୁ ଅଧିକ ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀ ନିଆଁ ଆୟତ୍ତ କରିଥିଲେ। ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ପ୍ରକୃତ ଘଟଣା କିନ୍ତୁ ଜଣା ପଡ଼ିନାହିଁ। ଏସମ୍ବନ୍ଧରେ ସୁରକ୍ଷା ମୁଖ୍ୟ ବି ଏନ ତ୍ରିପାଠୀଙ୍କୁ ପଚାରିବାରୁ ଏବେ କିଛି କହି ପାରିବେ ନାହିଁ। କାଲି କଥାହେବା ବୋଲି କହି ପ୍ରସଙ୍ଗ ଏଡେଇ ଯାଇଥିଲେ। ଅନ୍ୟପକ୍ଷେ ଏହି ଘଟଣା ସମ୍ପର୍କରେ ତରଭା ଥାନା ଆଇଆଇସି ଅନିତା କିଡୋଙ୍କୁ ପଚାରିବାରୁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନ ଥିବା କହିଛନ୍ତି।

## ବୋଲେରୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଶଗଡ଼ା, ୧୫ ।୧(ସମିସ):** ମନମୁଣ୍ଡା ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ଖଇରମାଲ ଛକ ନିକଟରେ ଦୁର୍ଘଟଣା ଘଟିଛି। ବୌଦ୍ଧ ପଟୁ ଆସୁଥିବା ଏକ ବାଇକ୍‌କୁ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇଛି। ଏହା ଫଳରେ ବାଇକ୍ ଚାଳକ ଚିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ତାଙ୍କ ପରିଚୟ ମିଳି ପାରିନାହିଁ।

## ମାଧବ ମହାପାତ୍ରଙ୍କ ପରଲୋକ



**ତରଭା, ୧୫ ।୧(ସମିସ):** ତରଭା ନିକଟସ୍ଥ ବଇରାସର ଗ୍ରାମର ମାଧବ ମହାପାତ୍ର (୮୭)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ବିଶିଷ୍ଟ ପଣ୍ଡିତ ଥିଲେ। ତରଭା ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ପୁଅ ଚକ୍ରଧର ଓ କଲ୍ୟାଣ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ପାଟଣାଗଡ଼ରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ

**ପାଟଣାଗଡ଼, ୧୫ ।୧(ସମିସ):** ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଗଡ଼ଭିତର ଯାତ୍ରା ପଡ଼ିଆରେ ଉପଖଣ୍ଡସ୍ତରୀୟ ଲୋକାଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେର ତହସିଲଦାର ରୁଦ୍ର ମୋହନ ନାୟକ, ବିଡିଓ ସୁମନ ମିଞ୍ଜ, ବିଇଓ ଶଙ୍କର ମାଝୀ ଏସଡିପିଓ, ସଦାନନ୍ଦ ପୁଜାରୀ, ରମାକାନ୍ତ ହୋତା ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ସାତ କୁଆଁରୀ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉପଖଣ୍ଡ ଅଞ୍ଚଳରୁ ଆସିଥିବା କଳାକାରମାନେ ଲୋକକଳା ପ୍ରଦର୍ଶନ କରିଥିଲେ। ଲକ୍ଷ୍ମୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମ.ରାମପୁର, ୧୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମ.ରାମପୁର ସ୍ଥିତ ବିଦ୍ୟାନ୍ତ କଲେଜରେ ଓଡ଼ିଶା ସରକାରଙ୍କ ଉଦ୍ୟମିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଦୀପକ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିଳ୍ପ ପତି ତଥା ହରିପ୍ରିୟା ରେଫ୍ରାକଟରୀଜ ପ୍ରାଇଭେଟ ଲିମିଟେଡ଼ର ସିଇଓ ବିଭୁ ପ୍ରସାଦ ସାହୁ, ସାମନ୍ତରା ମିନେରାଲସର ସିଇଓ ତଥା ବ୍ୟବସାୟୀ ସଂଘର ସମ୍ପାଦକ ପ୍ରଶାନ୍ତ ସାମନ୍ତରା, ବିଦ୍ୟାନ୍ତ କଲେଜର ଏମଡି ପୁଣ୍ୟ ଶ୍ଳୋକ, ବରିଷ୍ଠ ବ୍ୟବସାୟୀ ପ୍ରଦୀପ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ ଯୋଗଦେଇ ଓଡ଼ିଶା ସରକାରଙ୍କ ତରଫରୁ ଶିଳ୍ପାନୁଷ୍ଠାନଙ୍କୁ ଯୋଗେଇ ଦିଆଯାଉଥିବା ପ୍ରୋତ୍ସାହନ ଏବଂ ଯୁବପିଢ଼ି ନିଜେ କିପରି ସ୍ୱାବଲମ୍ବୀ ହେଇପାରିବା ସହ ସରକାରଙ୍କ ଯୋଜନା ବିଷୟରେ ଜନସାଧାରଣ ଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ମୋନାଲିସା ସାହୁ ସଂଯୋଜନା କରିଥିବା ବେଳେ, ଜିଲ୍ଲା ଶିଳ୍ପକେନ୍ଦ୍ରର ଏଆଇଓ ବିଶ୍ୱଜିତ କୁଁଅର ଧନ୍ୟବାଦ ଅର୍ପଣ କରିଥିଲେ।




## ସଚେତନତା ରଥ ଓ ପଦଯାତ୍ରା ଶୁଭାରମ୍ଭ

**ବୌଦ୍ଧ, ୧୫ ।୧ (ସମିସ):** ସୁରକ୍ଷା ମାସ ଅବସରରେ ବୌଦ୍ଧ ଟାଉନ୍ ହଲରୁ ଏକ ସଚେତନତା ରଥ ଓ ପଦଯାତ୍ରା ଶୁଭାରମ୍ଭ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ସବୁଜ ପତାକା ଦେଖାଇ ସଚେତନତା ରଥ ଓ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତଛାତ୍ରୀ, ଟ୍ରକ୍ ମାଲିକ ସଂଘ, ଘରୋଇ ବସ୍ ମାଲିକ ସଂଘ, ବରିଷ୍ଠ ନାଗରିକ ସଂଘ, ଗଣ ମାଧ୍ୟମ ପ୍ରତିନିଧି ଓ ଜନ ସାଧାରଣ ସାମିଲ ହୋଇଥିଲେ। ପଦଯାତ୍ରା ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମହାନଦୀ ବ୍ରିଜ ଛକ ନିକଟରେ ପହଞ୍ଚି ଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରାସ୍ତାରେ ଯାତାୟତ କରୁଥିବା ଯାନବାହାନ ଚାଳକଙ୍କୁ ସଚେତନ କରା ଯାଇଥିଲା। ବିନା ହେଲମେଟରେ ଯାତାୟତ କରୁଥିବା ବାଇକ ଚାଳକଙ୍କୁ ହେଲମେଟ ବଣ୍ଟନ କରା ଯାଇଥିଲା।

## ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

**ବୌଦ୍ଧ, ୧୫ ।୧(ସମିସ):** ବୌଦ୍ଧ ସହର ମାଉଲସିଙ୍ଗା ହାଇସ୍କୁଲରେ ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କ ପାଇଁ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏହାର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଲିଆର୍ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ହାଇସ୍କୁଲରୁ ମନୋନୀତ ହୋଇଥିବା ତଥା ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଦଶମ ଶ୍ରେଣୀର ୧୦୨ ଜଣ ଏ୦୧ ଗ୍ରେଡ୍ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ୩ ଦିନ ଶିକ୍ଷାଦାନ କରାଯିବ।




## ଦୁର୍ଘଟଣାରେ ଯୁବକ ଗୁରୁତର

**କୁଚିଣ୍ଡା, ୧୫ ।୧(ସମିସ):** ମକର ଯାତ୍ରା ଦେଖିବାକୁ ଆସି ବାମରା ସ୍ଥିତ ଡୁମେରମୁଣ୍ଡା ରେଳ ଫାଟକ ନିକଟରେ, ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଲଇକେରା ଥାନା ବୁଢ଼ାପଡ଼ାଗ୍ରାମର ବିଶ୍ୱଜିତ ପରୁଆ ବୁଧବାର ଦିନ ବାଇକ୍ ଯୋଗେ ବାମରାକୁ ମକର ଯାତ୍ରା ଦେଖିବା ପାଇଁ ଆସିଥିବା। ବେଳେ ସେ ଡୁମେରମୁଣ୍ଡା ରେଳ ଫାଟକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କ ଛାତିରେ ଆଘାତ ଲାଗି ସେ ଆହତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାତି ପ୍ରାୟ ୧୦ ଟାରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲକୁ ରେଫର କରାଯାଇଛି।

## 'ଦ୍ୱିତୀୟ ବୁଦ୍ଧ ପଦ୍ମସମ୍ଭବଙ୍କ ତଥ୍ୟକୁ ଉଜାଗର କରିପାରିବ ଗଣମାଧ୍ୟମ'

**ସମ୍ବଲପୁର, ୧୫।୧ (ସମିସ) :** ସମ୍ବଲପୁରର ବିକାଶ ପାଇଁ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଛନ୍ତି ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ବିଜେପି ନେତା ଡଃ ପ୍ରମୋଦ ରଥ। ଏହାସହ ସମ୍ବଲପୁର ମାଟିର ଗୌରବପୂର୍ଣ୍ଣ ଇତିହାସକୁ ଉଜାଗର କରିପାରିବ ଗଣମାଧ୍ୟମ। ସେ କହିଛନ୍ତି, ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ରାଜନୈତିକ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହଜାରେରୁ ପନ୍ଦର ଶହ ଆସନ ବିଶିଷ୍ଟ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। ଧୋବିଜୋର ନାଳା ଉପରେ କଂକ୍ରିଟ କରି ଉଠାଦୋକାନୀଙ୍କୁ ଥଇଥାନ କରାଯାଇପାରିବ। ଏଥିରେ ପରିବା ବଜାର, ଆମିଷ ବଜାର, ଅନ୍ୟାନ୍ୟ ସାମଗ୍ରୀ ବଜାରକୁ ଅଲଗା ଅଲଗା କରିବାସହ ପାର୍କିଙ୍ଗ ବ୍ୟବସ୍ଥା କରାଯିବା ଉଚିତ। ଡଃ ରଥ ଆହୁରି ମଧ୍ୟ କହିଛନ୍ତି ଯେ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଭାରତୀ ସମାଜ ତରଫରୁ ୨୦୨୪ରେ ଅନୁଷ୍ଠିତ ସମାବେଶରେ ଉପସ୍ଥାପିତ ତର୍କ ଅନୁଯାୟୀ, ସମଗ୍ର ବିଶ୍ୱରେ ଦ୍ୱିତୀୟ ବୁଦ୍ଧ ଭାବରେ ସ୍ୱୀକୃତି ପାଇଥିବା ଅଷ୍ଟମ ଶତାବ୍ଦୀର ବିଶିଷ୍ଟ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଓଡ଼ିଶାର ସମ୍ବଲପୁର। ଏନେଇ ଓଡ଼ିଶାର ବିଶିଷ୍ଟ ବୌଦ୍ଧ ଗବେଷକ ପ୍ରଫେସର ଏନକେ ସାହୁ, ପ୍ରହ୍ଲାଦ ପ୍ରଧାନ, ପ୍ରଫେସର ବିମଳେନ୍ଦୁ ମହାନ୍ତି, ପ୍ରବୀର କୁମାର ପଟ୍ଟନାୟକ ଦୃଢ଼ ତଥ୍ୟ ଓ ପ୍ରମାଣ ଦର୍ଶାଇଛନ୍ତି। ବିଭିନ୍ନ ଅଭିଲେଖ, ତଥ୍ୟ ଓ ବଳିଷ୍ଠ ପ୍ରମାଣ ସହ ସେ ପ୍ରତିପାଦିତ ହୋଇଛି ଯେ, ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ 'ଉଡ୍ଡୀୟାନ' (ପ୍ରାଚୀନ ଓଡ଼ିଶାର ସମ୍ବଲପୁର) ବ୍ୟତୀତ ଆଉ କିଛି ନୁହେଁ। ଗୁରୁ ପଦ୍ମସମ୍ଭବଙ୍କ ପବିତ୍ର ଦେହାବଶେଷ ଓଡ଼ିଶାର ଉଦୟଗିରିରେ ଥିବା ମାଧବପୁର ମହାବିହାରରେ ଏବେ ମଧ୍ୟ ସଂରକ୍ଷିତ ରହିଛି। ଭାରତରେ ୮୪ ଜଣ ସିଦ୍ଧଙ୍କ ମଧ୍ୟରୁ ଅନ୍ୟତମ ରାଜା ଇନ୍ଦ୍ରଭୂତିଙ୍କ ପାଳିତ ପୁତ୍ର ହେଉଛନ୍ତି ଗୁରୁ ପଦ୍ମସମ୍ଭବ। ଇନ୍ଦ୍ରଭୂତିଙ୍କ ସାନଭଉଣୀ ଲକ୍ଷ୍ମୀଙ୍କରା ସହଜ ଯାନ ବା ତନ୍ତ୍ରଯାନର ମହାନ ସାଧିକା। ତେଣୁ ଗଣମାଧ୍ୟମ ଏହି ତଥ୍ୟକୁ ଉଜାଗର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ବୋଲି ଡଃ ରଥ ମତ ଦେଇଛନ୍ତି।

**ନୂଆପଡ଼ା ଖେଳାଳିଙ୍କ ଲନବଲ କ୍ଷେତ୍ରରେ ପ୍ରବେଶ**

# ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଗସ୍ତ




**ନୂଆପଡ଼ା, ୧୫ ।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ ଆଜି ଅପରାହ୍ନ ନୂଆପଡ଼ା ଜିଲ୍ଲାର ନୂତନ ଲନ ବଲ ଦଳ ବଲାଙ୍ଗିର ଅଭିମୁଖେ ଯାତ୍ରା କରିଛି। ନୂଆପଡ଼ା ଜିଲ୍ଲାରୁ ପ୍ରଥମ ଥର ପାଇଁ ଆଜି ଏକ ନୂଆ ଖେଳ ଲନବଲରେ ଖେଳାଳିମାନେ ବଲାଙ୍ଗିରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ନିଜ ତଥା ଜିଲ୍ଲାର ସୁନାମ ବୃଦ୍ଧି ନିମନ୍ତେ ଆଗଭର ହୋଇଛନ୍ତି ଓ ପିଏମଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟର ୯ ଜଣ ବାଳକ ଖେଳାଳି ଲନବଲ୍‌ର ବିଭିନ୍ନ ବିଭାଗରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଜିଲ୍ଲାପାଳଙ୍କ ପ୍ରୋତ୍ସାହନ ଓ ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇଙ୍କ ଉଦ୍ୟମ କ୍ରମେ ବିଗତ ଦିନରେ ଜିଲ୍ଲା ଧନୁ ତୀର ଚାଳନା ଖେଳରେ ୧୪ ଜଣ ବାଳକ ଓ ବାଳିକା ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ। ଆସନ୍ତା କାଲି ବଲାଙ୍ଗୀରରେ ଥିବା ଆର ଏନ ସିଂହଦେଓ କ୍ରୀଡା ପ୍ରାଙ୍ଗଣରେ ଓଡ଼ିଶା ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ନିର୍ମିତ ନୂତନ ଲନବଲ୍ ଆରିନାରେ ଜିଲ୍ଲାର କ୍ରୀଡାବିତ ମାନେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବେ। ରାଜ୍ୟ ସ୍ତରକୁ ଭାଗନେବା ପାଇଁ ଯାତ୍ରା କରିଥିବା ଖେଳାଳି ନରେନ୍ଦ୍ର ମାଝି, ଟିକେଶ୍ୱର ମାଝୀ, ଶଇଲେନ୍ଦ୍ର ମାଝୀ, ପଙ୍କଜ କୁମାର ମାଝୀ, କେମନ୍ତ ମାଝୀ, ମାଧବ ମାଝୀ, ଖଲେଶ୍ୱର ସବର, ଗିରିଧାରୀ ମାଝୀ, ବିକାଶ ମାଝୀ, ପ୍ରଦୀପ ମାଝୀ ପ୍ରଶିକ୍ଷକ ତଥା ମେନେଜର ଦେବବ୍ରତ ସାହୁଙ୍କ ସହିତ ଗସ୍ତ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଖେଳାଳିଙ୍କୁ ଶୁଭେଚ୍ଛା ସହିତ ଉଚ୍ଚ କୋଟିର ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବସ ଯୋଗେ ବଲାଙ୍ଗିରକୁ ବିଦାୟ ଦେଇଥିଲେ। ଶ୍ରୀ ବଡ଼ାଇ ପ୍ରକାଶ କରିଛନ୍ତି ଯେ, ନୂଆପଡ଼ା ଜିଲ୍ଲା କ୍ରୀଡା ପ୍ରତିଭାରେ ଭରପୁର। ଆମେ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଉଚିତ ଦିଗଦର୍ଶନ ଦେଲେ ଜିଲ୍ଲାର ଖେଳାଳିମାନେ କ୍ରୀଡା ମାନଚିତ୍ରରେ ଜିଲ୍ଲାକୁ ଉଜ୍ଜ୍ୱଳମୟ କରି ପାରିବେ। ଜିଲ୍ଲା କ୍ରୀଡା ଅଧିକାରୀଙ୍କ ନୂଆଁ ନୂଆଁ କ୍ରୀଡାବିତ ପ୍ରସ୍ତୁତ କରିବା ଓ ନୂତନ କ୍ରୀଡା ରେ ଦଳଙ୍କୁ ସାମିଲ କରିବା ଉଦ୍ୟମକୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

## ନାଁ ଲେଖାଇଲେ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ

**ତରଭା, ୧୫ ।୧ (ସମିସ):** ଆଧାରୁ ପାଠ ଛାଡି ଥିବା ଛାତ୍ରଛାତ୍ରୀଙ୍କ ପାଇଁ ତରଭାସ୍ଥିତ ପିଏମ୍‌ଶ୍ରୀ ବାଳକ ହାଇସ୍କୁଲରେ ଏକ ନାମଲେଖା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (ଏସଆଇଓଏସ) ସହ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ, ସୋନପୁର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (ଏନଆଇଓଏସ) ଜିଲ୍ଲା ସଂଯୋଜକ ବିଶ୍ୱନାଥ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ସ୍ଥାନୀୟ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ଯୋଗ ଦେଇଥିଲେ। ଏନଆଇଓଏସରେ ୯୪ ଜଣ ଓ ଏସଆଇଓଏସରେ ୩୨ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଶିକ୍ଷକ ସୁରଜ ସେଠୀ ଓ ଶତ୍ରୁଘନ ନାଏକ ପ୍ରମୁଖ ସହଯୋଗ କରିଥିଲେ।




## ଧରମ ସିଂ ମାଝୀ ମାନ୍ଧାତା କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ବଲାଙ୍ଗିର, ୧୫ ।୧(ସମିସ):** ପୁଇନ୍ତଲା ବ୍ଲକ ଆଠଗାଁ ପଡ଼ିଆରେ ଚାଲିଥିବା ଧରମ ସିଂ ମାନ୍ଧାତା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସର ପ୍ରଥମ ମ୍ୟାଚ ଆଠଗାଁ ନ୍ୟୁ ଷ୍ଟାର ଓ କୁଟେନପାଲି ମଧ୍ୟରେ ହୋଇଥିଲା। ଏଥିରେ ଆଠ ଗାଁ ନ୍ୟୁ ଷ୍ଟାର ୭୫ ରନରେ ବିଜୟୀ ହୋଇଥିବା ବେଳେ ଶ୍ରୀତମ ମିସ୍ତ୍ରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଥିଲା। ଦ୍ୱିତୀୟ ମ୍ୟାଚ୍ ଦଶପୁର ଓ ବନ୍ଧପାଲି ମଧ୍ୟରେ ହୋଇଥଲା। ବନ୍ଧପାଲି ୩୬ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଓଁକାର ବାଗ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ସେହିପରି ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଆଠଗାଁ ନ୍ୟୁ ଷ୍ଟାର ଓ ବନ୍ଧପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଠ ଗାଁ ନ୍ୟୁ ଷ୍ଟାର ଦଳ ୭ ୱିକେଟରେ ବିଜୟୀ ହୋଇଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଅତିଥି ଭାବେ ଜନ ଆନ୍ଦୋଳନ ସମୂହ ରାଜ୍ୟ ଆବାହକ ସତ୍ୟ ବନଛୋର, ଦୈନିକ 'ସକାଳ' ଜିଲ୍ଲା ପ୍ରତିନିଧି ଅଭିଳାଷ ହୋତା ଅତିଥି ଭାବେ ଯୋଗ ଦେଇଥଲେ। ସହିଦ ଧର୍ମ ସିଂହ ମାଝୀ ମାନଧାତା ସ୍ମୃତି ସୁରକ୍ଷା କମିଟି ଅଧ୍ୟକ୍ଷ କାଳିନ୍ଦ୍ରି ମାଝୀ, ସୁଧାଂଶୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ନିଖିଳ ପୁଟେଲ ଓ ପପୁନ ଦଳେଇ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

**ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ସେମିଫାଇନାଲରେ ପଦ୍ମପୁର

**କୋମନା, ୧୫ ।୧(ସମିସ)**



ସ୍ଥାନୀୟ ଜିତାମିତ୍ରା ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରତିଷ୍ଠିତ ବ୍ୟାସଦେବ ମେମୋରିଆଲ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକର ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପଦ୍ମପୁର ଦଳ ଶକ୍ତିଶାଳୀ ମଧ୍ୟପ୍ରଦେଶ ଦଳକୁ ପରାସ୍ତ କରି ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଛି। ପ୍ରାରମ୍ଭରୁ ହିଁ ଖେଳ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପଦ୍ମପୁର ଏବଂ ମଧ୍ୟପ୍ରଦେଶର ଆକ୍ୱା ମାଇନ୍ସ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଉଭୟ ଦଳ ପରସ୍ପରକୁ ଗୋଲ୍ ଦେବାରେ ସଫଳ ହୋଇନଥିଲେ। ଯାହାଫଳରେ ମ୍ୟାଚ୍ ପେନାଲଟି ସୁଟ୍ ଆଉଟ୍ ପର୍ଯ୍ୟାୟକୁ ଯାଇଥିଲା। ପେନାଲଟି ସୁଟ୍ ଆଉଟ୍‌ରେ ପଦ୍ମପୁର ଦଳର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ପଦ୍ମପୁର ଦଳ ୪-୧ ଗୋଲ୍ ବ୍ୟବଧାନରେ ଆକ୍ୱା ମାଇନ୍ସ (ମଧ୍ୟପ୍ରଦେଶ)କୁ ପରାସ୍ତ କରି ବିଜୟ ହାସଲ କରିଛି। ପଦ୍ମପୁର ଦଳର ସଠିକ୍ ରଣନୀତି ଏବଂ ଗୋଲକିପରଙ୍କ ଦକ୍ଷତା ଯୋଗୁଁ ଦଳ ସେମିଫାଇନାଲରେ ପ୍ରବେଶ କରିବାରେ ସକ୍ଷମ ହୋଇଛି। କ୍ୱାଟର ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝୀ, ସମ୍ମାନିତ ଅତିଥି ଭାବେ ଜାନ ସଭାପତି ଘନଶ୍ୟାମ ଭୋଇ, କୋମନାର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ଜ୍ୟୋତି ରଞ୍ଜନ ପଣ୍ଡା, ବିଜେଡି ନେତା ହେମନ୍ତ କର, ସାମ୍ବାଦିକ କୁନୁ କରୁଆଁ, ଝଗ୍ରାହି ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଲକ୍ଷ୍ମୀକାନ୍ତ ବୁଡେକ, କୋମନା ଫୁଟବଲ ଆସୋସିଏସନ୍ ସଭାପତି ପ୍ରମୋଦ କୁମାର ପାଢ଼ୀ, ସମ୍ପାଦକ ଗୁପ୍ତେଶ୍ୱର କୁମ୍ଭାର, କୋଷାଧ୍ୟକ୍ଷ ଭୁବନେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ବିଜୟ କୁମାର ବଡକ, ଯାଦବ ପ୍ରଧାନ, ପରେଶ ଚନ୍ଦ୍ର ପାଣିଗ୍ରାହୀ, ମଙ୍ଗଳା ପ୍ରସାଦ ବର୍ଗେ, ରାଧେଶ୍ୟାମ କରୁଆଁ, ବଳରାମ ସରାଫ, ବାଳମତ ଘିଭେଲା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ସେହିଭଳି ତୋଫାନ ନିଆଲ ଓ ଶଙ୍କର ଯୋଗୀ ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ସେମିଫାଇନାଲ ମ୍ୟାଚ୍ ଆହୁରି ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସଫଳତା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୬୮୧- ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧- ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୩୮- ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୨୦୦୩- ଦ୍ୱିତୀୟ ଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

# ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି





ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ 'ପୁଷ୍ପା' ସିରିଜ୍‌ର ସଫଳତା ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇ ଯାଇଛନ୍ତି। ଏବେ ସେ ଏଟ୍ଲିଙ୍କ ଫିଲ୍ମ 'AA22xA6'କୁ ନେଇ ବ୍ୟସ୍ତ ଅଛନ୍ତି। ସାଇନ୍ସ ଫିକ୍ସନ୍ ଉପରେ ଆଧାରିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍ ଦେଖାଯିବେ। ଇତିମଧ୍ୟରେ ଅଲ୍ଲୁଙ୍କ ହାତକୁ ଆହୁରି ଦୁଇଟି ବଡ଼ ପ୍ରୋଜେକ୍ଟ ଆସିଛି। ଲୋକେଶ କନଗରାଜଙ୍କ ଏକ ଫିଲ୍ମ ପାଇଁ ତାଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହାବାଦ୍ ତ୍ରିବିକ୍ରମ ମଧ୍ୟ ତାଙ୍କୁ ଏକ ଫିଲ୍ମ ପାଇଁ ଅଫର୍ ଦେଇଛନ୍ତି। ତେବେ ଅଲ୍ଲୁ ଏଟ୍ଲିଙ୍କ ସହ ଯେଉଁ ଫିଲ୍ମ କରୁଛନ୍ତି ତାହାର ବଜେଟ୍ ୮୦୦ କୋଟିରୁ ଉର୍ଦ୍ଧ୍ୱ ରହିଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୭ ଆରମ୍ଭରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ଏକାଧିକ କଳାକାର ନଜର ଆସିବେ। ଦୀପିକାଙ୍କ ବାଦ୍ ଏଥିରେ ରଶ୍ମିକା ମନ୍ଦାନା, ମୃଣାଳ ଠାକୁରଙ୍କୁ ବି ନେବା ପାଇଁ ଯୋଜନା କରାଯାଉଛି। ଏବେ ଏହି ଫିଲ୍ମରେ କାଜଲଙ୍କୁ ଏଣ୍ଟ୍ରି କରାଇବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରିଛନ୍ତି। କାଜଲ ଏଥିରେ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ଅବଶ୍ୟ ଏବେ ବି 'AA22xA6' ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି।

# କିମ୍‌ଙ୍କ ରହସ୍ୟମୟ ଜୀବନ



ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ଅନେକ କଥା କୌଣସି ରହସ୍ୟଠାରୁ କମ୍ ନୁହେଁ। ତାଙ୍କ ବିଷୟରେ ସବୁଠାରୁ ଚର୍ଚ୍ଚିତ ଗୁପ୍ତ କଥା ରହିଛି ତାଙ୍କର ସ୍ୱିସ୍ ଶିକ୍ଷା। କିଶୋରାବସ୍ଥାରେ ସେ ସ୍ୱିଜରଲ୍ୟାଣ୍ଡରେ ରହି ବର୍ନର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପାଠ ପଢ଼ୁଥିଲେ ବୋଲି କୁହାଯାଏ। ଏଠାରେ ସେ ଛଦ୍ମ ନାଁରେ ପାଠ ପଢ଼ୁଥିଲେ। ସହପାଠୀମାନେ ତାଙ୍କୁ ପାକ୍ ଉନ୍ ନାଁରେ ଜାଣିଥିଲେ। ସେ ପାଠପଢ଼ାରେ ସେତେ ବେଶି ଉନ୍ନତ ନ ଥିଲେ, କିନ୍ତୁ ସଙ୍ଗୀତ ଏବଂ ବାସ୍କେଟବଲ୍ ପ୍ରତି ତାଙ୍କର ଆଗ୍ରହ ଅଧିକ ଥିଲା। ପାଠପଢ଼ାରେ ତାଙ୍କୁ ଭଲ ଗ୍ରେଡ୍ ନ ମିଳିବାରୁ ସେ ଅଚାନକ ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଯାଇଥିଲେ। ସେଠାରେ ସେ ଅନ୍ୟ ସାଧାରଣ ଛାତ୍ରଙ୍କ ଭଳି ଜୀବନ ଅତିବାହିତ କଲେ। ସେହିପରି ଅନେକ ରିପୋର୍ଟରେ ଏକଥା ବି ଦାବି କରାଯାଇଛି ଯେ, ପ୍ରକୃତ ପରିଚୟକୁ ଲୁଚାଇବା ଲାଗି ସେ ଛଦ୍ମ ନାମ ବ୍ୟବହାର କରୁଥିଲେ। ଅନ୍ୟପଟେ ୨୦୧୧ ମସିହାରେ ତାଙ୍କ ପିତା କିମ୍ ଜଙ୍ଗ୍ ଇଲ୍‌ଙ୍କ ମୃତ୍ୟୁ ପରେ, ସେ କୌଣସି ଆନୁଷ୍ଠାନିକ ସାମରିକ ତାଲିମ ବିନା ସର୍ବୋଚ୍ଚ କ୍ଷମତା ଗ୍ରହଣ କରିଥିଲେ। ସେ ଉତ୍ତର କୋରିଆର ତୃତୀୟ ଶାସକ ଭାବେ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ଜେଜେ ବାପା ଦ୍ୱିତୀୟ କିମ୍ ସୁଙ୍ଗ୍ ଉତ୍ତର କୋରିଆର ପ୍ରଥମ ଏକଛତ୍ରବାଦୀ ଶାସକ ଥିଲେ। ଏହାପରେ କିମ୍‌ଙ୍କ ବାପା ଉତ୍ତର କୋରିଆର ଶାସକ ହୋଇଥିଲେ। ତାଙ୍କର ମୃତ୍ୟୁପରେ କିମ୍ ଜୋଙ୍ଗ ଉନ୍ ଶାସନ ଭାର ସମ୍ଭାଳୁଛନ୍ତି। ଏକଥା ବି ଦାବି କରାଯାଏ ଯେ, କିମ୍ ତାଙ୍କ ଜେଜେବାପା ଦ୍ୱିତୀୟ କିମ୍ ସୁଙ୍ଗଙ୍କ ଭଳି ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜେଜେବାପାଙ୍କ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେ ଏପରି କରିଥିବା କୁହାଯାଏ। କିମ୍ ଜୋଙ୍ଗ ଉନ୍ କେଉଁ ମସିହାରେ ଜନ୍ମଗ୍ରହଣ କରିଛନ୍ତି ତାକୁ ନେଇ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ବି ସଠିକ୍ ଉତ୍ତର ଦେଇପାରିନାହାନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ସେ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିବା ଦାବି କରାଯାଉଥିବାବେଳେ ଆଉ କେତେକରେ ସେ ୧୯୮୪ରେ କରିଛନ୍ତି ବୋଲି କୁହାଯାଏ। ଏଭଳି ପରିସ୍ଥିତିରେ ତାଙ୍କର ବୟସ ନିର୍ଣ୍ଣୟ କରିବା କଷ୍ଟକର ହୋଇଯାଏ। ଆଜି ମଧ୍ୟ ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟଘେରରେ ରହିଛି।

# ପରିବାକୁ ପାଣିରେ ନା ବାମ୍ଫରେ ସିଝାଇବା ଭଲ

ସୁସ୍ଥ ରହିବା ଲାଗି ସିଝା ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଏ। ସେହିପରି ପନିପରିବାରେ ଭିଟାମିନ୍, ମିନେରାଲ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀର ପାଇଁ ଖୁବ୍ ଉପଯୋଗୀ। ତେବେ ପନିପରିବାକୁ ବାମ୍ଫରେ ନା ଗରମପାଣିରେ ସିଝାଇବା ଉଚିତ ସେନେଇ ଅନେକ ଦ୍ୱନ୍ଦ୍ୱରେ ରୁହନ୍ତି। ତେବେ ବାମ୍ଫରେ ସିଝାଯାଉଥିବା ପନିପରିବାଗୁଡ଼ିକରେ ଏହାକୁ ପାଣିରେ ବୁଡ଼ାଯାଏ ନାହିଁ। ଫଳରେ ଏଥିରେ ଭିଟାମିନ୍ ସି, ଫୋଲେଟ ଏବଂ ଭିଟାମିନ ବି କମ୍ପ୍ଲେକ୍ସ ଭଳି ପୋଷକ ତତ୍ତ୍ୱ ସୁରକ୍ଷିତ ରହେ। ସେହିଭଳି ପାଳଙ୍ଗ, ଗାଜର, ବ୍ରୋକଲି ଭଳି ପରିବାକୁ ବାମ୍ଫରେ ସିଝାଇବା ଦ୍ୱାରା ଏହାର ରଙ୍ଗ ଏବଂ ସ୍ୱାଦରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏଣୁ ଏହାକୁ ଖାଇବା ସହଜ ହୋଇଥାଏ। ଏହାବାଦ୍ ବାମ୍ଫରେ ସିଝାଯାଉଥିବା ପରିବାଗୁଡ଼ିକ ଶୀଘ୍ର ହଜମ ହୋଇ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ସେହିପରି ପରିବାକୁ ପାଣିରେ ସିଝାଇବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱଗୁଡ଼ିକ ପାଣିରେ ମିଶିଯାଏ। ଅନେକ ଲୋକ ପରିବାକୁ ସିଝାଇବା ପରେ ତା'ର ପାଣିକୁ ଫିଙ୍ଗି ଦିଅନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକତତ୍ତ୍ୱ ପାଣି ଦ୍ୱାରା ବାହାରକୁ ଚାଲିଯାଏ। ଅନେକ ସମୟରେ ଲୋକେ ନ ଘୋଡ଼ାଇ ବି ପରିବା ସିଝାନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକ ତତ୍ତ୍ୱ ବାମ୍ଫ ମାଧ୍ୟମରେ ଉଡ଼ିଯାଏ। ତେବେ ଷ୍ଟିମର ନ ଥିଲେ, କୌଣସି ଛଣାରେ ବି ପରିବାରକୁ ବାମ୍ଫ ଦେଇ ସିଝାଯାଇ ପାରିବ। ଅନ୍ୟପଟେ ପରିବାକୁ ବେଶି ସମୟ ରାନ୍ଧିବା ମଧ୍ୟ ଅନୁଚିତ। ପାଣିରେ ପରିବାକୁ ସିଝାଉଥିଲେ ଏହି ପାଣିକୁ ନ ଫୋପାଡ଼ି ଏହାକୁ ସୁପ୍, ଡାଲି ଏବଂ ଗ୍ରେଭିରେ ବ୍ୟବହାର କରାଯାଇ ହେବ। ଧିମା ଆଞ୍ଚରେ ପରିବା ରାନ୍ଧିବା ଦ୍ୱାରା ପୋଷକତତ୍ତ୍ୱ ସୁରକ୍ଷିତ ରହେ।






# କର୍କଟ ନିୟନ୍ତ୍ରଣରେ ଆଧୁନିକ ଚିକିତ୍ସା

କର୍କଟ ସହ ଲଢ଼ିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଛି। ଏହିକ୍ରମରେ ଏବେ କୋରିଆ ଆଡଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (କେଏଆଇଏସ୍‌ଟି)ର ଗବେଷକମାନେ ଏକ ନୂତନ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି। ଏହି ନୂତନ ଚିକିତ୍ସା ପଦ୍ଧତି ଦ୍ୱାରା ଲିକ୍ୟୁଡ୍ କ୍ୟାନ୍‌ସର ଯଥା ରକ୍ତ କର୍କଟ ଏବଂ ଲିମ୍ଫୋମାରେ ବିଶେଷ ଫଳ ମିଳୁଛି। ଏଥିରେ ଟ୍ୟୁମରକୁ ସିଧାସଳଖ ଏକ ଔଷଧ (ଲିପିଡ କ୍ଷୁଦ୍ରତମ କଣିକା) ଦିଆଯାଏ। ଏହାଦ୍ୱାରା ଟ୍ୟୁମର ପାର୍ଶ୍ୱରେ ଥିବା ମାକ୍ରୋଫେଜ୍ ଗ୍ରହଣ କରି ନିଜର ରୋଗ ପ୍ରତିରୋଧକ ଶକ୍ତି ଦ୍ୱାରା ଟ୍ୟୁମର କୋଷକୁ ନିୟନ୍ତ୍ରଣ ରଖିଥାଏ। ମାକ୍ରୋଫେଜ୍‌ରେ ହେଉଥିବା ପରିବର୍ତ୍ତନକୁ କାର୍-ମାକ୍ରୋଫେଜ୍ କୁହାଯାଏ। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କର୍କଟର କୋଷକୁ ନିୟନ୍ତ୍ରଣ କରି କର୍କଟକୁ ବଢ଼ିବାକୁ ଦେଇ ନ ଥାଏ। ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିଠାରୁ ଅଧିକ ପ୍ରଭାବୀ। ଏଥିରେ ନିଜସ୍ୱ ରୋଗପ୍ରତିରୋଧକ ଶକ୍ତି ଦ୍ୱାରା କର୍କଟ ନିୟନ୍ତ୍ରଣ ହେଉଥିବାରୁ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଅନ୍ୟପଟେ ସଲିଡ୍ ଟ୍ୟୁମର ଯଥା ଗ୍ୟାଷ୍ଟ୍ରିକ, ଫୁସ୍‌ଫୁସ୍ ଏବଂ ଯକୃତ କର୍କଟରେ ଏହି ଚିକିତ୍ସା ଅପେକ୍ଷାକୃତ କମ୍ ଗ୍ରହଣୀୟ। କାରଣ ଏହି ସବୁ କୋଷର ବାହ୍ୟ ଆବରଣ ଅପେକ୍ଷାକୃତ କଠିନ। ମାକ୍ରୋଫେଜ୍ ଏହି କଠିନ ଆବରଣକୁ ଭେଦ କରି କ୍ୟାନ୍‌ସର କୋଷକୁ ନଷ୍ଟ କରିବା ଚ୍ୟାଲେଞ୍ଜ ହୋଇଥାଏ। ତେବେ ଆଗାମୀ ଦିନରେ ଏହି ଚିକିତ୍ସା ପଦ୍ଧତି କିପରି ଅଧିକ ଫଳପ୍ରଦ ହେବ ତାହା ଉପରେ ଗବେଷକମାନେ ବିଶେଷ ଧ୍ୟାନ ଦେଉଛନ୍ତି।



# ଶୀତକାଳୀନ ବିଷର୍ଣ୍ଣତା

**ଶୀତରତୁରେ ଦିନ ଛୋଟ ହୋଇଥାଏ। ସୂର୍ଯ୍ୟାଲୋକର ଅବଧି ହ୍ରାସପାଉଥିବାରୁ ମସ୍ତିଷ୍କରେ କେତେକ ସ୍ୱତନ୍ତ୍ର ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ସମୟରେ ମାନସିକ ଅବସାଦ ପ୍ରକାଶ ପାଇଥାଏ। ଏହି ଶୀତକାଳୀନ ବିଷର୍ଣ୍ଣତାକୁ କୁହାଯାଏ 'ଉଇଣ୍ଟର ବ୍ଲୁ'। ଡାକ୍ତରୀ ଭାଷାରେ ଏହା 'ସିଜ୍‌ନାଲ ଆଫେକ୍ଟିଭ ଡିସ୍‌ଅର୍ଡର'। ପୁରୁଷଙ୍କ ତୁଳନାରେ ମହିଳା ବେଶୀ ଆକ୍ରାନ୍ତ ହୋଇଥାନ୍ତି। ବସନ୍ତରତୁର ଶେଷ କିମ୍ବା ଗ୍ରୀଷ୍ମରତୁର ଆରମ୍ଭରେ ଏହି ଅସୁସ୍ଥତା ଆପେ ଆପେ ଅପସରିଯାଏ।**

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶୀତ ରତୁରେ ମାନସିକ ଅବସାଦଗ୍ରସ୍ତ ଅଧିକ ବିଷର୍ଣ୍ଣ ହୋଇ ଆତ୍ମହତ୍ୟାପ୍ରବଣ ହୋଇ ପଡ଼ନ୍ତି। ଭାରତର ସର୍ବତ୍ର ଏହି ରୋଗୀଙ୍କୁ ଦେଖିବା ପାଇଁ ମିଳିଥାଏ। ଶୀତଦିନେ ଲୋକେ କିଣାକିଣିରେ ବେଶୀ କ୍ରେଡିଟ୍‌କାର୍ଡ ବ୍ୟବହାର କରିଥାନ୍ତି, ଅଧିକ ମଦ୍ୟପାନ କରିଥାନ୍ତି, ଚକୋଲେଟ ଖାଇଥାନ୍ତି। ଆତ୍ମହତ୍ୟା ସହ ଶିଶୁ ନିର୍ଯ୍ୟାତନାର ହାର ବଢ଼ିଯାଏ। ଏହି ଲକ୍ଷଣମାନ ମାନସିକ ଅବସାଦକୁ ସୂଚାଇଥାଏ।

### ଶୀତକାଳୀନ ବିଷର୍ଣ୍ଣତାର ଲକ୍ଷଣ

କ୍ଳାନ୍ତି, ଶାରୀରିକ ସାମର୍ଥ୍ୟରେ ହାନି, କ୍ରୋଧୀ ସ୍ୱଭାବ, ସାମାନ୍ୟ ଯନ୍ତ୍ରଣାରେ ବେଶୀ ଯନ୍ତ୍ରଣାର ଅନୁଭବ, କ୍ଷୁଧାବୃଦ୍ଧି, ମିଠା ପ୍ରତି ଆସକ୍ତି, ଓଜନ ବୃଦ୍ଧି, ସାଧାରଣ ଭାବେ କମ୍ ନିଦ, କିନ୍ତୁ ନିଦ୍ରାର ଅବଧିବୃଦ୍ଧି, ହାତ, ପାଦ ଓଜନିଆ, କାମପ୍ରତି ଅନାଗ୍ରହ, କୋଷ୍ଠକାଠିନ୍ୟ, ଚିଡ଼ିଚିଡ଼ା, ସ୍ମୃତିଶୀଳତା ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଏ।



### ପ୍ରତିକାର ବ୍ୟବସ୍ଥା

ପ୍ରତ୍ୟହ ୪୫ରୁ ୯୦ ମିନିଟ୍ ଧରି ଖରାରେ ବିତେଇବା, ଶାରୀରିକ ପରିଶ୍ରମ କରିବା, ବେଶୀ ପରିମାଣର ତଟକା ପରିବା ଓ ଫଳ ଖାଇବା ଜରୁରି। ହୃଦୟଖୋଲି ସମସ୍ତଙ୍କ ସହ ମିଶିବା, ଗୀତ ଗାଇବା ଓ ଶୁଣିବା, ଖେଳିବା, ଦୈନିକ ଠିକ୍ ସମୟେ ଖାଦ୍ୟ ଗ୍ରହଣ କଲେ ଏହା ଜୈବଘଡ଼ିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ଦ୍ୱାରା ମାନସିକ ବିଷାଦରୁ ମୁକ୍ତି ମିଳିପାରେ।

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ

# ହୃଦ୍‌ଘାତ ପାଇଁ ସ୍ମାର୍ଟ ମେସିନ୍



ହୃଦ୍‌ଘାତ ପରେ ରୋଗୀଙ୍କ ଯତ୍ନ ନେବାକୁ ଜାପାନ, ଆମେରିକା ଏବଂ ଭାଲେନ୍‌ସିଆର ବୈଜ୍ଞାନିମାନେ ଏକ ସ୍ୱୟଂଚାଳିତ ସ୍ମାର୍ଟ ମେସିନ୍ ତିଆରି କରିଛନ୍ତି। ଏହାର ନାଁ ଏସିଆଇଏସ୍। ଏହି ମେସିନ୍‌ଟି ଡାକ୍ତରଙ୍କ ତତ୍ତ୍ୱାବଧାନରେ କାମ କରିବ। ରୋଗୀଙ୍କୁ ଔଷଧ ଦେବା ସହ ସ୍ୱାସ୍ଥ୍ୟସ୍ଥିତିକୁ ନଜର ରଖିବ। ଡାକ୍ତର ରୋଗୀର ରକ୍ତ ଚାପ କେତେ ରହିବ, ହୃଦ୍‌ଗତି, ଅମ୍ଳଜାନ କେତେ ଆବଶ୍ୟକ ଏହା ଧାର୍ଯ୍ୟ କରନ୍ତି। ମେସିନ୍‌ଟି ପୀଡ଼ିତଙ୍କ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଔଷଧ ମାତ୍ରା ଦେବ। ପ୍ରାୟତଃ ଡାକ୍ତର ରୋଗୀଙ୍କୁ ଔଷଧ ଦେଇ ତାର ପ୍ରଭାବକୁ ନଜର ରଖି ଆବଶ୍ୟକ ହେଲେ ଔଷଧ ବଦଳାନ୍ତି। ଏହି ମେସିନ୍ ପ୍ରତି ମିନିଟ୍‌କୁ ରୋଗୀଙ୍କୁ ନଜର ରଖିବ। ଆବଶ୍ୟକ ହେଲେ ଔଷଧ ବଦଳାଇବ। ମେସିନ୍‌ଟି ସେବିକା ଏବଂ ଡାକ୍ତରଙ୍କ କାମ ସହଜ କରିବ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳଥିବା ରୋଗୀଙ୍କ ପାଇଁ ମେସିନ୍‌ଟି ବରଦାନ ସଦୃଶ। ହୃଦ୍‌ଘାତ ରୋଗୀଙ୍କୁ ଏହା ସାହାଯ୍ୟ କରିବ। ହୃଦ୍‌ଘାତ ପରେ ହୃଦୟ ଉପରେ ଅଧିକ ଚାପ ପଡ଼ିଥାଏ। ମେସିନ୍ ଏହି ରୋଗୀଙ୍କ ଦେଖାଶୁଣା ସହ ଶରୀରର ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ। ଆଗାମୀ ଦିନରେ ସ୍ମାର୍ଟ ମେସିନ୍ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।


# ଆଣ୍ଠୁ ଯନ୍ତ୍ରଣା ଦୂର ପାଇଁ ପଛୁଆ ଚାଲି

ସୁସ୍ଥ ଓ ଫିଟ୍ ରହିବାକୁ ବିଶେଷଜ୍ଞମାନେ ଚାଲିବାକୁ ସୁପାରିସ କରନ୍ତି। ସାଧାରଣତଃ ଦଶ ହଜାର ପାଦ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଥାଏ। ହେଲେ ଅଫିସ୍, ଘର ତଥା ବିଭିନ୍ନ ଦାୟିତ୍ୱ ଭିତରେ ଲୋକେ ଦଶ ହଜାର ପାଦ ଚାଲିପାରନ୍ତି ନାହିଁ। ଏଥିପାଇଁ ଜଣେ ରେଟ୍ରୋ ୱାକିଂ ବା ପଛକୁ ଚାଲି ପାରିବେ। ଏଥିରେ ଜଣେ ବ୍ୟକ୍ତିଙ୍କୁ ଦିନରେ ୫ରୁ ୧୦ ମିନିଟ୍ ପଛକୁ ଚାଲିବାକୁ ହୋଇଥାଏ। ୧୦୦ଥର ପଛକୁ ଚାଲିବା ପାଖାପାଖି ୧୦୦୦ ସାଧାରଣ ପାଦ ଚାଲିବା ସହିତ ସମାନ। ଆରମ୍ଭରୁ କାନ୍ଥ କିମ୍ବା ରେଲିଂ ସାହାରା ନେଇ ଏହି ଚାଲିବା ଅଭ୍ୟାସ କରାଯାଏ। ପରେ ସମତଳ ସ୍ଥାନ ଯଥା ହଲ୍ ବା ଉଦ୍ୟାନରେ ଚାଲିବାକୁ ହୋଇଥାଏ। ଏହି ଚାଲିବା ଶୈଳୀରୁ ଶରୀରର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ। ଆଣ୍ଠୁଗଣ୍ଠି, ପିଠି ଯନ୍ତ୍ରଣା ଦୂର ହୋଇପାରେ। ମାନସିକ ଏକାଗ୍ରତା ବୃଦ୍ଧି ପାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।

# ଓଜନ କମାଇବ ବ୍ରୋକଲି

**ବ୍ରୋକଲିରେ ଭିଟାମିନ୍, ଖଣିଜଦ୍ରବ୍ୟ ଏବଂ ଫାଇବର ରହିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ଦୂର କରିଥାଏ। ଓଜନ ହ୍ରାସ କରୁଥିବା ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।**

- ବ୍ରୋକଲିରେ କମ୍ କ୍ୟାଲୋରୀ ଏବଂ ଫାଇବର ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ପେଟ ଭରି ରହେ। ଓଜନ ନିୟନ୍ତ୍ରଣ ସହିତ ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ।
- ବ୍ରୋକଲି ରକ୍ତଚାପକୁ ସନ୍ତୁଳିତ ରଖେ। ଖରାପ କୋଲେଷ୍ଟ୍ରଲକୁ କମ୍ କରେ।
- କ୍ୟାଲ୍‌ସିୟମ ଏବଂ ଭିଟାମିନ୍-କେ'ରେ ଭରପୁର ବ୍ରୋକଲି ଅସ୍ଥିକୁ ଶକ୍ତ କରି ଅଷ୍ଟିଓପୋରୋସିସ ପରି ସମସ୍ୟାକୁ କମ୍ କରେ। ଛୋଟ ପିଲା, ମହିଳା ଏବଂ ବୟସ୍କଙ୍କ ପାଇଁ ବ୍ରୋକଲି ସେବନ ହିତକର। ଏଥିରେ ଥିବା ଲୌହସାର ରକ୍ତ ଅଭାବକୁ ପୂରାକରେ।
- ଏହା ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଏ।



**ପୁରୁଷ ହକି ଇଣ୍ଡିଆ ଲିଗ୍**

# କାଲିଠୁ କମ୍ପିବ କଳିଙ୍ଗ: ଖେଳାଯିବ ୧୪ ମ୍ୟାଚ୍

## ଘରୋଇ ମାଟିରେ ଦ୍ୱିତୀୟ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ



ଭୁବନେଶ୍ୱର, ୧୫।୧ (ସମିସ): ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ୭ମ ସଂସ୍କରଣର ଚେନ୍ନଇ ଓ ରାଞ୍ଚି ଲେଗ୍ ଶୁକ୍ରବାର ଶେଷ ହେବ। ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଗ୍ରାଣ୍ଡ ଫାଇନାଲ ସମେତ ୯ଟି ଲିଗ୍, ୨ଟି କ୍ୱାଲିଫାୟର ଏବଂ ଗୋଟିଏ ଲେଖାଏ ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ରହିଛି। ସାଧାରଣତନ୍ତ୍ର ଦିବସରେ ଉଭୟ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ। ଫଳରେ ଶନିବାରଠୁ ୧୦ ଦିନ ଧରି କମ୍ପିବ କଳିଙ୍ଗ। ବିଶ୍ୱର ଅନେକ ତାରକା ହକି ଖେଳାଳିଙ୍କ କ୍ରୀଡ଼ା କୌଶଳକୁ ଅତି ନିକଟରୁ ପୁଣିଥରେ ଦେଖିବାର ସୁଯୋଗ ପାଇବେ ଓଡ଼ିଶାର କ୍ରୀଡ଼ାପ୍ରେମୀ।

### ପଏଣ୍ଟ ଟେବଲ୍

| ଦଳ | ମ୍ୟାଚ୍ | ବିଜୟ | ସୁ.ବି. | ସୁ.ପ. | ପରାଜୟ | ପଏଣ୍ଟ |
|---|---|---|---|---|---|---|
| କଳିଙ୍ଗ ଲାନ୍ସର୍ସ | ୪ | ୩ | ୧ | ୦ | ୦ | ୧୧ |
| ଏଚ୍ଆଇଏଲ୍ ଜିସି | ୫ | ୩ | ୦ | ୧ | ୧ | ୧୦ |
| ତାମିଲନାଡୁ ଡ୍ରାଗନ୍ସ | ୫ | ୧ | ୨ | ୦ | ୨ | ୭ |
| ରାଞ୍ଚି ରୟାଲ୍ସ | ୪ | ୨ | ୦ | ୦ | ୨ | ୬ |
| ବେଙ୍ଗଲ ଟାଇଗର୍ସ | ୫ | ୨ | ୦ | ୦ | ୩ | ୬ |
| ହାଇଦରାବାଦ | ୫ | ୧ | ୦ | ୨ | ୨ | ୫ |
| ସୁରମା ହକି କ୍ଲବ | ୪ | ୧ | ୧ | ୦ | ୨ | ୫ |
| ଏସ୍‌ଜି ପାଇପର୍ସ | ୪ | ୧ | ୦ | ୧ | ୨ | ୪ |

ବି.ଦ୍ର.: ସୁ.ବି.- ସୁଟ୍ଆଉଟ୍ ବିଜୟ, ସୁ.ପ- ସୁଟ୍ଆଉଟ୍ ପରାଜୟ

### ଅପରାଜେୟ ସହ ଶୀର୍ଷରେ କଳିଙ୍ଗ

ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ସଂସ୍କରଣରେ ବେଶ୍ ଦମ୍‌ଦାର ପ୍ରଦର୍ଶନରେ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୧ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଘରୋଇ ପରିବେଶରେ ଲାନ୍ସର୍ସ ଲିଗ୍ ପର୍ଯ୍ୟାୟର ଆଉ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଚେନ୍ନଇ ଓ ରାଞ୍ଚିରେ ହାସଲ କରିଥିବା ବିଜୟଧାରାକୁ ଭୁବନେଶ୍ୱରରେ ବଜାୟ ରଖିବାକୁ ଲାନ୍ସର୍ସ ଲକ୍ଷ୍ୟ ରଖିଛି। ଏଚ୍ଆଇଏଲ୍ ଇତିହାସରେ କଳିଙ୍ଗ ଲାନ୍ସର୍ସ ୨୦୧୭ରେ ଥରେ ମାତ୍ର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ତେଣୁ ୯ ବର୍ଷ ପରେ କଳିଙ୍ଗ ଘରୋଇ ପରିବେଶରେ ଏହାର ଦ୍ୱିତୀୟ ଟାଇଟଲ୍ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଟର୍ଫକୁ ଓହ୍ଲାଇବ।

### କଳିଙ୍ଗ ପର୍ଯ୍ୟାୟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୧୭ ।୧ | ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା |
| ୧୭ ।୧ | କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ |
| ୧୮ ।୧ | ଏସ୍‌ଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ | ସନ୍ଧ୍ୟା ୫ଟା |
| ୧୮ ।୧ | କଳିଙ୍ଗ ଲାନ୍ସର୍ସ-ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ |
| ୧୯ ।୧ | ଏଚଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୦ ।୧ | ହାଇଦରାବାଦ୍ ତୁଫାନ୍ସ-ଏଚଆଇଏଲ୍ ଜିସି | ସନ୍ଧ୍ୟା ୫ଟା |
| ୨୦ ।୧ | କଳିଙ୍ଗ ଲାନ୍ସର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୧ ।୧ | ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୨ ।୧ | ଏସ୍‌ଜି ପାଇପର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୩ ।୧ | କ୍ୱାଲିଫାୟର-୧ (ପ୍ରଥମ ବନାମ ଦ୍ୱିତୀୟ) | ସନ୍ଧ୍ୟା ୫ଟା |
| ୨୩ ।୧ | ଏଲିମିନେଟର୍ (ତୃତୀୟ ବନାମ ଚତୁର୍ଥ) | ରାତି ୭ଟା ୩୦ |
| ୨୫ ।୧ | କ୍ୱାଲିଫାୟର-୨ (କ୍ୱା.-୧ ପରାଜିତ - ଏ.ବିଜେତା) | ରାତି ୭ଟା ୩୦ |
| ୨୬ ।୧ | କାଂସ୍ୟ ପଦକ ମ୍ୟାଚ୍ | ସନ୍ଧ୍ୟା ୫ଟା |
| ୨୬ ।୧ | ଫାଇନାଲ | ରାତି ୭ଟା ୩୦ |

**ସମସ୍ତ ମ୍ୟାଚ୍ ସୋନି ସ୍ପୋର୍ଟ୍ସ ଓ ଡିଡି ସ୍ପୋର୍ଟ୍ସରେ ପ୍ରସାରିତ ହେବ**

### କଳିଙ୍ଗରେ ଟିକଟ ଫ୍ରି

ଓଡ଼ିଶାର କ୍ରୀଡ଼ାପ୍ରେମୀ ଏଥର କଳିଙ୍ଗରେ ଖେଳାଯିବାକୁ ଥିବା ସମସ୍ତ ୧୪ଟି ମ୍ୟାଚକୁ ମାଗଣାରେ ଦେଖିପାରିବେ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ନିକଟରେ ଏହା ଘୋଷଣା କରିଥିଲେ। ଦର୍ଶକମାନେ https://ticketgenie.in/event/Hero-Hockey-India-League-2025-26 ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ।

## ସୁରମା ହକି କ୍ଲବ୍‌ରୁ ବଡ଼ ବିଜୟ

ରାଞ୍ଚି,୧୫।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୧ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌କୁ ହରାଇ ବଡ଼ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସୁରମା ପକ୍ଷରୁ ପ୍ରଥମ ୩ଟି ଗୋଲ ହୋଇଥିଲା। ଅଧିନାୟକ ହରମନପ୍ରୀତ ସିଂହ ୨ଟି ଓ ଗୁରଜାନ୍ତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ସୁର୍‌ମା ୨-୦ ଗୋଲରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ୩୮ତମ ମିନିଟ୍‌ରେ ସୁରମା ପକ୍ଷରୁ ହରମନପ୍ରୀତ୍ ଫିଲ୍ଡ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲା। କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିଲାବେଳେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ କେନ୍ ରସେଲ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଆସନ୍ତାକାଲି ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁକାବିଲା ସହ ହକି ଇଣ୍ଡିଆର ଲିଗ୍‌ର ରାଞ୍ଚି ଲେଗ୍ ଶେଷ ହେବ। ଏହା ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏଚ୍ଆଇଏଲ୍‌ର ତୃତୀୟ ତଥା ଶେଷ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ଆରମ୍ଭ ହେବ।

## ସ୍କିଭରଙ୍କ ୧୦ମ ଅର୍ଦ୍ଧଶତକ

ନଭି ମୁମ୍ବଇ, ୧୫ ।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୮ମ ମ୍ୟାଚରେ ଗୁରୁବାର ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଭିଜ୍ଞ ବ୍ୟାଟର୍ ନାଟାଲୀ ସ୍କିଭର-ବ୍ରଣ୍ଟ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଇଂଲଣ୍ଡର ଏହି ଡାହାଣହାତୀ ବ୍ୟାଟର୍ ୪୩ ବଲରେ ୬୫ ରନ କରିଥିଲେ। ଯେଉଁଥିରେ ସେ ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଡବ୍ଲ୍ୟୁପିଏଲ୍‌ରେ ନାଟାଲୀଙ୍କ ଏହା ୧୦ମ ଅର୍ଦ୍ଧଶତକୀୟ ପାଳି ଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଅମନଜୋତ୍ କୌର ୩୮, ଅଧିନାୟିକା ହରମନପ୍ରୀତ୍ କୌର ୧୬, ଜି. କମଲିନୀ ୫, ନିକୋଲା କାରେ ଅପରାଜିତ ୩୧ ରନ କରିଥିଲେ। ପ୍ରତିପକ୍ଷ ୱାରିୟର୍ଜର ଶିଖା ପାଣ୍ଡେ, ଦୀପ୍ତି ଶର୍ମା, ଆଶା ଶୋଭନା ଓ ସୋଫି ଇକଲେଷ୍ଟୋନ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍‌ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ।

**■ ଜାତୀୟ ଖୋ ଖୋ'ରେ ଓଡ଼ିଶାକୁ ଡବଲ୍ ପଦକ**


## ମହିଳାଙ୍କୁ ରୌପ୍ୟ; ପୁରୁଷ ଜିତିଲେ କାଂସ୍ୟ



ଭୁବନେଶ୍ୱର, ୧୫।୧ (ସମିସ): ତେଲଙ୍ଗାନାର କାଜିପେଟସ୍ଥିତ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିଅର ଚାମ୍ପିଅନସିପ୍‌ର ୫୮ତମ ସଂସ୍କରଣରେ ଓଡ଼ିଶା ଡବଲ୍ ପଦକ ସଫଳତା ପାଇଛି। ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କାଂସ୍ୟରେ ସନ୍ତୁଷ୍ଟ ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ଫାଇନାଲରେ ଓଡ଼ିଶା କଡ଼ା ସଂଘର୍ଷ କରିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ (୨୩-୨୨)ରେ ଶକ୍ତିଶାଳୀ ମହାରାଷ୍ଟ୍ର ନିକଟରୁ ହାରିଯାଇଛି। ଗତ ବର୍ଷ ପୁରୀରେ ଅନୁଷ୍ଠିତ ୫୭ତମ ସଂସ୍କରଣରେ ମଧ୍ୟ ଓଡ଼ିଶାକୁ ହରାଇ ମହାରାଷ୍ଟ୍ର ମହିଳା ଦଳ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ପୁରୁଷ ବିଭାଗରେ ରେଳବାଇ ଦଳ ୨୬-୨୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ବଜାୟ ରଖିଛି। ପୁରୁଷରେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ବିଜୟୀ ହୋଇଛି। ମହିଳା ବିଭାଗରେ ଅର୍ଚ୍ଚନା ମାଝୀ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ହୋଇଛନ୍ତି। ପଦକ ବିଜୟୀ ଓଡ଼ିଶା ଦଳକୁ ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ନ୍ୟୁଜିଲାଣ୍ଡ ସିରିଜ୍‌ରୁ ସୁନ୍ଦର ବାଦ୍; ବିଶ୍ୱକପ୍‌ରେ ଖେଳିବା ନେଇ ସନ୍ଦେହ

ମୁମ୍ବଇ,୧୫।୧(ଏଜେନ୍ସି): ଆହତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ଏଯାଏ ଅନ୍ୟ କୌଣସି ଖେଳାଳିଙ୍କୁ ସାମିଲ କରିନାହିଁ। ନ୍ୟୁଜିଲାଣ୍ଡ ସିରିଜ୍ ଲାଗି ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ, କିନ୍ତୁ ଜାନୁଆରୀ ୩୦ ସୁଦ୍ଧା ବିଶ୍ୱକପ୍ ଲାଗି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ସହ ବରୋଦାରେ ଜାନୁଆରୀ ୯ ତାରିଖ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବୋଲିଂ କରୁଥିଲାବେଳେ ସୁନ୍ଦର ଆହତ ହୋଇଥିଲେ। ଏହା ପରେ ତାଙ୍କୁ ଅବଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସ୍କାନ ପରେ ଆହତ ସମସ୍ୟା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଖୁବ୍ ଶୀଘ୍ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଯୋଗ ଦେବାକୁ କୁହାଯାଇଛି। ତାଙ୍କ ବଦଳରେ କିଏ ଦଳରେ ସାମିଲ ହେବେ ତାହା ସ୍ଥିର ହୋଇନାହିଁ।



ସେହିପରି ବିଜୟ ହଜାରେ ଟ୍ରଫି ଖେଳୁଥିବାବେଳେ ତିଲକ ବର୍ମା ଆହତ ହୋଇଥିଲେ। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଉଭୟଙ୍କ ଆହତ ସମସ୍ୟା ଗୁରୁତର ହୋଇଥିବାରୁ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ସନ୍ଦେହ ରହିଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ: ହେନିଲ ପଟେଲଙ୍କୁ ୫ ୱିକେଟ୍**

## ବର୍ଷାରେ ଭାରତର ବିଜୟ ଅଭିଯାନ



ବୁଲାୱାୟୋ,୧୫।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟରେ ପରାସ୍ତ କରି ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ଗଠିତ ଭାରତ ୧୯ ବର୍ଷରୁ କମ୍ ଦଳ ବିଶ୍ୱକପ୍‌ରେ ବିଜୟଅଭିଯାନ ଆରମ୍ଭ କରିଛି। ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରିଥିଲା। ଦଳ ପକ୍ଷରୁ ନୀତୀଶ ସୁଦିନ ସର୍ବାଧିକ ୩୬, ଅଦନିତ ଝାମ୍ବ ୧୮, ସାହିଲ ଗର୍ଗ ଓ ଅର୍ଜୁନ ମହେଶ ୧୬ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ବାମହାତୀ ପେସ୍ ବୋଲର ହେନିଲ ପଟେଲ ୫ଟି ୱିକେଟ ପାଇଥିଲେ।

ଜବାବରେ ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ତୃତୀୟ ଓଭରରେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ସେ ମାତ୍ର ୨ ରନ୍‌ରେ ପ୍ରତିପକ୍ଷ ପେସ୍ ବୋଲର ରିତଭିକ୍ ଆପିଡିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୪ ଓଭରରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲାବେଳେ ବର୍ଷା ଓ ଘଡଘଡି ଯୋଗୁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡିବା ପରେ ମ୍ୟାଚ୍‌କୁ ୩୭ ଓଭର ବିଶିଷ୍ଟ କରାଯାଇଥିଲା ଓ ୩୭ ଓଭରରେ ୯୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୭.୨ ଓଭରରେ ୪ ୱିକେଟ ହରାଇ ୯୯ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ମ୍ୟାଚ୍ ଜିତିଲା ବେଳକୁ ଅଭିଜ୍ଞାନ କୁଣ୍ଡୁ ୪୨ ଓ କନିସ୍କ ଚୋହାନ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟୂଷ ମାହାତ୍ରେ ୧୯, ବିହାନ ମାଲହୋତ୍ରା ୧୮ ଓ ବେଦାନ୍ତ ତ୍ରିବେଦୀ ୨ ରନ୍ କରିଥିଲେ। ଆପିଡିଙ୍କୁ ୨ଟି ୱିକେଟ ମିଳିଥିଲା। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ସହ ଜାନୁଆର ୧୭ରେ ଖେଳିବ।

### ଶୁକ୍ରବାର ବିଶ୍ୱକପ୍ ମୁକାବିଲା

| | |
|---|---|
| ପାକିସ୍ତାନ ବନାମ ଇଂଲଣ୍ଡ | ହରାରେ |
| ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ୱିଣ୍ଡୋହକ୍ |
| ଆଫଗାନିସ୍ତାନ- ଦକ୍ଷିଣ ଆଫ୍ରିକା | ୱିଣ୍ଡୋହକ୍ |

### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

ୱିଣ୍ଡୋହକ୍: ଏହି ବିଶ୍ୱକପ୍‌ର ପ୍ରଥମ ଦିନରେ ଆଉ ୨ଟି ମ୍ୟାଚ୍ ଖେଳାଯାଇଥିଲା। ନାମିବ୍ୟାର ୱିଣ୍ଡୋହକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ତାଞ୍ଜାନିଆକୁ ପରାସ୍ତ କରିଛି। ସେହିପରି ବର୍ଷା, ଖରାପ ପାଗ ଓ ଓଦା ପଡ଼ିଆ ଯୋଗୁଁ ଘରୋଇ ଜିମ୍ବାୱେ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରାଯାଇଛି। ନାମିବ୍ୟାର ୱିଣ୍ଡୋହେକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାଞ୍ଜାନିଆ ୧୨୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଓପନର ତାନେଜ ଫ୍ରାନସିସ୍ ୫୨ ଓ ଜୁଏଲ ଆଣ୍ଡ୍ର୍ୟୁ ୪୪ ରନ୍ କରିଥିଲେ। କିନ୍ତୁ ତାଞ୍ଜାନିଆ ଇନିଂସରେ ୭ ଓଭରରୁ ୨୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ଶାକ୍ୱାନ ବେଲେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜାତୀୟ ମହିଳା ଫୁଟ୍‌ବଲ୍ ଦଳରେ ୩ ଓଡ଼ିଆ







କଟକ,୧୫।୧(ସମିସ): ଏଏଫସି ମହିଳା ଏସିଆ କପ୍ ପୂର୍ବରୁ ଭାରତୀୟ ମହିଳା ଫୁଟବଲ ଦଳ ଏକ୍ସପୋଜର ଟୁର୍‌ରେ ତୁର୍କୀ ଯାତ୍ରା କରିଛି। ସେଠାରେ ଏଫସି ମେଟାଲିଷ୍ଟ, ଏଫସି କୁରିକ ଏବଂ ଏଫସି ସିଲିରେନ୍ ବିପକ୍ଷରେ ତିନୋଟି ମ୍ୟାଚ୍ ଖେଳିବ। ତେବେ ୨୬ ଜଣିଆ ଭାରତୀୟ ଦଳରେ ତିନି ଓଡ଼ିଆଙ୍କୁ ସ୍ଥାନ ମିଳିଛି। ଏମାନେ ହେଲେ ମିଡଫିଲ୍ଡର ଯଶୋଦା ମୁଣ୍ଡା, ଫରୱାର୍ଡ ପ୍ୟାରୀ ଖାଖା ଏବଂ ଡିଫେଣ୍ଡର ଜୁଲି କିଶାନ। ହରିୟାଣାର ଗୁରୁଗ୍ରାମରେ ତିନି ଦିନିଆ ଅଭ୍ୟାସ ସେସନ ଶେଷ କରିବା ପରେ ତିନିଜଣ ଜାତୀୟ ଦଳ ସହ ତୁର୍କୀ ଯାତ୍ରା କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଉପରୋକ୍ତ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶନିବାରରୁ

ଭୁବନେଶ୍ୱର,୧୫।୧(ସମିସ): ସମର୍ଥନମ୍ ଟ୍ରଷ୍ଟ, କ୍ରିକେଟ ଆସୋସିଏସନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ଏବଂ କ୍ରିକେଟ ଆସୋସିଏସନ ଫର ଭିଜୁଆଲି ଇମ୍ପେଆରଡ୍ (ସିଏଭିଆଇ)ର ମିଳିତ ସହଯୋଗରେ ଇଣ୍ଡସଇଣ୍ଡ ବରିଷ୍ଠ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆୟୋଜିତ ହେବ। ରାଜଧାନୀ ଉପକଣ୍ଠସ୍ଥ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଜାନୁଆରୀ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ମଧ୍ୟପ୍ରଦେଶ (ଚାମ୍ପିଅନ), ରାଜସ୍ଥାନ, ତାମିଲନାଡୁ ଓ କେରଳ, ଗ୍ରୁପ୍-ବି'ରେ କର୍ଣ୍ଣାଟକ, ଝାଡଖଣ୍ଡ, ଦିଲ୍ଲୀ ଓ ଗୁଜରାଟ, ଗ୍ରୁପ୍-ସି'ରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର ଓ ଚଣ୍ଡିଗଡ, ଗ୍ରୁପ୍-ଡି'ରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ, ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, ହରିୟାଣା ଓ ଆସାମ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ୍ ଅଡିଟୋରିୟମ୍‌ରେ ଆସନ୍ତାକାଲି ରାତି ୮ଟା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକ୍‌ବାଲ ଜଣାଇଛନ୍ତି।

## ନୀରଜଙ୍କ ନୂଆ କୋଚ୍

ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନୂଆ କୋଚ୍ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସିଜନ ପୂର୍ବରୁ ଏହି ପ୍ରସ୍ତୁତି ଲାଗି ନୀରଜ ଦକ୍ଷିଣ ଆଫ୍ରିକାର ପୋଶ୍ଚେଷ୍ଟ୍ରମକୁ ପସନ୍ଦ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ନୂଆ କୋଚ୍ ଚୌଧୁରୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ୩୨ ଦିନିଆ ଏହି ପ୍ରସ୍ତୁତି ଲାଗି ଅନୁମତି ପ୍ରଦାନ କରିଛି। ଏଥିଲାଗି ସାଇ ୧୧.୮୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଗତ ସପ୍ତାହରେ ନୀରଜ ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ଜାଭେଲିନ ଥ୍ରୋ' ପ୍ରଶିକ୍ଷକ ଜାନ୍ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଥିଲେ।

**ଦର୍ଶନଙ୍କୁ ୫ ୱିକେଟ; ଅମନଙ୍କ ଶତକ**

## ବିଜୟ ହଜାରେ ଟ୍ରଫି ଫାଇନାଲରେ ବିଦର୍ଭ

ବେଙ୍ଗାଲୁରୁ,୧୫।୧(ଏଜେନ୍ସି): ଦର୍ଶନ ନାଲକାଣ୍ଡେଙ୍କ ଘାତକ ବୋଲିଂ ଓ ଅମନ ମୋଖାଡେଙ୍କ ଶତକ ସହାୟତାରେ ବିଦର୍ଭ ୬ ୱିକେଟରେ କର୍ଣ୍ଣାଟକକୁ ଏଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବିଦର୍ଭ ସହ ଆସନ୍ତା ରବିବାର ୧୮ ତାରିଖରେ ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଦର୍ଶନ ନାଲକାଣ୍ଡେ ୪୮ ରନ୍‌ରେ ୫ ଓ ୟଶ ଠାକୁର ୬୪ ରନ୍‌ରେ ୨ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ୨୮୦ ରନ୍ କରିଥିଲା। କରୁନ ନାୟାର ୭୬ ଓ କ୍ରିଷନ ଶ୍ରୀଜିତ ୫୪ ରନ କରିଥିଲେ। ଜବାବରେ ଅମନ ମୋଖାଡେଙ୍କ ୧୨୨ ବଲ୍‌ରେ ୧୩୮, କର୍ଣ୍ଣାଟକର ପୂର୍ବତନ ଖେଳାଳି ରବିକୁମାର ସମର୍ଥଙ୍କ ଅପରାଜିତ ୭୬ ଓ ଧ୍ରୁବ ସୋରୀଙ୍କ ୪୭ ରନ୍ ସହାୟତାରେ ବିଦର୍ଭ ୭ ୱିକେଟ ଓ ୩.୪ ଓଭର ଖେଳ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପ୍ରତିପକ୍ଷ ଦଳର ଅଭିଳାଷ ସେଟ୍ଟୀଙ୍କୁ ୩ ୱିକେଟ ମିଳିଥିଲା। ଅମନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ବାଂଲା ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲା ବୋର୍ଡ**

## ତାମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ନଜମୁଲ ବହିଷ୍କୃତ

ଢାକା,୧୫।୧(ଏଜେନ୍ସି): ମୁସ୍ତାଫିଜୁର ରହେମାନ ବିବାଦରେ ବାଂଲାଦେଶର ବିସ୍ଫୋରକ ଓପନର ତାମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ବୋର୍ଡ ନିର୍ଦ୍ଦେଶକ ଏମ୍ ନାଜମୁଲ ଇସ୍‌ଲାମଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ ବହିଷ୍କୃତ କରିଛି। ଏହା ସହ ତାଙ୍କ ଉପରେ ଥିବା ସମସ୍ତ ଦାୟିତ୍ୱକୁ ବୋର୍ଡ ପ୍ରତ୍ୟାହାର କରିନେଇଛି। ତାଙ୍କୁ ମଧ୍ୟ ବୋର୍ଡର ଅର୍ଥନୈତିକ କମିଟିର ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ଏହା କେବଳ ସମ୍ଭବ ହୋଇଛି ବାଂଲାଦେଶ ଖେଳାଳିଙ୍କ ଯୋଗୁଁ। ଖେଳାଳି କଲ୍ୟାଣ ସଂଘ ଓ ପ୍ରାୟ ସମସ୍ତ ବରିଷ୍ଠ ଖେଳାଳି ତାମିମ୍‌ଙ୍କ ପ୍ରତି ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ସେ (ନାଜମୁଲ) ତାଙ୍କ ମନ୍ତବ୍ୟ ଲାଗି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ଓ ପରେ ଇସ୍ତଫା ଦିଅନ୍ତୁ ବୋଲି ବାଂଲା ଖେଳାଳି ସଂଘ ଦାବି କରିଥିଲା। କିନ୍ତୁ ନାଜମୁଲ କ୍ଷମା ତ ମାଗି ନ ଥିଲେ, ବରଂ ଭାରତ-ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରି ଆସିଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଘୋଷଣା କରି ଆଉଏକ ବିବାଦ ସୃଷ୍ଟି କରିଥିଲେ। ଏହାର ପ୍ରଭାବ ଆଜି ଦେଖାଦେଇଥିଲା। ନାଜମୁଲ୍‌ଙ୍କୁ ବହିଷ୍କାର କରାଯିବା ଦାବିରେ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଅଟଳ ରହିଥିଲେ। ଏ ସମ୍ପର୍କରେ ବୋର୍ଡ କିଛି ନିଷ୍ପତ୍ତି ନ ନେବାରୁ ଆଜି ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଥିବା ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଏହା ଫଳରେ ଆଜି ହେବାକୁ ଥିବା ମ୍ୟାଚ୍ ସମ୍ଭବ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ବାଂଲା କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ନିର୍ଦ୍ଦେଶକ ପଦରେ ଥିବା ନାଜମୁଲଙ୍କୁ ବୋର୍ଡରୁ ବହିଷ୍କାର କରିଛନ୍ତି।



ସୂଚନାଯୋଗ୍ୟ ବାଂଲା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ଭାରତରେ ହେଉଥିବା ଆଇପିଏଲ୍‌ରୁ ବିଦା କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ରହେମାନଙ୍କୁ ବିଦା କରିବା ପରେ ବାଂଲାଦେଶ ଭାରତରେ ବିଶ୍ୱକପ୍ ଖେଳୁ ବୋଲି ତାମିମ୍ ଇଚ୍ଛା ପ୍ରକାଶ କରିଥିଲେ। ଏଥିଲାଗି ନାଜମୁଲ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରି ସମାଲୋଚନା କରିଥିଲେ। ଏହା କିନ୍ତୁ ଖେଳାଳିଙ୍କୁ ବହୁତ ବାଧିଥିଲା। ସମସ୍ତ ବରିଷ୍ଠ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଏହାକୁ ଦୃଢ଼ ବିରୋଧ କରିବା ସହ ନାଜମୁଲଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଶେଷରେ ଖେଳାଳିଙ୍କ ଦାବି ଆଗରେ ବୋର୍ଡ ମୁଣ୍ଡ ନୁଆଁଇଥିଲା ଓ ନାଜମୁଲ୍‌ଙ୍କୁ ସମସ୍ତ ପଦରୁ ବହିଷ୍କାର କରିଥିଲା। ଦୀର୍ଘ ୧୬ ବର୍ଷ ଧରି ବାଂଲାଦେଶ ପକ୍ଷରୁ କ୍ରିକେଟ ଖେଳିଥିବା ତାମିମ୍‌ଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଖେଳାଳି ସଂଘ ଗ୍ରହଣ କରିପାରି ନ ଥିଲେ। ପରେ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଗଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି କହିବା ପରେ ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏବେ ସେ ବହିଷ୍କୃତ ହେବା ପରେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS